RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in



ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ନିରନ୍ତର ଉଦ୍ୟମ ବଳରେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା। ସେଦିନର ସେଇ ଅଭୁଲା ସ୍ମୃତିକୁ ମନେ ପକାଇ ଆମେ ପ୍ରତିବର୍ଷ ଏହି ଦିନକୁ 'ଓଡ଼ିଶା ଦିବସ' ଭାବେ ପାଳି ଆସୁଛୁ। ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-273 ♦WEDNESDAY ♦01 APRIL 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୨୭୩ ♦ବୁଧବାର ♦୦୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଭିତର ପୃଷ୍ଠାରେ
ଆନ୍ଧ୍ର ନାବାଳିକାଙ୍କୁ ଓଡ଼ିଶାରେ ଗଣଦୁଷ୍କର୍ମ | ବୀର ବିକ୍ରମ ଯାଦବ ଡିଜିସିଏ ଅଧ୍ୟକ୍ଷ | ଇରାନ ଅସ୍ତ୍ରଭଣ୍ଡାର ଉପରେ ଆମେରିକାର ବଙ୍କର ବଷ୍ଟର ମାଡ଼

# ବିଧାନସଭାରେ ବିଜୁ ନିଆଁ

## ଦୁବେଙ୍କ ମନ୍ତବ୍ୟକୁ ସବୁ ଦଳର ବିରୋଧ: ଆସିଲା ନିନ୍ଦା ପ୍ରସ୍ତାବ



### ଓଡ଼ିଶାକୁ ଅପମାନ ଘଟଣାରେ ନିରବଦ୍ରଷ୍ଟା ହେବନାହିଁ ଓଡ଼ିଆ ଜାତି

### ନିନ୍ଦା ପ୍ରସ୍ତାବ ଗୃହୀତ ନ ହେଲେ ଭବିଷ୍ୟତ କ୍ଷମା ଦେବନାହିଁ: ବିଜେଡି

### ଦେଶଦ୍ରୋହ ଆଇନରେ ବିଜେପି ସାଂସଦଙ୍କୁ ଗିରଫ କରାଯାଉ: କଂଗ୍ରେସ

### ବିଜୁବାବୁ ସମଗ୍ର ଓଡ଼ିଶାବାସୀଙ୍କ ସମ୍ମାନନୀୟ: ବିଜେପି

### କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା ହେବ: ବାଚସ୍ପତି

■ ଭୁବନେଶ୍ୱର, ୩୧।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ସାରା ଦେଶରେ ସୃଷ୍ଟି କରିଛି ରାଜନୈତିକ ଝଡ଼। ଦେଶର ପ୍ରାୟ ସବୁ ରାଜନୈତିକ ଦଳ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସଡ଼କରୁ ସଂସଦ ଯାଏଁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଓଡ଼ିଶା ବିଧାନସଭାରେ ବି ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ସହ ଶୂନ୍ୟକାଳରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।

ବିଜୁ ପଟ୍ଟନାୟକଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପ୍ରତି ଜଣେ ବିଜେପି ସାଂସଦଙ୍କ ଆପତ୍ତିଜନକ ମନ୍ତବ୍ୟକୁ କେହିବି ଗ୍ରହଣ କରିପାରିବେ ନାହିଁ। ଏପରି ଅଶାଳୀନ, ଅସତ୍ୟ, ଭିତ୍ତିହୀନ ମନ୍ତବ୍ୟ ଭାରତବର୍ଷର ଲୋକଙ୍କ ହୃଦୟତନ୍ତ୍ରକୁ ଦୋହଲାଇ ଦେଇଛି। ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନକୁ ଆଘାତ ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ବିଜେଡି ପକ୍ଷରୁ ଏନେଇ ଗୃହରେ ନିନ୍ଦା ପ୍ରସ୍ତାବ ନୋଟିସ ଆଗତ କରାଯାଇଥିବା ବେଳେ ଏହାର ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରିବାକୁ ବିରୋଧୀ ଦଳ ଅଡ଼ି ବସିଛନ୍ତି। ଏପରି ମନ୍ତବ୍ୟକୁ ସାରା ଭାରତବର୍ଷ ନିନ୍ଦା କରୁଛି, ତେଣୁ ଏ ଗୃହ ନିରବଦ୍ରଷ୍ଟା ହୋଇ ବସିରହିପାରିବ ନାହିଁ। ବିଜେଡି ପକ୍ଷରୁ ଦିଆଯାଇଥିବା ନୋଟିସ ଓ ସଂକଳ୍ପ କାର୍ଯ୍ୟ ପରାମର୍ଶଦାତା କମିଟି ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ବିଧାନସଭାରେ ରୁଲିଂ ଦେଇଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ ଚଳିବ ନାହିଁ, ବିଜୁ ପଟ୍ଟନାୟକ ଅମର ରହେ, ଓଡ଼ିଆ ଅସ୍ମିତା କୁଆଡ଼େ ଗଲା, ଓଡ଼ିଆ ଅସ୍ମିତା ଚୁଲିକି ଗଲା ଆଦି ସ୍ଲୋଗାନ ଦେଇ ଗୃହ ▶ପୃଷ୍ଠା-୭

## ସିଏଜି ରିପୋର୍ଟ ୨୦୨୪-୨୫: ରାଜ୍ୟ ଜିଏସ୍‌ଡିପିରେ ୬୫% ବୃଦ୍ଧି

# ନବୀନ ସରକାରରେ ଅଭିବୃଦ୍ଧିର ଶିଖରରେ ଓଡ଼ିଶା

### ଗତ ୫ ବର୍ଷରେ ଜିଏସ୍‌ଡିପି ଜାତୀୟ ଅଭିବୃଦ୍ଧି ହାର ସହ ତୁଳନୀୟ

### ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ

### ୧୦ ବର୍ଷରେ ରାଜସ୍ୱ ସଂଗ୍ରହରେ ୪୬.୬୩% ବୃଦ୍ଧି

### ୨୦୨୪-୨୫ରେ ସବ୍‌ସିଡି ୧୫%ରୁ ଅଧିକ ବଢ଼ିଛି



■ ଭୁବନେଶ୍ୱର, ୩୧।୩ (ସମିସ): ବିକାଶ ହେଉ କି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି, ସବୁ କ୍ଷେତ୍ରରେ ଓଡ଼ିଶା କେନ୍ଦ୍ରଠାରୁ ଆଗରେ। ନବୀନ ସରକାରଙ୍କ ଅମଳରେ ଓଡ଼ିଶା ଅଭିବୃଦ୍ଧି କ୍ଷେତ୍ରରେ ନୂତନ ଶିଖର ଛୁଇଁଛି। କାରଣ ପ୍ରତିବର୍ଷ ଓଡ଼ିଶାର ଜିଡିପି ଅଭିବୃଦ୍ଧି କେନ୍ଦ୍ରଠାରୁ ଅଧିକ ରହିଛି। ସେହିପରି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ପ୍ରାୟ ୬୫% ଅଭିବୃଦ୍ଧି ହାସଲ କରିଛି, ଯାହା ଏହି ଅବଧିରେ ଭାରତର ଜିଡିପି ଅଭିବୃଦ୍ଧି ୬୬.୫୬% ସହ ତୁଳନୀୟ ବୋଲି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ସମ୍ପର୍କିତ ରିପୋର୍ଟରେ କୁହାଯାଇଛି। ସେହିପରି ନବୀନଙ୍କ ଶାସନରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ବିଗତ ୧୦ ବର୍ଷର ରେକର୍ଡ ଦେଖିଲେ ରାଜ୍ୟର ରାଜସ୍ୱ ସଂଗ୍ରହରେ ୪୬.୬୩% ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ ଏହି ସୂଚନା ଦେଇଛନ୍ତି।

ବିଗତ ୧୦ ବର୍ଷରେ ଓଡ଼ିଶାର ରାଜସ୍ୱ ପ୍ରାପ୍ତି ୧୧.୫୨ ପ୍ରତିଶତ ସିଏଜିଆର୍ ସହିତ ଉପରମୁହାଁ ▶ପୃଷ୍ଠା-୭




15001/13/2526



ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0013



ସକାଳ
THE SAKALA
www.sakalaepaper.com

## ଚଞ୍ଚଳ କୁମାର ଆଇବି ସଚିବ ନିଯୁକ୍ତ



ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ପ୍ରଶାସନିକ ସ୍ତରରେ କେନ୍ଦ୍ର ସରକାର ବଡ଼ ଧରଣର ଅଦଳବଦଳ କରିଛନ୍ତି। ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦେଇଛନ୍ତି। ବିହାର କ୍ୟାଡରର ଆଇଏଏସ ଅଧିକାରୀ ଚଞ୍ଚଳ କୁମାରଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ସଞ୍ଜୟ ଜାଜୁଙ୍କ ସ୍ଥାନ ନେବେ। ସେହିପରି ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ତଥା ଏନଆଇସିର ବର୍ତ୍ତମାନର ମହାନିର୍ଦ୍ଦେଶକ ଅଭିଷେକ ସିଂହଙ୍କୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ର ନୂତନ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ୟୁଟି କ୍ୟାଡରର ରୋହିତ କାନସଲ୍ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ହେବେ। ଆଇଏଏସ ଅଧିକାରୀ ବିକ୍ରମ ଯାଦବଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

## ଜୈସ ମୁଖ୍ୟ ମାସୁଦ ଆଝାରର ଭାଇକୁ ହତ୍ୟା

ଇସଲାମାବାଦ, ୩୧।୩ (ଏଜେନ୍ସି): ପାକିସ୍ତାନରେ ଆଉ ଜଣେ ବଡ଼ ଆତଙ୍କବାଦୀର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ମାସୁଦ ଅଜହରର ଭାଇ ମହମ୍ମଦ ତାହିର ଅନୱର। ଜେଇଏମ ଏହାର ସୂଚନା ଦେଇଛି। ତେବେ କେମିତି ଏବଂ କେଉଁ ପରିସ୍ଥିତିରେ ଏହି ଆତଙ୍କବାଦୀର ମୃତ୍ୟୁ ହେଲା ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଆତଙ୍କବାଦୀ ସଂଗଠନ ପକ୍ଷରୁ କୁହାଯାଇଛି ଯେ ସୋମବାର ବିଳମ୍ବିତ ରାତିରେ ବାହାବଲପୁରର ଜାମିଆ ମସଜିଦ୍ ଉସମାନ ୱାଲିଠାରେ ତାର ଅନ୍ତିମ ସଂସ୍କାର କରାଯାଇଛି। ତାହିର ଦୀର୍ଘ ସମୟ ଧରି ଜେଇଏମ ସହିତ ଜଡ଼ିତ ଥିଲା। ସେ ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲା। ତାକୁ ମସୁଦ ଅଜହରର ଅତି ନିକଟତମ ସହଯୋଗୀ ଭାବେ ଗଣାଯାଉଥିଲା।ଭାରତରେ ଅନେକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ଜେଇଏମ ସାମିଲ ରହିଛି। ଏଥିରେ ୨୦୦୧ ସଂସଦ ଆକ୍ରମଣ, ୨୦୧୬ ପଠାନକୋଟ ଏୟାରବେସ୍ ଆକ୍ରମଣ, ଉରି ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣ ଅନ୍ତର୍ଭୁକ୍ତ। ଭାରତୀୟ ସୁରକ୍ଷା ବାହିନୀ ପୂର୍ବରୁ ଅନେକ ଥର ଜୈସର ଆଡ୍ଡାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେପ୍ଟେମ୍ବରରେ ଏହି ସଂଗଠନର ଜଣେ ବରିଷ୍ଠ କମାଣ୍ଡର ସ୍ୱୀକାର କରିଥିଲେ ଯେ 'ଅପରେସନ୍ ସିନ୍ଦୂର' ସମୟରେ ହୋଇଥିବା ଆକ୍ରମଣରେ ଅଜହର ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଏହି ଆକ୍ରମଣରେ ବାହାବଲପୁରର ଜାମିଆ ମସଜିଦ୍ 'ସୁଭାନ ଅଲ୍ଲା' ପରିସର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଏଥିରେ ଅଜହରର ପ୍ରାୟ ୧୦ ଜଣ ସମ୍ପର୍କୀୟ ଏବଂ ଅନେକ ସହଯୋଗୀ ମୃତ୍ୟୁବରଣ କରିଥିଲେ।

## ବେଙ୍ଗାଲୁରୁରେ ଇଞ୍ଜିନିୟର ଦମ୍ପତିଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୩୧।୩ (ଏଜେନ୍ସି): ବେଙ୍ଗାଲୁରୁର କୋଥନୁର ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ଇଞ୍ଜିନିୟର ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସ୍ୱାମୀଙ୍କ ମୃତଦେହ ଫ୍ଲାଟର ଏକ ବନ୍ଦ କୋଠରୀରୁ ମିଳିଥିଲା। ବାରମ୍ବାର କବାଟ ବାଡ଼େଇବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ତାଙ୍କ ସ୍ତ୍ରୀ ସିକ୍ୟୁରିଟି ଏବଂ ପଡ଼ୋଶୀମାନଙ୍କୁ ଡାକିଥିଲେ। କବାଟ ଭାଙ୍ଗିବା ପରେ ସ୍ୱାମୀଙ୍କ ମୃତଦେହ ଫାଶୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ମିନିଟ୍ ପରେ ପତ୍ନୀ ସେହି ଆପାର୍ଟମେଣ୍ଟର ୧୭ ମହଲାରୁ ଡେଇଁ ପ୍ରାଣ ହରାଇଥିଲେ। ମୃତକମାନେ ହେଉଛନ୍ତି ତେଲେଙ୍ଗାନାର ସିଦ୍ଦିପେଟ୍ ନିବାସୀ ଭାନୁ ଚନ୍ଦର ରେଡ୍ଡୀ କୁଣ୍ଟା (୩୨) ଏବଂ ତାଙ୍କ ପତ୍ନୀ ସାଜିଆ (୩୧)। ଭାନୁ ଚନ୍ଦର ଜଣେ ସଫ୍ଟୱେୟାର ଇଞ୍ଜିନିୟର ଥିଲେ ଏବଂ ଶାଜିଆ ଆଇବିଏମରେ କାମ କରୁଥିଲେ। ରେଡ୍ଡୀ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଛାଡ଼ିଛନ୍ତି, ଯେଉଁଥିରେ ସେ ନିଜର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ ନ କରିବାକୁ ଲେଖିଛନ୍ତି। ଏହି ଦମ୍ପତି ନଅ ବର୍ଷ ତଳେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟେ ଲିଭ-ଇନରେ ଥିଲେ। ବିବାହ ପରେ ସେମାନଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ତେବେ ଉଭୟଙ୍କ ପରିବାର ସେମାନଙ୍କ ସମ୍ପର୍କ ବିଷୟରେ ଅଜ୍ଞ ଥିଲେ।ବେଙ୍ଗାଲୁରୁ ପୁଲିସ ଏହି ମାମଲା ରୁଜୁ କରିଛି ଏବଂ ମୃତ୍ୟୁର କାରଣ ଖୋଜିବା ପାଇଁ ଅଧିକ ତଦନ୍ତ ଜାରି ରଖିଛି। ସ୍ୱାମୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏହାପଛରେ ଅଛି କି ନାହିଁ ତାହା ପୁଲିସ ଜାଣିବାକୁ ପ୍ରୟାସ କରୁଛି। ଏହା ବ୍ୟତୀତ ସମ୍ପର୍କରେ ତିକ୍ତତା, ମାନସିକ ଚାପ ଏବଂ ଅନ୍ୟାନ୍ୟ ଦିଗଗୁଡ଼ିକ ଉପରେ ମଧ୍ୟ ଅନୁସନ୍ଧାନ କରାଯାଉଛି। ଅଧିକାରୀଙ୍କ କହିବା ଅନୁଯାୟୀ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ପରବର୍ତ୍ତୀ ତଦନ୍ତ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଏବଂ ସମ୍ପୂର୍ଣ୍ଣ ଘଟଣାକ୍ରମ ସ୍ପଷ୍ଟ ହୋଇପାରିବ।

### ଧୋକା ଦେଲେ ଧୋକାବାଜ ଟ୍ରମ୍ପ

# କୌଣସି ଦେଶକୁ ସାହାଯ୍ୟ କରିବନି ଆମେରିକା

ୱାସିଂଟନ, ୩୧।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ନିଜ ରଙ୍ଗ ଦେଖାଇ ଦେଇଛନ୍ତି। ଯୁଦ୍ଧ ପରେ ଯୁଦ୍ଧ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ସହଯୋଗୀଙ୍କୁ ବଡ଼ ଧୋକା ଦେଇଛନ୍ତି। ଗ୍ରୀନଲାଣ୍ଡ କବ୍ଜା କରିବାକୁ

- ଆମଠୁ ତୈଳ କିଣ, ନଚେତ ସାହସ ଦେଖାଇ ହର୍ମୁଜ ପାର କର
- ଯୁଦ୍ଧରେ ପଛଘୁଞ୍ଚା ଦେବେ ନାହିଁ ଟ୍ରମ୍ପ: ବିଦେଶ ମନ୍ତ୍ରୀ



କହି ୟୁରୋପୀୟ ସହଯୋଗୀଙ୍କୁ ମଧ୍ୟରେ ଫାଟ ସୃଷ୍ଟି କରାଇଥିବା ଟ୍ରମ୍ପ ଇରାନ ଯୁଦ୍ଧ ପାଇଁ ବ୍ରିଟେନ ଆଦି ଦେଶଙ୍କୁ ଅକଳରେ ପକାଇଛନ୍ତି। ଇରାନରେ ସହାୟତା ନ କରିବାକୁ ନେଇ ନାଟୋ ଦେଶ ଉପରେ ସେ ବିଗିଡ଼ି ଯାଇଛନ୍ତି। ନୋବେଲ ଶାନ୍ତି ନ ପାଇଁ ବିଶ୍ୱରେ ଅଶାନ୍ତି ସୃଷ୍ଟି କରିଥିବା ଏହି ମାର୍କିନ ରାଷ୍ଟ୍ରପତି ଆଉ କୌଣସି ଦେଶକୁ ଆମେରିକା ସହଯୋଗ କରିବ ନାହିଁ ବୋଲି କହିଛନ୍ତି। ଆମେରିକା ସହଯୋଗୀ ହୋଇଥିବାର ଫଳ ଏବେ ବ୍ରିଟେନ ଭଳି ଦେଶକୁ ଭୋଗିବାକୁ ପଡୁଛି। ଇରାନ ଏହି ଦେଶର ତୈଳ ଟ୍ୟାଙ୍କର ଉପରେ କଟକଣା ଲଗାଇଛି। ଏହାର ସୁଯୋଗ ନେଇ ଦେଶଗୁଡ଼ିକୁ ଟ୍ରମ୍ପ ବେପାର ସହିତ ବ୍ଲାକେମଲ କରୁଛନ୍ତି।

ଟ୍ରମ୍ପ କହିଛନ୍ତି ଯେ ଏହି ଦେଶଗୁଡିକ ନିଜ ସ୍ଥିତି ନିଜେ ସମ୍ଭାଳନ୍ତୁ। ବ୍ରିଟେନ ଯେଉଁ ଦେଶ ହର୍ମୁଜ ପ୍ରଣାଳୀ ଦେଇ ଇନ୍ଧନ ଆଣିପାରୁ ନାହାନ୍ତି, ସେମାନେ ଆମେରିକାରୁ ତେଲ କିଣିବା ଉଚିତ୍, କାରଣ ଆମେରିକା ପାଖରେ ଏହାର କୌଣସି ଅଭାବ ନାହିଁ। ଯଦି ଦେଶଗୁଡ଼ିକ ଚାହାଁନ୍ତି, ତେବେ ସେମାନେ ସାହସ ଦେଖାନ୍ତୁ ଏବଂ ନିଜେ ହର୍ମୁଜ ପ୍ରଣାଳୀକୁ ଯାଇ ତେଲ ନେଇ ଆସନ୍ତୁ। ଆମେରିକା ଏହି ଦେଶଗୁଡ଼ିକୁ ସାହାଯ୍ୟ କରିବ ନାହିଁ।କାରଣ ସେମାନେ ଆମେରିକାକୁ ସାହାଯ୍ୟ କରିନାହାନ୍ତି।ଟ୍ରମ୍ପ ଇରାନ ସ୍ଥିତିକୁ ନେଇ କହିଛନ୍ତି ଯେ ଏହି ଦେଶ ଦୁର୍ବଳ ହୋଇଯାଇଛି। ସବୁଠାରୁ କଷ୍ଟକର କାମ ପୂର୍ବରୁ ହିଁ ଶେଷ ହୋଇସାରିଛି। ଏବେ ଅନ୍ୟ ଦେଶଗୁଡ଼ିକ ନିଜେ ଯାଇ ତେଲ ନେଇପାରିବେ।

ଇରାନରେ ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣ ମାସେ ପାରେ ହୋଇଗଲାଣି। ଇରାନ ଏବେ ବି ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିଛି। ହର୍ମୁଜ ଦେଇ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ପରିବହନ କରାଯାଏ। ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗ ଉପରେ ଇରାନର କବ୍ଜା ଏବଂ ଆଞ୍ଚଳିକ ଶକ୍ତି ଭିତ୍ତିଭୂମି ଉପରେ ତେହେରାନର ଆକ୍ରମଣ ଯୋଗୁଁ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇଛି। ଏହାଫଳରେ ସାରା ବିଶ୍ୱର ସେୟାର ବଜାର ପ୍ରଭାବିତ ହେବା ସହ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ମଧ୍ୟ ବଢ଼ିଯାଇଛି।

ଟ୍ରମ୍ପ ଏହି ସପ୍ତାହରେ ଚେତାବନୀ ଦେଇଛନ୍ତି ଯେ ଯଦି ଖୁବ୍ ଶୀଘ୍ର ଯୁଦ୍ଧବିରତି ନହୁଏ ଏବଂ ଏହି ଜଳପଥ ପୁଣି ନଖୋଲେ, ତେବେ ଆମେରିକା ନିଜର ଆକ୍ରମଣକୁ ଆହୁରି ବ୍ୟାପକ କରିବ। ଏଥିରେ ଖାର୍ଗ ଦ୍ୱୀପ ତୈଳ ରପ୍ତାନି କେନ୍ଦ୍ର ଏବଂ ସମ୍ଭବତଃ ସଲାଇନ୍ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇପାରେ। ଆମେରିକା, ଗଲ୍ଫ ଏବଂ ଇସ୍ରାଏଲ୍ ଅଧିକାରୀଙ୍କ ଅନୁଯାୟୀ, ଇରାନର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଆମେରିକାର ରାଷ୍ଟ୍ରଗୁଡ଼ିକ ଇରାନର ସାମରିକ କ୍ଷମତା ସମ୍ପୂର୍ଣ୍ଣ ନଷ୍ଟ ନହେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରଖିବାକୁ ଟ୍ରମ୍ପଙ୍କୁ ଅନୁରୋଧ କରିଛନ୍ତି।ଏହାର ଜବାବରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ ତେହେରାନ କେବଳ ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନାକୁ ହିଁ ଟାର୍ଗେଟ୍ କରୁଛି। ଯେଉଁମାନଙ୍କର ଆରବ କିମ୍ବା ଇରାନୀୟଙ୍କ ପ୍ରତି କୌଣସି ସମ୍ମାନ ନାହିଁ କିମ୍ବା ସେମାନେ କୌଣସି ସୁରକ୍ଷା ପ୍ରଦାନ କରିପାରିବେ ନାହିଁ, ସେମାନଙ୍କୁ ଟାର୍ଗେଟ କରାଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପ ଯୁଦ୍ଧରୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଆମେରିକା ବିଦେଶମନ୍ତ୍ରୀ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ କହିଛନ୍ତି ଯେ ଆମେରିକା ଇରାନ ସହିତ ଏକ ବୁଝାମଣା ଚାହୁଁଛି, କିନ୍ତୁ ଯଦି କଥାବାର୍ତ୍ତା ସଫଳ ନହୁଏ, ତେବେ ବୋମା ଜରିଆରେ ଆଲୋଚନାଜାରି ରହିବ।ସାମରିକ ବିକଳ୍ପ ମଧ୍ୟ ଖୋଲା ରହିଛି।ଯଦି ଆବଶ୍ୟକ ପଡ଼େ ତେବେ ଆମେରିକା ସ୍ଥଳଭାଗରେ ଆକ୍ରମଣ ମଧ୍ୟ କରିପାରେ। ତାଙ୍କ କହିବା ଅନୁଯାୟୀ, ଆମେରିକାର ରଣନୀତି ଟିକେ ଅନିଶ୍ଚିତ ରହିବ, ଯେପରି ଶତ୍ରୁ ପକ୍ଷ ଆଗାମୀ ପଦକ୍ଷେପ ବିଷୟରେ କୌଣସି ଅନୁମାନ କରିପାରିବେ ନାହିଁ।

## ପାକିସ୍ତାନରେ ୧୫ ବଡ଼ ଆତଙ୍କବାଦୀ ସଂଗଠନ ସକ୍ରିୟ

ଇସଲାମାବାଦ, ୩୧।୩ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର' ପରେ ବି ପାକିସ୍ତାନକୁ ଚେତା ପଶି ନାହିଁ। କିଛି ମିନିଟରେ କ୍ଷେପଣାସ୍ତ୍ର ମାଡ଼ରେ ଥରି ଉଠିଥିବା ପାକିସ୍ତାନ ଏବେ ବି ଆତଙ୍କବାଦକୁ ଅସ୍ତ୍ର କରିଛି। ଏହି ଦେଶରେ ଏବେ ବି ୧୫ଟି ବଡ଼ ଆତଙ୍କବାଦୀ ସଂଗଠନ ସକ୍ରିୟ ଅଛି। ଏଥିରୁ ଅଧିକାଂଶ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଲସ୍କର-ଇ-ତୋଏବା (ଏଲଇଟି), ଜୈସ-ଇ-ମହମ୍ମଦ (ଜେଇଏମ) ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ସଂଗଠନର ଧ୍ୟାନ

**ଅଧିକାର ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ**

ବିଶେଷ କରି ଭାରତ ଏବଂ ଭାରତର ଜମ୍ମୁ-କଶ୍ମୀର ରାଜ୍ୟ ଉପରେ ରହିଛି। ଅମେରିକୀୟ କଂଗ୍ରେସର ରିସର୍ଚ୍ଚ ସର୍ଭିସ୍ (ସିଆରଏସ) ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗତ ୨୫ ତାରିଖରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଛି ଯେ ପାକିସ୍ତାନର ୨୦୧୪ ରେ ଆତଙ୍କବାଦୀ ବିରୋଧରେ 'ନ୍ୟାସନାଲ ଆକ୍ସନ ପ୍ଲାନ' ଆଣିଥିଲା। ମାତ୍ର ଏହାର କୌଣସି ସୁଫଳ ମିଳିନାହିଁ। ଖାଲି ଅନ୍ତର୍ଜାତୀୟ ସଂଗଠନକୁ ଭୁଆଁ ବୁଲାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିଲା। ପାକିସ୍ତାନରେ ସକ୍ରିୟ ଥିବା ଅନେକ ଆତଙ୍କବାଦୀ ସଂଗଠନକୁ ଆମେରିକା 'ବିଦେଶୀ ଆତଙ୍କବାଦୀ ସଂଗଠନ' ଭାବେ ଘୋଷଣା କରିଛି।

ଏବେ ପାକିସ୍ତାନରେ ଅଲକାଏଦା, ଅଲକାଏଦା ଇନ୍ ଦି ଇଣ୍ଡିଆନ ସବକଣ୍ଟିନେଣ୍ଟ (ଏକ୍ୟୁଆଇଏସ), ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରୋଭିନ୍ସ (ଆଇଏସକେପି), ଆଫଗାନ ତାଲିବାନ, ହକ୍କାନି ନେଟୱର୍କ, ଏଲଇଟି, ଜେଇଏମ, ହରକତ-ଉଲ-ଜିହାଦ ଇସଲାମି, ହରକତ-ଉଲ-ମୁଜାହିଦ୍ଦିନ, ହିଜବୁଲ ମୁଜାହିଦ୍ଦିନ, ତେହେରିକ-ଇ-ତାଲିବାନ, ବଲୁଚ ଲିବରେସନ ଆର୍ମି, ସିପାହ-ଇ-ସହାବା ପାକିସ୍ତାନ (ଏସଏସପି), ଜୈଶ-ଅଲ-ଅଦଲ, ଲସ୍କର-ଇ-ଝାଙ୍ଗଭି ଆଦି ପ୍ରମୁଖ ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଛି।

### ସୁରଟ କୋଠାରେ ନିଆଁ

## ୪ ମହିଳାଙ୍କ ସହ ଶିଶୁ ଜୀବନ୍ତ ଦଗ୍ଧ

ସୁରଟ, ୩୧।୩ (ଏଜେନ୍ସି): ଗୁଜରାଟ ସୁରଟରେ ଏକ ଘରେ ମଙ୍ଗଳବାର ଅପରାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁରେ ୪ ମହିଳା ଏବଂ ଜଣେ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏହି ଖବର ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପଡ଼ୋଶୀଙ୍କ ସୂଚନା ଅନୁଯାୟୀ, ସହରର ଲିମ୍ବାୟତ ଅଞ୍ଚଳରେ ଥିବା ଏହି ଘରଟି ଜଣେ ବ୍ୟବସାୟୀଙ୍କର। ଏଠାରେ ପ୍ରାୟ ୮ ଟନ୍ ଶାଢ଼ି ରଖାଯାଇଥିଲା। ଏଥିଯୋଗୁଁ ଘର ଭିତରେ ଚାଲିବା ପାଇଁ ମଧ୍ୟ ଜାଗା ନଥିଲା। ନିଆଁ ଲାଗିଯିବା ଯୋଗୁଁ ଏହା ଶାଢୀ ପାଇଁ ଖୁବ୍ ଶୀଘ୍ର ବ୍ୟାପିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ କାହାକୁ ବି ସୁଯୋଗ ମିଳିନଥିଲା।ମୃତକଙ୍କ ମଧ୍ୟରେ ୪ ବର୍ଷର ଶିଶୁ ସୁଭାନ ଅନସାରୀଙ୍କ ସମେତ ଶାହନାଜ ବେଗମ ଅନସାରୀ (୬୫), ହୁସା ବେଗମ ଅନସାରୀ (୧୮), ଶବିନ ଅନସାରୀ (୨୮) ଏବଂ ପରଭୀନ ଅନସାରୀ (୧୯) ସାମିଲ ଅଛନ୍ତି। ଅନ୍ୟପକ୍ଷରେ ଅହମ୍ମଦାବାଦର ନାରଣପୁରା ଅଞ୍ଚଳରେ ମଙ୍ଗଳବାର ସକାଳେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ଘରେ ଥିବା ୫ ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବିଲ୍ଡିଂର ଲୁହା କବାଟ ଭାଙ୍ଗି ସାମ୍ନା କାନ୍ଥରେ ପିଟି ହୋଇଥିଲା। ଏଥିସହ ପାଖରେ ଥିବା ଅନ୍ୟ ଦୁଇଟି ବିଲ୍ଡିଂର ଝରକା କାଚ ମଧ୍ୟ ଭାଙ୍ଗିଯାଇଛି।

## କୋଲକାତା ବିଜେପି ଅଫିସ ବାହାରେ ଟିଏମ୍‌ସି-ବିଜେପି ସଂଘର୍ଷ

କୋଲକାତା, ୩୧।୩ (ଏଜେନ୍ସି): ପଶ୍ଚିମବଙ୍ଗରେ ରାଜନୀତି ଜୋର ଧରିଛି। ଏବେ କ୍ଷମତାସୀନ ଟିଏମସି ଏବଂ ପ୍ରମୁଖ ବିରୋଧୀ ଦଳ ବିଜେପି ମଧ୍ୟରେ ତିକ୍ତତା ଉଗ୍ର ହେବାରେ ଲାଗିଛି। କୋଲକାତାରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସିଇଓଙ୍କ କାର୍ଯ୍ୟାଳୟ ବାହାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଆଜି ବିଜେପି ଏବଂ ଟିଏମସି କର୍ମୀ ସିଇଓଙ୍କ କାର୍ଯ୍ୟାଳୟ ବାହାରେ ମୁହାଁମୁହିଁ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଟିଏମସି ସମର୍ଥିତ ବୁଥ୍ ଲେଭଲ୍ ଅଫିସର (ବିଏଲଓ) ମାନଙ୍କର ଏକ ଗୋଷ୍ଠୀ ଭୋଟର ତାଲିକାରେ ହେରଫେର ଅଭିଯୋଗ କରି ପ୍ରତିବାଦ କରୁଥିଲେ। ଏହି ସମୟରେ ସେମାନେ ସୁରକ୍ଷା ବାହିନୀ ଉପରକୁ ପଥର ମାଡ଼ କରିଥିଲେ।ଫଳରେ ସେଠାରେ ଠିଆ ହୋଇଥିବା ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ପରେ ବିଜେପି କର୍ମୀମାନେ ମଧ୍ୟ ଦଳୀୟ ପତାକା ଧରି ସେଠାରେ ପହଞ୍ଚିଥିଲେ। ଏହାପରେ ପୁଲିସ ଏବଂ ବିଜେପି କର୍ମୀଙ୍କ ସହ ଟିଏମସି ପ୍ରଦର୍ଶନକାରୀ ସଂଘର୍ଷ ହୋଇଥିଲା। ସ୍ଥିତି ଖରାପ ହେବାର ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବଳ ପ୍ରୟୋଗ କରିଥିଲା। ଅନ୍ୟପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ବିଜେପି ବିହାର ଏବଂ ଉତ୍ତର ପ୍ରଦେଶର ବେଆଇନ ଭୋଟରଙ୍କୁ ପଶ୍ଚିମବଙ୍ଗ ଭୋଟର ତାଲିକାରେ ସାମିଲ କରିବାକୁ ଚେଷ୍ଟା କରୁଛି।

## ଶଶୁର ଘରୁ ମିଳିଥିବା ସମ୍ପତ୍ତି ଉପରେ ସ୍ୱାମୀଙ୍କ ଅଧିକାର ନାହିଁ: ହାଇକୋର୍ଟ

ଅମରାବତୀ, ୩୧।୩ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶଶୁର ଘର ଦେଇଥିବା ସମ୍ପତ୍ତି ଉପରେ ସ୍ୱାମୀଙ୍କ ଭାଗ ନାହିଁ ବୋଲି କହିଛନ୍ତି। ଯଦି ଜଣେ ହିନ୍ଦୁ ମହିଳା ନିଜ ପିତାମାତାଙ୍କଠାରୁ ସମ୍ପତ୍ତି ଉତ୍ତରାଧିକାର ସୂତ୍ରରେ ପାଇଥାନ୍ତି ଏବଂ କୌଣସି ସନ୍ତାନ ନଥାଇ କିମ୍ବା ଉଇଲ୍ ନକରି ତାଙ୍କର ମୃତ୍ୟୁ ହୁଏ, ତେବେ ସେହି ସମ୍ପତ୍ତି ଉପରେ ସ୍ୱାମୀ କିମ୍ବା ଶଶୁରଘର ଲୋକଙ୍କର କୌଣସି ଆଇନଗତ ଅଧିକାର ରହିବ ନାହିଁ। ଏପରି ପରିସ୍ଥିତିରେ ମହିଳାଙ୍କ ସମ୍ପତ୍ତି ତାଙ୍କ ପିତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଖକୁ ଯିବ। ଜଷ୍ଟିସ୍ ତାରଲାଡା ରାଜଶେଖର ରାଓ କହିଛନ୍ତି ଯେ, ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୬ର ଧାରା ୧୫(୨)(ଏ) ଏହି ବିଷୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରୁଛି।ଏହି ମାମଲା ଏକ ପାରିବାରିକ ସମ୍ପତ୍ତି ବିବାଦ ସହ ଜଡ଼ିତ।

**ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ତାଙ୍କ ପିତାଙ୍କ ସନ୍ତାନଙ୍କୁ ମିଳିବ**



୨୦୦୨ ରେ ଜଣେ ମହିଳା ନିଜ ସମ୍ପତ୍ତିକୁ ପ୍ରଥମ ନାତୁଣୀଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ୨୦୦୫ରେ ସେହି ନାତୁଣୀଙ୍କର କୌଣସି ସନ୍ତାନ ନଥାଇ ମୃତ୍ୟୁ ଘଟିଥିଲା। ଏହାପରେ ଆଇ ମା' ପୁରୁଣା 'ଗିଫ୍ଟ ଡିଡ୍' ବାତିଲ କରି ସମ୍ପତ୍ତିକୁ ଦ୍ୱିତୀୟ ନାତୁଣୀଙ୍କ ନାମରେ ଉଇଲ୍ କରିଦେଇଥିଲେ। ୨୦୧୨ରେ ଆଇଙ୍କ ମୃତ୍ୟୁ ପରେ ଦ୍ୱିତୀୟ ନାତୁଣୀ ରାଜସ୍ୱ ରେକର୍ଡରେ ନିଜ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ।ରାଜସ୍ୱ ଅଧିକାରୀ ଦ୍ୱିତୀୟ ନାତୁଣୀଙ୍କ ସପକ୍ଷରେ ଆଦେଶ ଦେଇଥିଲେ, କିନ୍ତୁ ମୃତ ନାତୁଣୀଙ୍କ ସ୍ୱାମୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଜଏଣ୍ଟ କଲେକ୍ଟର ଆରଡିଓଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇ ସ୍ୱାମୀଙ୍କ ସପକ୍ଷରେ ମ୍ୟୁଟେସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ପ୍ରାରମ୍ଭିକ ଗିଫ୍ଟ ଡିଡ୍ ବାତିଲ କରିବା ଆଇନଗତ ଭାବେ ବୈଧ ନଥିଲା। ଏହାପରେ ମାମଲା ହାଇକୋର୍ଟକୁ ଯାଇଥିଲା।

## ସିଏଜି ରିପୋର୍ଟରେ ଭୟଙ୍କର ସୂଚନା: ଯବାନଙ୍କୁ ଠିକ୍‌ରେ ମିଳିନି ଦରମା ଭତ୍ତା

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଭାରତର କମ୍ପଟ୍ରୋଲର ଆଣ୍ଡ ଅଡ଼ିଟର ଜେନେରାଲ (ସିଏଜି) ଙ୍କ ରିପୋର୍ଟରେ ସେନାକୁ ନେଇ ଭୟଙ୍କର ତଥ୍ୟ ସାମାନାକୁ ଆସିଛି। ଏହି ରିପୋର୍ଟକୁ ସୋମବାର ସଂସଦରେ ଉପସ୍ଥାପନ କରାଯାଇଥିଲା। ଏଥିରେ ସେନା ହସ୍ପିଟାଲର ରକ୍ଷଣାବେକ୍ଷଣ ଏବଂ ଦରମାରେ ଅନିୟମିତତା ଥିବା କୁହାଯାଇଛି। ଅନେକ ହସ୍ପିଟାଲର କୋଠାଗୁଡ଼ିକ ପୁରୁଣା ହୋଇଯାଇଥିଲେ ମଧ୍ୟ ସେଗୁଡ଼ିକର ନିୟମିତ ଯାଞ୍ଚ କରାଯାଇ ନାହିଁ। ଜୁନ୍ ୨୦୨୨ ରେ ଲାନ୍ସଡାଉନର ଏକ ମିଲିଟାରୀ ହସ୍ପିଟାଲର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଅନେକ ସ୍ଥାନରେ ହିଟିଂ, ଭେଣ୍ଟିଲେସନ୍, ଏୟାର କଣ୍ଡିସନିଂ ଏବଂ ଅଗ୍ନିଶମ ବ୍ୟବସ୍ଥା ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଠିକ୍ ସମୟରେ ଔଷଧ ବି ଦିଆଯାଉ ନାହିଁ। ଏହା ସହିତ ବହୁ ସଂଖ୍ୟକ ସେନା କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଏବଂ ଭତ୍ତା ମିଳୁନଥିବା ମଧ୍ୟ କୁହାଯାଇଛି। ସେହିପରି ସେନାର ନିର୍ମାଣ କାର୍ଯ୍ୟ ସହ ଜଡ଼ିତ 'ସାଇଟ୍ ଗୁଡ଼ିକ ସଠିକ୍ ଭାବରେ ରଖାଯାଇ ନାହିଁ। ଏଥିଯୋଗୁଁ କାର୍ଯ୍ୟର ଗୁଣବତ୍ତା ଏବଂ ଠିକାଦାରଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା କଷ୍ଟକର ହୋଇପଡ଼ିଛି। ଅଡିଟ୍ ସଂସ୍ଥା ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଏହି ସାଇଟ୍ ରେକର୍ଡଗୁଡ଼ିକର ଡିଜିଟାଇଜେସନ୍ କରିବାକୁ ସୁପାରିସ କରିଛି। ସାଇଟ୍ ରେକର୍ଡରେ କାର୍ଯ୍ୟର ଅଗ୍ରଗତି, ସାମଗ୍ରୀ ଏବଂ ପରୀକ୍ଷଣ ରିପୋର୍ଟ ସମ୍ପର୍କିତ ସୂଚନା ଲିପିବଦ୍ଧ ହୋଇଥାଏ।

# ହସ୍ପିଟାଲରେ କିଡ୍‌ନୀ ର୍ୟାକେଟ: ୬ ଲକ୍ଷରେ କିଣି ୮୦ ଲକ୍ଷରେ ବିକ୍ରି

କାନପୁର, ୩୧।୩ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁରରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି।ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ଦାବି କରୁଥିବା ରାଜ୍ୟରେ ଦିନଦ୍ୱିପହରେ କିଡ୍‌ନୀ ପ୍ରତିରୋପଣ ର୍ୟାକେଟ ଚାଲିଛି। ଆଇନ ଥାଇ ମଧ୍ୟ ତାହା ମୂଲ୍ୟହୀନ ପାଲଟିଛି। ଭଗବାନଙ୍କ ଦ୍ୱିତୀୟ ରୂପ କୁହାଯାଉଥିବା ଡାକ୍ତର ଅଧିକରୁ ଅଧିକ ଟଙ୍କା ଉପାର୍ଜନ ଲୋଭ ପାଇଁ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଡାକ୍ତରଖାନାରେ ରୋଗୀ ସେବା ନାମରେ ବେଆଇନ ଅଙ୍ଗ ପ୍ରତିରୋପଣ ର୍ୟାକେଟ ଚଳାଉଛନ୍ତି। ଏହି ର୍ୟାକେଟ ଚଳାଇବାକୁ ନେଇ ଡାକ୍ତର ଦମ୍ପତିଙ୍କ ସମେତ ୬ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଅନ୍ୟ ତିନି ଡାକ୍ତର ଏବଂ ଜଣେ ଦଲାଲ ସାମିଲ ରହିଛି। ବିହାରର ଜଣେ ୨୩ ବର୍ଷୀୟ ଏମ୍‌ବିଏ ଛାତ୍ରଙ୍କଠାରୁ ୬ ଲକ୍ଷ ଟଙ୍କା ଦେଇ କିଡ୍‌ନୀ କ୍ରୟ କରାଯାଇଛି। ଏହି କିଡ୍‌ନୀକୁ ଜଣେ ୩୦ ବର୍ଷୀୟ ମହିଳାଙ୍କୁ ୮୦ ଲକ୍ଷ ଟଙ୍କାରେ ବିକ୍ରି କରିଦିଆଯାଇଛି। କିଡନୀ ଦାନ କରିଥିବା ଛାତ୍ର ପୁଲିସ ଫୋନ କରି ଅଭିଯୋଗ କରିବା ପରେ ସୋମବାର ରାତିରେ ସହରର ମେଡ୍ ଲାଇଫ୍ ହସ୍ପିଟାଲ୍, ଆହୁଜା ହସ୍ପିଟାଲ୍ ଏବଂ ପ୍ରିୟା ହସ୍ପିଟାଲରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା।ମେଡ୍ ଲାଇଫ୍ ହସ୍ପିଟାଲରେ କିଡନୀ ଦେଇଥିବା ଏମବିଏ ଛାତ୍ର ଏବଂ ରୋଗୀ ଭର୍ତ୍ତି ଥିବା ମିଳିଥିଲା। ପ୍ରତିରୋପଣ ସମ୍ପର୍କିତ ଦଲିଲ ମଗାଯିବାରୁ ହସ୍ପିଟାଲ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲା।ଏହି ମାମଲାରେ ଆଜି ଆହୁଜା ହସ୍ପିଟାଲର ମାଲିକାଣୀ ଡାକ୍ତର ପ୍ରୀତି ଆହୁଜା, ତାଙ୍କ ସ୍ୱାମୀ ଡାକ୍ତର ସୁରଜିତ, ଡାକ୍ତର ରାଜେଶ କୁମାର, ଡାକ୍ତର ରାମ ପ୍ରକାଶ, ଡାକ୍ତର ନରେନ୍ଦ୍ର ସିଂହ ଏବଂ ଦଲାଲ ଶିବମ ଅଗ୍ରୱାଲଙ୍କୁ ଗିରଫ କରି ଜେଲ୍ ପଠାଯାଇଛି।

- ଡାକ୍ତର ଦମ୍ପତି ସମେତ ୫ ଡାକ୍ତର ଗିରଫ
- ଆଉ ୪ ଡାକ୍ତର ଫେରାର
- ବିକିଥିଲେ ଏମ୍‌ବିଏ ଛାତ୍ର; କିଣିଥିଲେ ମହିଳା
- ବିଦେଶ ଯାଏଁ ବ୍ୟାପିଛି ବେଆଇନ ନେଟୱର୍କ

ପୁଲିସ କମିଶନର ରଘୁବୀର ଲାଲ କହିଛନ୍ତି ଯେ ଏହି ର୍ୟାକେଟ୍ ସହ ଜଡ଼ିତ ଅନ୍ୟ ୪ ଜଣ ଡାକ୍ତରଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ସହରର ଅନେକ ଘରୋଇ ହସ୍ପିଟାଲରେ ଏପର୍ଯ୍ୟନ୍ତ ପ୍ରାୟ ୪୦ ରୁ ୫୦ଟି କିଡନୀ ପ୍ରତିରୋପଣ କରାଯାଇଥିବା ଆଶଙ୍କା କରାଯାଉଛି। ଏହି



ନେଟୱର୍କ ଲକ୍ଷ୍ନୌ ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ନେପାଳ ଏବଂ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଛି।

ପୁଲିସ ଅନୁଯାୟୀ, କଲ୍ୟାଣପୁରରେ ଆହୁଜା ହସ୍ପିଟାଲରେ କିଡନୀ ଟ୍ରାନ୍ସପ୍ଲାଣ୍ଟର କାରବାର ଚାଲିଥିଲା। ପଚରାଉଚରା ବେଳେ କିଡନୀ ଦେଇଥିବା ଆୟୁଷ କହିଥିଲେ ଯେ ସେ ବିହାରର ସମସ୍ତିପୁରର ବାସିନ୍ଦା। ଉତ୍ତରାଖଣ୍ଡର ଡେରାଡୁନର ଏକ କଲେଜରେ ସେ ଏମବିଏ ପଢୁଛନ୍ତି। ଶିବମ ଅଗ୍ରୱାଲ ଓରଫ ଶିବମ କାଡ଼ା ଏହି ନେଟୱର୍କର ମାଷ୍ଟରମାଇଣ୍ଡ। ଶିବମ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପ୍ ଜରିଆରେ ଜାଲରେ ଫସାଇ କାନପୁରକୁ ଡକାଇଥିଲା। କଲ୍ୟାଣପୁରର ଆବାସ ବିକାଶ-୩ ରେ ଥିବା ଏକ ଆପାର୍ଟମେଣ୍ଟରେ ଶିବମ ଅଗ୍ରୱାଲଙ୍କ ସହ ୬ ଲକ୍ଷ ଟଙ୍କାରେ କିଡନୀ ବିକିବାକୁ ଚୂଡ଼ାନ୍ତ ହୋଇଥିଲା। ରବିବାର ଆହୁଜା ହସ୍ପିଟାଲରେ ମୁଜାଫରନଗରର ପାରୁଲ ତୋମାରଙ୍କ କିଡନୀ ପ୍ରତିରୋପଣ କରାଯାଇଥିଲା। ପାରୁଲଙ୍କ ସ୍ୱାମୀଙ୍କର ମେରଠରେ ଏକ ସ୍କୁଲ ଅଛି। ପାରୁଲଙ୍କ ପରିବାର ଶିବମକୁ ୭ ଲକ୍ଷ ଟଙ୍କା ଦେଇଥିଲେ ଏବଂ ବାକି ଟଙ୍କା ପରେ ଦେବାକୁ କହିଥିଲେ। ଶିବମ ଆୟୁଷଙ୍କ ଆକାଉଣ୍ଟରେ ୩.୫୦ ଲକ୍ଷ ଟଙ୍କା ଜମା କରିଥିଲା। ସେଥିମଧ୍ୟରୁ ୨.୭୫ ଲକ୍ଷ ଆହୁଜା ହସ୍ପିଟାଲକୁ, ୨୫ ହଜାର ମେଡ୍ ଲାଇଫ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ଦିଆଯାଇଥିଲା ଏବଂ ୫୦ ହଜାର ଟଙ୍କା ସେ ନିଜ ପାଖରେ ରଖିଥିଲା। ଆୟୁଷ ଶିବମଠାରୁ ବାକି ଅଢ଼େଇ ଲକ୍ଷ ଟଙ୍କା ମାଗିବାରୁ ବିବାଦ ଆରମ୍ଭ ହୋଇଥିଲା। ସୋମବାର ଦିନ ଆୟୁଷ ଫୋନ୍ ଯୋଗେ ପୁଲିସକୁ ଏହି ବିଷୟରେ ସୂଚନା ଦେଇଥିଲେ।



ଅନ୍‌ହାତ୍ ଏସିଆର ଶ୍ରେଷ୍ଠ ସ୍କ୍ୱାଶ୍ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-273 ◆WEDNESDAY ◆01 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୭୩ ◆ବୁଧବାର ◆୦୧ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଇରାନର ଅସ୍ତ୍ରଭଣ୍ଡାର ଉପରେ ଆମେରିକାର ବଙ୍କର ବଷ୍ଟର ମାଡ଼

ଇସଫାହନ ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ଓ ନିଆଁ

ରୁଷ ଓ ଚୀନ ଉପରେ ନଜର ରଖିଛି ଆମେରିକା

ଇସ୍ରାଏଲ, ପଡ଼ୋଶୀ ଦେଶ ଉପରେ ଇରାନର ଆକ୍ରମଣ

ମାର୍କିନ ସେନାକୁ ଅପେକ୍ଷା କରିଛି ମୃତ୍ୟୁଯନ୍ତା: ଇରାନ



■ତେହେରାନ, ୩୧।୩ (ଏଜେନ୍ସି): ଇରାନ ସହିତ ଆମେରିକା ଓ ଇସ୍ରାଏଲ ଚଳାଇଥିବା ଯୁଦ୍ଧ ଆହୁରି ଭୟଙ୍କର ହୋଇଛି । ଅସ୍ତ୍ରବିରତି ଆଲୋଚନା ଚାଲିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଅନ୍ୟପଟେ ଇରାନ ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଆମେରିକା ପକ୍ଷରୁ ଆଜି ଇରାନର ଇସଫାହନ ସହର ନିକଟରେ ଥିବା ଅସ୍ତ୍ରଭଣ୍ଡାର ଉପରେ ୨୦୦୦ ପାଉଣ୍ଡ (୯୦୭ କିଲୋଗ୍ରାମ)ର ବଙ୍କର ବଷ୍ଟର ବୋମା ମାଡ଼ କରାଯାଇଛି । ଏହି ଆକ୍ରମଣ ଯୋଗୁଁ ବିସ୍ଫୋରଣରେ ସେଠାରେ ନିଆଁ ଲାଗିବା ସହିତ ସମଗ୍ର ଅଞ୍ଚଳ ଥରି ଉଠିଛି । ଏହାର ଭିଡିଓ ଚିତ୍ର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ତେବେ ଇରାନ ପକ୍ଷରୁ ଏସଂପର୍କରେ କିଛି କୁହାଯାଇନାହିଁ ।

ଇରାନକୁ ସ୍ଥଳ ସେନା ପଠାଇବା ଲାଗି ଆମେରିକା ପ୍ରସ୍ତୁତି ଚଳାଇଥିବା ବେଳେ ଏଭଳି ବଙ୍କରବଷ୍ଟର ବୋମାମାଡ଼ କରାଯାଇଛି । ଯେଉଁ ଇସଫାହନ ସହର ନିକଟରେ ବୋମା ମାଡ଼ କରାଯାଇଛି, ସେଠାରେ ଇରାନର ୟୁରାନିୟମ ଉତ୍ପାଦନ କେନ୍ଦ୍ର ରହିଥିବା କୁହାଯାଉଛି । ଗତବର୍ଷ ଜୁଲାଇ ମାସରେ ଇରାନ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧ ବେଳେ ଆମେରିକା ଏହି ଅଞ୍ଚଳରେ ପ୍ରଚଣ୍ଡ ବୋମାମାଡ଼ କରିଥିଲା ।

ଟ୍ରମ୍ପ ପୋଷ୍ଟ କରିଥିବା ଭିଡିଓ ଚିତ୍ରରୁ ଜଣାପଡୁଛି ଯେ ବୋମାମାଡ଼ ପରେ ସମଗ୍ର ଅଞ୍ଚଳ ନିଆଁପିଣ୍ଡୁଳାରେ ପରିଣତ ହୋଇଯାଇଛି । ଏହି ଅଞ୍ଚଳରେ ୟୁରାନିୟମ କେନ୍ଦ୍ର ସହିତ ଇରନାର ବଡ଼ ଅସ୍ତ୍ରଭଣ୍ଡାର ଏବଂ ଅସ୍ତ୍ର ଉତ୍ପାଦନ ଶିଳ୍ପ ମଧ୍ୟ ରହିଛି । କ୍ଷେପଣାସ୍ତ୍ର, ରକେଟ ଓ ବିସ୍ଫୋରକ ସାମଗ୍ରୀକୁ ଧ୍ୱଂସ କରିବା ଲାଗି ଆମେରିକା ଏଭଳି ଆକ୍ରମଣ କରିଥିବା କୁହାଯାଉଛି ।

ଇତିମଧ୍ୟରେ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଇରାନର ନୂଆ ସରକାର ସହିତ ଆଲୋଚନା ଚାଲିଛି । ଆଲୋଚନା ବିଫଳ ହେଲେ ଆକ୍ରମଣ ଆହୁରି ଭୟଙ୍କର ହେବ । ଟ୍ରମ୍ପ ଯାହା କହନ୍ତି, ତାହା କରିକି ଦେଖାନ୍ତି । ଏହି ଯୁଦ୍ଧରେ ରୁଷ ଓ ଚୀନର ଭୂମିକା ନେଇ ସେ କହିଲେ ଯେ ସେମାନେ କଣ କରୁଛନ୍ତି ଏବଂ କଣ ନ କରୁଛନ୍ତି, ତାହା ଉପରେ ଆମେରିକାର ନଜର ରହିଛି । ଯେଉଁଠି ଯାହା ଦରକାର, ସେହି ଅନୁଯାୟୀ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ସେ କହିଛନ୍ତି ।

ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧରେ ଆମେରିକା ଓ ଇସ୍ରାଏଲକୁ ଦୃଢ଼ ଜବାବ ଦିଆଯାଉଛି ବୋଲି ଇରାନ ପକ୍ଷରୁ କୁହାଯାଇଛି । ଇରାନ ପକ୍ଷରୁ ଇସ୍ରାଏଲର ଅନେକ ସହର ଏବଂ ଉପସାଗରୀୟ ଦେଶରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଜରିଆରେ ପ୍ରଚଣ୍ଡ ଆକ୍ରମଣ କରାଯାଉଛି । ଏଥିରେ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଥିବା ଆମେରିକା ସିଭିଲିଆନ ଅଞ୍ଚଳ ଉପରେ ବୋମାମାଡ଼ କରୁଛି ବୋଲି ଇରାନ କହିଛି । ଇରାନ ପକ୍ଷରୁ ଆହୁରି କୁହାଯାଇଛି ଯେ ଇରାନର କିଛି ଦୀପକୁ ଅକ୍ତିଆର କରିବା ଲାଗି ଆମେରିକା ଏହାର ସେନା ପଠାଇବାକୁ ଯୋଜନା କରିଛି । ଯୁଦ୍ଧ ଜାହାଜ ୟୁଏସଏସ୍ ତ୍ରିପୋଲିକୁ ଉପସାଗରରେ ▶ପୃଷ୍ଠା-୭

## ନାଳନ୍ଦା ଶୀତଳା ମାତା ମନ୍ଦିରରେ ଦଳାଚକଟା
## ୯ ମହିଳା ଶ୍ରଦ୍ଧାଳୁ ମୃତ



ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୫୦୦ ଯବାନ

୨୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ କେହି ପୁଲିସ ନ ଥିଲେ

■ ନାଳନ୍ଦା, ୩୧।୩ (ଏଜେନ୍ସି): ବିହାର ନାଳନ୍ଦା ଜିଲ୍ଲାର ଶୀତଳ ମାତା ମନ୍ଦିରରେ ବଡ଼ ଅଘଟଣ ଘଟିଛି । ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ଘଟି ୮ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଛି । ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଚୈତ୍ର ମାସର ଶେଷ ମଙ୍ଗଳବାରରେ ମନ୍ଦିରରେ ପ୍ରାୟ ୨୫ ହଜାର ଶ୍ରଦ୍ଧାଳୁ ଏକାଠି ହୋଇଥିଲା । ମାତ୍ର ଏତେ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ, ପ୍ରଶାସନ କିମ୍ବା ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ମାତ୍ର ଦୁର୍ଘଟଣାସ୍ଥଳରୁ ୩୦ କିମି ଦୂରରେ ନାଳନ୍ଦା ୟୁନିଭର୍ସିଟର ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବାରୁ ୨୫୦୦ରୁ ଅଧିକ ଯବାନଙ୍କୁ ମୁତୟନ କରାଯାଇଥିଲା । ଆଖପାଖ ୮ ଜିଲ୍ଲାରୁ ଉକ୍ତ ▶ପୃଷ୍ଠା-୭

## ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବର୍ଷିଲେ ବିରୋଧୀ

### ଏ ସରକାରରେ ଘୋଷଣା ପ୍ରବଳ, କାର୍ଯ୍ୟାନ୍ୱୟନ ଦୁର୍ବଳ

ପ୍ରସ୍ତାବିତ ଅଟଳ ଏକ୍ସପ୍ରେସ ୱେରେ ମୋରମ ମୁଠେ ପଡ଼ିନାହିଁ

ସୁସ୍ଥ ଓ ସଶକ୍ତ ଅର୍ଥବ୍ୟବସ୍ଥାକୁ ନଷ୍ଟ କରିବାକୁ ବସିଲେଣି ସରକାର

୨୦୨୯ ସୁଦ୍ଧା ଓଡ଼ିଶାର ଋଣ ଭାର ୩ ଲକ୍ଷ କୋଟି ଟଙ୍କା ଛୁଇଁବ

କୁଆଡ଼େ ଗଲା ୨୦୦ କୋଟିର ଓଡ଼ିଆ ଅସ୍ମିତା ଭବନ

ବିଧାୟକ ଫୁଟାଇଲେ ଗୁଳି, ପିଏସ୍‌ଓ ପଡ଼ିଲେ ବଳି

ଆଦିବାସୀଙ୍କୁ ଶୋଷଣ ଓ ପରୋକ୍ଷରେ ହତ୍ୟା କରୁଛନ୍ତି ସରକାର

■ ଭୁବନେଶ୍ୱର, ୩୧।୩ (ସମିସ): ମୁଖ୍ୟମନ୍ତ୍ରୀ ଯେଉଁ ବ୍ୟୟ ମଞ୍ଜୁରୀ ବିଲ ଆଗତ କରିଛନ୍ତି, ତାହା ଗରିବମାରଣ, ଚାଷୀ ମରଣ ଏବଂ ଜନବିରୋଧୀ ବଜେଟ ଉପରେ ପର୍ଯ୍ୟବେଶିତ । ଗତ ଦୁଇଟି ବଜେଟ, ୨୦୨୩-୨୪ ଏବଂ ୨୦୨୪-୨୫ ବଜେଟରେ ପ୍ରାବଧାନ ହୋଇଥିବା ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହୋଇ ପାରିନାହିଁ । ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟାବିବାହ, ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା, ମାଲକାନଗିରିରୁ ମୋଟୁ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ ୱେ ଆଦି ଯୋଜନାରୁ ଜଣାଯାଇଛି ଏ ସରକାରଙ୍କ ପାଇଁ ଘୋଷଣା ପ୍ରବଳ, କାର୍ଯ୍ୟାନ୍ୱୟନ ଦୁର୍ବଳ । ମଙ୍ଗଳବାର ରାଜ୍ୟ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ବେଳେ ସରକାରଙ୍କୁ ଏମିତି କହି ବିରୋଧୀ ବର୍ଷିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ଅର୍ଥ ବ୍ୟବସ୍ଥା ଓ ଋଣ ଆଦି ପ୍ରସଙ୍ଗ ଉଠାଇ ସରକାରଙ୍କୁ ପ୍ରବଳ ସମାଲୋଚନା କରାଯାଇଛି ।

ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସରକାର ଆସିବାମାତ୍ରେ ପ୍ରଥମ ବଜେଟରେ ଗୋଦାବରୀଶ ମିଶ୍ର ▶ପୃଷ୍ଠା-୭

## ଆଇଏଏସ ସ୍ତରରେ ଅଦଳବଦଳ

ଆର୍. ସନ୍ଥଗୋପାଳନଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ

ଭାସ୍କର ଜ୍ୟୋତି ଶର୍ମା ହେଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ସଚିବ

ବଲୱନ୍ତ ସିଂ ହେଲେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ

■ଭୁବନେଶ୍ୱର, ୩୧।୩ (ସମିସ): ବରିଷ୍ଠ ଆଇଏଏସ ସ୍ତରରେ ମଙ୍ଗଳବାର ଏକ ଛୋଟ ଧରଣର ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର । ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୯୯୯ ମସିହା ବ୍ୟାଚର ଆଇଏଏସ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି । ଏହାସହ ଓପିଟିସିଏଲର ସିଏମଡି ଭାବେ ସେ ପୂର୍ବପରି ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ । ସେହିପରି ୨୦୦୧ ମସିହା ବ୍ୟାଚର ଆଇଏଏସ ଆର୍. ସନ୍ଥଗୋପାଳନଙ୍କୁ ଅବକାରୀ ବିଭାଗର ପ୍ରମୁଖ ▶ପୃଷ୍ଠା-୭

## ବୀର ବିକ୍ରମ ଯାଦବ ଡିଜିସିଏର ଅଧ୍ୟକ୍ଷ

■ ଭୁବନେଶ୍ୱର, ୩୧।୩ (ସମିସ): କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୬ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ ବୀର ବିକ୍ରମ ଯାଦବଙ୍କୁ କେନ୍ଦ୍ର ସରକାର ବଡ଼ ଦାୟିତ୍ୱ ଦେଇଛନ୍ତି । ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଏଭିଏସନ୍ ବା ଡିଜିସିଏର ଅଧ୍ୟକ୍ଷ ଭାବେ ତାଙ୍କୁ ନୂଆ ଦାୟିତ୍ୱ ମିଳିଛି । ଏନେଇ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତୀୟ କମିଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ▶ପୃଷ୍ଠା-୭

## ଶ୍ୱାସରୁଦ୍ଧ ହୋଇ ହୋଇ ୨ମୃତ

ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ବେଳେ ଅଘଟଣ

■ କୁଚିଣ୍ଡା, ୩୧।୩ (ସମିସ): ସମ୍ବଲପୁର ଜିଲ୍ଲା ମହୁଲପାଲୀ ଥାନା କେଶାଇବାହାଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ନବନିର୍ମିତ ପାଇଖାନା ଟାଙ୍କିର ସେଣ୍ଟରିଂ ଖୋଲିବା ବେଳେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ସୂଚନାରୁ ପ୍ରକାଶ ଯେ କେଶାଇବାହାଲ ଗ୍ରାମର ଲୋକନାଥ ବେହେରା ଏକ ପାଇଖାନା ଟାଙ୍କି ନିର୍ମାଣ କରିଥିଲେ । ଏହାର ଛାତ ସେଣ୍ଟ୍ରିଂ ଖୋଲିବା ପାଇଁ ସେ ଆଜି କିଛି ଶ୍ରମିକଙ୍କୁ ଡାକିଥିଲେ । ସେଣ୍ଟରିଂ ଖୋଲିବା ପାଇଁ ପ୍ରଥମେ ଶ୍ରମିକ ସୁଶୀଲ ନାୟକ ଟାଙ୍କି ଭିତରୁ ପଶି ଦୀର୍ଘ ସମୟ ନ ବାହାରିବାରୁ ଲୋକନାଥଙ୍କ ପୁଅ ହେମନ୍ତ ବେହେରା ଘଟଣା ବାବଦରେ ଜାଣିବା ପାଇଁ ଟାଙ୍କି ଭିତରୁ ପ୍ରବେଶ କରି ସେ ମଧ୍ୟ ଆଉ ବାହାରକୁ ବାହାରି ନ ଥିଲେ । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଶ୍ରମିକ ଆନନ୍ଦ ମାଝୀ ଏବଂ ଲୋକନାଥଙ୍କ ଭାଇ ଭିକାରୀ ପାଇଖାନା ଟାଙ୍କିରେ ପ୍ରବେଶ କରି ସେମାନେ ମଧ୍ୟ ଦୀର୍ଘ ସମୟ ବାହାରକୁ ବାହାରି ନ ଥିଲେ ।ଳରେ କିଛି ଅଘଟଣ ଆଶଙ୍କା କରି ଘର ମାଲିକ ଲୋକନାଥ କୁଚିଣ୍ଡା ଦମକଳବାହିନୀ ଏବଂ ମହୁଲପାଲି ପୁଲିସକୁ ଘଟଣା ବାବଦରେ ସୂଚନା ଦେଇଥିଲେ ।

ଏହା ପରେ ଦମକଳ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଜେସିବି ମେସିନ ସାହାଯ୍ୟରେ ଟାଙ୍କି ଭାଙ୍ଗି ସମସ୍ତଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଟାଙ୍କି ଭିତରୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ । ଡ଼ାକ୍ତରଖାନାରେ ଶ୍ରମିକ ସୁଶୀଲ ଏବଂ ଭିକାରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଦୁଇ ଗୁରୁତର ଆହତ ଆନନ୍ଦ ଏବଂ ହେମନ୍ତ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ପୁଲିସ ବିଭାଗରେ ଅସହ୍ୟ ନିର୍ଯାତନା !

### ଇସ୍ତଫା ଦେଲେ ମହିଳା ହାବିଲଦାର



■ ଅନୁଗୋଳ, ୩୧।୩ (ସମିସ): ପୁଲିସ ବିଭାଗରେ ଦୀର୍ଘ ଦିନ ପର୍ଯ୍ୟନ୍ତ ମାନସିକ ନିର୍ଯାତନା ସହି ନ ପାରି ଅନୁଗୋଳ ଜିଲ୍ଲା ଆର୍‌ଓ ବିଭାଗରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ଚାକିରିରୁ ଇସ୍ତଫା ଦେଇଛନ୍ତି । ଏସ୍‌ପିଙ୍କ ନିକଟକୁ ସେ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ରିଜର୍ଭ ଇନ୍ସପେକ୍ଟର ଗଭର୍ଣ୍ଣଡ ମାହାରୀ ଏବଂ ଫୋର୍ସ ସେକ୍ସନ ଅଫିସ ସଂଲଗ୍ନ ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ନିରନ୍ତର ହଇରାଣ ହେବା ସହ ମାନସିକ ଯନ୍ତ୍ରଣା ଯୋଗୁଁ ଚାକିରିରୁ ଇସ୍ତଫା ଦେବାକୁ ▶ପୃଷ୍ଠା-୭

## ଡ. ପ୍ରତିଭା ରାୟଙ୍କୁ ସାହିତ୍ୟ ଏକାଡେମୀ ଫେଲୋସିପ୍



■ ଭୁବନେଶ୍ୱର,୩୧।୩(ସମିସ): ବିଶିଷ୍ଟ ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ, ଅମଦୁସ ସମଦ୍ ଓ ଲକ୍ଷ୍ମୀ ଖିଲାଣୀଙ୍କୁ ମିଳିବ ସାହିତ୍ୟ ଏକାଡେମୀ ଫେଲୋସିପ୍ । ଏନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି । ଡ. ରାୟ ଜ୍ଞାନପୀଠ ପୁରସ୍କାର ସହ ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାର ସମେତ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ଯାଏ ସେ ୨୦ଟି ଉପନ୍ୟାସ, ୨୪ଟି କ୍ଷୁଦ୍ରଗଳ୍ପ ସଙ୍କଳନ, ୧୦ଟି ଭ୍ରମଣ କାହାଣୀ, କବିତା ସଙ୍କଳନ ସମେତ ଅନେକ ପ୍ରକାର ପ୍ରବନ୍ଧ ରଚନା କରି ପାଠକୀୟ ଆଦୃତି ଲାଭ କରିଛନ୍ତି ।

ଲକ୍ଷ୍ମୀ ଖିଲାଣୀ ଜଣେ ବିଶିଷ୍ଟ ସିନ୍ଧି କଥା ଲେଖକ, ନାଟ୍ୟକାର, ଅନୁବାଦକ, ସମ୍ପାଦକ । ତାଙ୍କର ୨୪ରୁ ଅଧିକ ପ୍ରକାଶିତ କୃତି ଏବଂ ବହୁ ସଂଖ୍ୟକ ପ୍ରବନ୍ଧ ରହିଛି । ସେ ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ସମ୍ମାନ ଲାଭ କରିଛନ୍ତି । ସେହିପରି ଅବଦୁସ୍ ସମଦ୍ ଜଣେ ପ୍ରଖ୍ୟାତ ଉର୍ଦ୍ଦୁ ଲେଖକ ଏବଂ କବି । ତାଙ୍କର ୨୪ରୁ ଅଧିକ ପ୍ରକାଶିତ କୃତି ରହିଛି । ସେ ସାହିତ୍ୟ ଏକାଡେମୀ ▶ପୃଷ୍ଠା-୭

## ଗଞ୍ଜାମରେ ଲଜ୍ଜା । ଆନ୍ଧ୍ର ନାବାଳିକାଙ୍କୁ ଗଣଦୁଷ୍କର୍ମ

ନାବାଳକଙ୍କ ସମେତ ୩ ଜଣଙ୍କ ସମ୍ପୃକ୍ତି: ଏସ୍‌ପି

ଯୌନପିପାସୁ ବାପାଠାରୁ ମୁକ୍ତି ଆଶାରେ ଘର ଛାଡ଼ିଥିଲା ନାବାଳିକା

ଖଣିମନ୍ତ୍ରୀଙ୍କ ଅଞ୍ଚଳ ମହିଳାଙ୍କ ପାଇଁ ଅସୁରକ୍ଷିତ

■ ବ୍ରହ୍ମପୁର, ୩୧।୩ (ସମିସ): ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଗୋପାଳପୁର ଆଉ ନାବାଳିକା ଓ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ । ଗୋଟିଏ ପରେ ଗୋଟିଏ ଗଣଦୁଷ୍କର୍ମ ଭଳି ସାଂଘାତିକ ଘଟଣା ଏଠାରେ ନିୟମିତ ବ୍ୟବଧାନରେ ଘଟି ଚାଲିଛି । ମାର୍କଣ୍ଡିରେ ଦୁଇ ନାବାଳିକା ଭଉଣୀ ଏବଂ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଦେଶବିଦେଶରେ ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଥିବା ବେଳେ ଏବେ ସମଧରଣର ପୁଣି ଏକ ବର୍ବରକାଣ୍ଡ ଘଟିଛି । ସ୍ଥାନୀୟ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଚନ୍ଦନନଗର ଅଞ୍ଚଳରେ ଜଣେ ନାବାଳିକାକୁ ମୃଦୁ ପାନୀୟରେ ନିଶା ଦେଇ ରାତିତମାମ ଖୋଲା ପଡ଼ିଆରେ ଗଣଦୁଷ୍କର୍ମ କରିଛନ୍ତି ୩ ଦୁର୍ବୃତ୍ତ । ଗତ ୨୯ ତାରିଖ ରାତିରେ ଏହି ଅମାନୁଷିକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି । ଏଥିରେ ମୋଟ ୩ଜଣଙ୍କ ସମ୍ପୃକ୍ତି ଥିବା ବେଳେ ଜଣେ ନାବାଳକ ଓ ଅନ୍ୟ ୨ ଜଣ ସାବାଳକ ସାମିଲ ଅଛନ୍ତି । ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହ କାବୁ କରାଯାଇଛି । ପୀଡ଼ିତାଙ୍କ ସମେତ ସମସ୍ତଙ୍କ ଡାକ୍ତରୀମାଇନା ଓ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି ।

ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶ କାଡାପ୍ପା ଜିଲ୍ଲାର ଜଣେ ନାବାଳିକାଙ୍କ ବାପାଙ୍କ ଦେହାନ୍ତ ପରେ ମା’ ଓ ଦ୍ୱିତୀୟ ବାପାଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ । ଏପରିକି, ଦ୍ୱିତୀୟ ବାପାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହେଉଥିବା ନାବାଳିକାଜଣଙ୍କ ପୁଲିସ ଆଗରେ ଅଭିଯୋଗ କରିଛନ୍ତି । ତେବେ ଯୌନପିପାସୁ ବାପାଠାରୁ ମୁକ୍ତି ▶ପୃଷ୍ଠା-୭




# ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା



କେନ୍ଦୁଝର,୩୧ା୩(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଧାରୁ ପାଠ ଛାଡ଼ିଥିବା/ଆଦୌ ବିଦ୍ୟାଳୟ ଯାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆୟୋଜନ ହେଉଛି ରାଜ୍ୟବ୍ୟାପୀ ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ପଦଯାତ୍ରା କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ସାଂସଦ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ଶୁଭାରମ୍ଭ କରିଥିଲେ। ଏକ ସଚେତନତା ରଥ ସହ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ଆସ ସ୍କୁଲ ଯିବା ପଦଯାତ୍ରା ସହର ପରିକ୍ରମା କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଜିଲ୍ଲା ଯୋଜନା ସଂଯୋଜକ ଅପର୍ଣ୍ଣା ତ୍ରିପାଠୀ, ଜିଲ୍ଲା ବାଳିକା ସଂଯୋଜକ ଅନୁପମା ରାଉତ, ସହ ଗୋଷ୍ଠୀ ଶିକ୍ଷାଧିକାରୀ କେନ୍ଦୁଝର ମାନସ ମିଶ୍ର, କପିଳଚନ୍ଦ୍ର ଦାଶ, ଶିରିଶପାଳ ସିଆରସିସି ରବୀନ୍ଦ୍ର ଦାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲ୍ଲାରେ ୧୦୪୦୫ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଥିବା ବେଳେ ଶିକ୍ଷା ବିଭାଗର ପ୍ରୟାସରେ ବର୍ତ୍ତମାନ ସୁଦ୍ଧା ୪୧୨୨ ଜଣ ଛାତ୍ରଛାତ୍ରୀ ପୁଣି ଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ବିଜ୍ଞାନ ଶିକ୍ଷକ ବିଜୟମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ଦୁର୍ଗାପ୍ରସନ୍ନ ନାୟକ, ସମଗ୍ର ଶିକ୍ଷା ପ୍ରୋଗ୍ରାମର ରଶ୍ମିରଞ୍ଜନ ସାହୁ, ଏନ୍‌ଏସ୍ ପୁଲିସ ହାଇସ୍କୁଲର ଏନ୍‌ସିସି ଅଫିସର୍ ବିଜୟ ବେହେରା, କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାନ୍ତ, ମୋଚିବନ୍ଧ ସିଆରସିସି ମୋନାଲିସା ଶତପଥୀ, ଭଙ୍ଗସାହି ସିଆରସିସି ସସ୍ମିତା ପଣ୍ଡା, ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ, ରଞ୍ଜିତାରାଣୀ ମଲ୍ଲିକ ସହଯୋଗ କରିଥିଲେ।

## ପରମାନନ୍ଦ କଲେଜରେ ଅଗ୍ନିଶମ ସଚେତନତା



ଆନନ୍ଦପୁର, ୩୧ା୩ (ସମିସ): ଆନନ୍ଦପୁର ଅଗ୍ନିଶମ କେନ୍ଦ୍ର ତରଫରୁ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଏଏସଓ ଭବାନୀ ଶଙ୍କର ନାୟକ ଅଗ୍ନିକାଣ୍ଡ ଘଟିବାର ପ୍ରମୁଖ କାରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ସତର୍କ ରହିବା, ନିୟମିତ ଭାବରେ ବିଦ୍ୟୁତ୍ ପ୍ରବାହ ଯାଞ୍ଚ କରିବା, ସିଲିଣ୍ଡର ଯାଞ୍ଚ୍ କରିବାକୁ ପରାମର୍ଶ ଦେଇଥିଲେ। ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ସମୟରେ କିପରି ନିରାପତ୍ତା ଅବଲମ୍ବନ କରାଯିବା ଏବଂ ଦୁର୍ଘଟଣା ବଶତଃ ଯଦି ସିଲିଣ୍ଡରରେ ନିଆଁ ଲାଗିଯାଏ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। କୌଣସି ବ୍ୟକ୍ତି ପାଣିରେ ବୁଡି ଯାଉଥିବା ସମୟରେ କିପରି ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ଉଦ୍ଧାର କରିବାର କୌଶଳ ଅତି ସରଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ହାବିଲଦାର ରଞ୍ଜିତ ନାୟକ, ଫାୟାରମ୍ୟାନ ଅଜୟ ରାଉତ, ଆଶିଷ କୁମାର ମହାରଣା, ବିପିନ କୁମାର ନାଥ ଓ ସଞ୍ଜିତ ରାଜ୍ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଫାୟାର ଅଫିସର ଅତି ସରଳ ଭାବରେ ଉତ୍ତର ଦେଇ ସମସ୍ତଙ୍କ ସନ୍ଦେହ ଦୂର କରିଥିଲେ। କଲେଜ ତରଫରୁ ଅଧ୍ୟାପିକା ମମତା ସାହୁ, ଜୟଶ୍ରୀ ଓଝା, ସୁଲଳିତା ମହାନ୍ତ, ଆୟିଶା ଜେନା ଅଧ୍ୟାପକ ଜଗଦୀଶ ବାରିକ, ଦେବବ୍ରତ ଓଝା ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଆନନ୍ଦପୁର, ୩୧ା୩(ସମିସ): ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିରାକାର ସାହୁ, ଆନନ୍ଦପୁର ସଙ୍କୁଳ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀଙ୍କ ସ୍ୱତନ୍ତ୍ରତା ଓ ଶୈକ୍ଷିକ ଦିଗ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବାର୍ଷିକ ପରୀକ୍ଷା ଫଳ ଉନ୍ମୋଚନ କରିଥିଲେ। ସମ୍ପାଦକ ପ୍ରକାଶନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଉଷାରାଣୀ ଜେନା ଓ ସଦସ୍ୟ ସୁବାସଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷା ବର୍ଷରେ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଶ୍ରେଣୀର ସର୍ବୋଚ୍ଚ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଟା ଡିଏଭି ସ୍କୁଲର ବାର୍ଷିକୋତ୍ସବ 'ମେଲିଓରା'




ଯୋଡ଼ା,୩୧ା୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଅବସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ 'ମେଲିଓରା-୨୦୨୬' ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବି. ସାଇଶିବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେବାଶିଷ ଜେନା (ଓଏମ୍‌କ୍ୟୁ) ଜିଏମ୍, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସମ୍ପାଦକ ତଥା ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଏବଂ ବିଡି ମହାନ୍ତି (ଟାଟା ସ୍ପଞ୍ଜ ଆଇରନ ମୁଖ୍ୟ, ଯୋଡ଼ା) ଯୋଗଦେଇଥିଲେ। ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ଜେଇ ମୁଖ୍ୟ ପରୀକ୍ଷାରେ ୩ ଜଣ କୃତୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ବି. ସାଇଶିବା ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜେଶ କୁମାର ଛାତ୍ରଛାତ୍ରୀଙ୍କ କୃତିତ୍ୱ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ୧୫୦୦ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ନୃତ୍ୟଗୁରୁ ବିଜୟ ସାମଲ ଓ ଆଦିତ୍ୟଙ୍କ ଦ୍ୱାରା ପ୍ରଶିକ୍ଷିତ ହୋଇଥିବା ତରୁଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଧା କୌର, ଇନ୍ଦ୍ରାଣୀ ବୋଷ ଓ ଶିକ୍ଷକ କେ.ଈଶ୍ୱର ପ୍ରସାଦ ସଞ୍ଚାଳନ କରିଥିଲାବେଳେ ଶିକ୍ଷୟିତ୍ରୀ ଅମ୍ରିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ କଳହକୁ ନେଇ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୩୧ା୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମରେ ପାରିବାରିକ କଳହକୁ ନେଇ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଉକ୍ତ ଗ୍ରାମର ରାଜକିଶୋର ମୁଣ୍ଡାଙ୍କ ସ୍ତ୍ରୀ ଗୋଲାପ (୨୧)। ସୂଚନା ଅନୁଯାୟୀ, ପାରିବାରିକ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ଗୋଲାପ ଘରଠାରୁ କିଛି ଦୂରରେ ଥିବା ଏକ ଲିମ୍ବ ଗଛରେ ନିଜ ପିନ୍ଧିଥିବା ଲୁଗାକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ତାଙ୍କର ବିବାହ ପ୍ରାୟ ୩ ବର୍ଷ ପୂର୍ବରୁ ହୋଇଥିବା ବେଳେ ୨ ବର୍ଷର ଏକ ଶିଶୁ ଥିବା ସୂଚନା ମିଳିଛି। ଖବର ପାଇ ପାଟଣା ଥାନାର ଏସ୍‌ଆଇ ଲକ୍ଷ୍ମଣ ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ମେଡିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଫିଜିଓଥେରାପି ସେବାକୁ ବିକଶିତ କରିବାକୁ ଡିଏମ୍‌ଏଫ୍ ସିଇଓଙ୍କ ସମୀକ୍ଷା



କେନ୍ଦୁଝର,୩୧ା୩(ସମିସ): ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରୀନା ପ୍ରଧାନ ସୋମବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଙ୍କିସ୍ଥିତ ଆଡ୍‌ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆଧୁନିକ ଫିଜିଓଥେରାପି ଉପକରଣଗୁଡ଼ିକର ବ୍ୟବହାର ଆକଳନ କରିବା, କାର୍ଯ୍ୟକାରିତା ସମୀକ୍ଷା କରିବା ଏବଂ କେନ୍ଦୁଝର ଜନସାଧାରଣଙ୍କ ପାଇଁ ପୁନର୍ବାସ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବା ପରିଦର୍ଶନର ଉଦ୍ଦେଶ୍ୟ ଥିଲା। ଭ୍ରମଣ ସମୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଙ୍କିସ୍ଥିତ ଏଆର୍‌ସିର କାର୍ଯ୍ୟପ୍ରଣାଳୀର ବିସ୍ତୃତ ସମୀକ୍ଷା କରିଥିଲେ। ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ଥିଲା, ଉପକରଣଗୁଡିକର ବ୍ୟବହାର ଅବସ୍ଥା ଆକଳନ କରିବା, ରୋଗୀ ଭର୍ତ୍ତି ଏବଂ ରୋଗୀ ସୁବିଧା ମୂଲ୍ୟାୟନ କରିବା ଏବଂ ଯେଉଁମାନେ ଫିଜିଓଥେରାପି ଓ ପୁନରୁଦ୍ଧାର ସହାୟତା ଆବଶ୍ୟକ କରୁଛନ୍ତି ସେମାନଙ୍କ ପାଇଁ କେନ୍ଦ୍ରଟି ସର୍ବାଧିକ କ୍ଷମତାରେ କାମ କରୁଛି କି ନାହିଁ ତାହା ନିଶ୍ଚିତ କରିବା। ସେ ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ। ୨୦୨୧ରେ ଡିଏମଏଫ୍ କେନ୍ଦୁଝରର ଆର୍ଥିକ ସହାୟତାରେ ସ୍ଥାପିତ ରାଙ୍କିସ୍ଥିତ ଏହି ଆଡ଼ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ଆଧୁନିକ ପ୍ରଯୁକ୍ତି ସହ ସଜ୍ଜିତ, ଯାହାରେ ନିମ୍ନ ଅଙ୍ଗ ପୁନର୍ବାସନ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଥିବା ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଡିଏମଏଫ୍ ପାଣ୍ଠିରୁ ସ୍ଥାପିତ ହୋଇଛି। ଏହି ସମୀକ୍ଷା ମାଧ୍ୟମରେ କେନ୍ଦ୍ରଟିର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ୨୦୨୧ଠାରୁ ଗଢ଼ିଉଠିଥିବା ଭିତ୍ତିକୁ ଆହୁରି ମଜବୁତ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟମ କରୁଛନ୍ତି ବୋଲି କହିଥିଲେ।

## ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ



ହାଟଡ଼ିହୀ,୩୧ା୩(ସମିସ): ନନ୍ଦିପଦା ଥାନାଞ୍ଚଳର ବଟକୃଷ୍ଣ ବେହେରାଙ୍କ ଲିଖିତ ରିପୋର୍ଟ ଅନୁଯାୟୀ, ନସିରପୁର ଗ୍ରାମର ସିପୁନ୍ ଜେନା (୨୨)ଙ୍କୁ ପୁଲିସ ଗିରଫ୍ କରି କୋର୍ଟ ଚାଲାଣ କରିଛି। ନସିରପୁର ଗ୍ରାମର ସିପୁନ ନନ୍ଦିପଦା ଅଞ୍ଚଳର ବଟକୃଷ୍ଣ ବେହେରାଙ୍କ ଝିଅକୁ ସ୍କୁଲ ଯିବା ବାଟରେ ପ୍ରତ୍ୟେକ ଦିନ ଅନୁସରଣ କରିବା, ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଏବଂ ଯୌନ ମନ୍ତବ୍ୟ ଦେବା ସହ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ୍ ଦେବା ଅଭିଯୋଗରେ ନନ୍ଦିପଦା ପୁଲିସ ଅଭିଯୁକ୍ତକୁ କେସ୍ ନଂ ୩୩/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ଦେଓଗାଁ ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ




ଆନନ୍ଦପୁର, ୩୧ା୩ (ସମିସ): ଘସିପୁରା ବ୍ଲକ ଦେଓଗାଁ ଗ୍ରାମପଞ୍ଚାୟତ ପରିସରରେ ଘସିପୁରା ଥାନା ଅଧିକାରୀ କିଶୋର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଏସଡିପିଓ କମଲ କୁମାର ପଣ୍ଡାଙ୍କୁ ଆମ ପୁଲିସର ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ରାଉତ, ରମାକାନ୍ତ ବଳ, ପ୍ରଦିପ କୁମାର ପଣ୍ଡା, ଡ଼ଃ ସଂଗ୍ରାମ କେଶରୀ ଦାସ ଉପସ୍ଥିତ ଥିଲେ। ସାଇବର କ୍ରାଇମ ବଢୁଥିବାରୁ, ବିଶେଷ କରି, ବରିଷ୍ଠ ଲୋକମାନେ କିପରି ଅସୁବିଧାର ଶିକାର ନ ହେବେ ଓ ଅଞ୍ଚଳରେ ବଢୁଥିବା କ୍ରାଇମ, ନିଶା କାରବାର, ଦୁର୍ଘଟଣା, ଯୁବକଙ୍କ ବେପରୁଆ ଗାଡି ଚଳାଇବା ଉପରେ ଆଲୋଚନା ହୋଇଥିଲା। ଘସିପୁରା ଥାନା ଅନ୍ତର୍ଗତ ଅନ୍ୟାନ୍ୟ ପଞ୍ଚାୟତଗୁଡିକରେ ବୈଠକ କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଗଣ ସଚେତନତା ମାଧ୍ୟମରେ ଲୋକଙ୍କ ନିକଟତର ହୋଇ ପୁଲିସ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେବାସହ ବ୍ୟାଙ୍କ, ଇନସୁରାନ୍ସ ଓ ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଜଣା ଲିଙ୍କ୍ ଓ ଲୋଭନୀୟ ଅଫର ପ୍ରତି ବିଶ୍ୱାସ ନକରି ସର୍ତ୍ତକତା ଅବଲମ୍ବନ କରିବା କରିବା ସହ ବିଭିନ୍ନ ସମୟରେ ପିଏମ କିଶାନ ଯୋଜନା, ଶ୍ରମିକ କାର୍ଡ କିମ୍ବା ବ୍ୟାଙ୍କ୍, ବିଦ୍ୟୁତ୍ କର୍ମଚାରୀ ପରିଚୟ ଦେଇ ଟଙ୍କା ଠକେଇ କରିବା ପାଇଁ ଦଲାଲ୍‌ଙ୍କ ସମ୍ପର୍କରେ ତୁରନ୍ତ ପୁଲିସକୁ ଖବର ଦେବାକୁ ପରାମର୍ଶ ଦିଆଯାଇଛି।

## ହାଟଡ଼ିହୀ ତହସିଲରେ ନୂତନ ବରିଷ୍ଠ କିରାଣିଙ୍କ ଯୋଗଦାନ



ହାଟଡ଼ିହୀ,୩୧ା୩(ସମିସ): ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ନୂତନ ବରିଷ୍ଠ କିରାଣି ଭାବେ ଶ୍ରବଣ କୁମାର ପରିଡ଼ା ଯୋଗଦାନ କରିଛନ୍ତି। ୧୪ମାସ ହେବ ବରିଷ୍ଠ କିରାଣିଙ୍କ ସ୍ଥାନ ଖାଲି ପଡ଼ିଥିଲା। ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରୀ ପରିଡ଼ାଙ୍କ ପଦୋନ୍ନତି ପରେ ସେ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ ଯୋଗଦାନ କରିଛନ୍ତି। ସେହିପରି ତହସିଲଦାର ଶିବବ୍ରତ ତ୍ରିପାଠୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ଆଜକୁ ୩ମାସ ହେବ ସେ ଛୁଟିରେ ଯିବା ପରଠୁଁ ତହସିଲଦାରଙ୍କ ସ୍ଥାନ ଖାଲି ପଡିଥିଲା। ତାଙ୍କ ସ୍ଥାନରେ ଆନନ୍ଦପୁର ଅତିରିକ୍ତ ତହସିଲଦାର ମନୋଜ କେରକେଟ୍ଟା ଅସ୍ଥାୟୀ ଭାବେ ଦାୟିତ୍ୱ ବହନ କରୁଥିଲେ। ଏକାବେଳେ ଦୁଇଟି ତହସିଲ ଦାୟିତ୍ୱରେ ରହି ଲୋକଙ୍କୁ ସେବା ଯୋଗାଇବାରେ ଶ୍ରୀ କେରକେଟ୍ଟାଙ୍କୁ ମଧ୍ୟ ସମ୍ଭବ ହେଉ ନଥିଲା। ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗତ ଶନିବାର ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ କୁମାର ସାମନ୍ତରା ହାଟଡିହୀ ତହସିଲଦାର ଭାବେ ଦାୟିତ୍ୱଭାର ନେଇଛନ୍ତି। ନୂତନ ତହସିଲଦାର ଏବେ ବରିଷ୍ଠ ସହାୟକଙ୍କ ଯୋଗଦାନ ପରେ ଲୋକମାନେ ପୂର୍ବଭଳି ସଠିକ୍ ସମୟରେ ସେବା ପାଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ଯୋଡ଼ା ଚାମ୍ପିଅନ



ନାରଦପୁର,୩୧ା୩(ସମିସ): ଚମ୍ପୁଆ ବ୍ଲକ୍ ବଡ଼ନଇଠାରେ ହରେଶ୍ୱର କ୍ଲବ୍ ପକ୍ଷରୁ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଚନ୍ଦ୍ରଗୁପ୍ତା ପ୍ରସାଦ, ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. କ୍ଷୀରୋଦ କୁମାର ମହାନ୍ତ, ସମାଜସେବୀ ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବଡ଼ନଇ, ଯୋଡ଼ା, ଖେଣ୍ଡରା, ବଲାଣୀ, କରଞ୍ଜିଆ ଗଡ଼ ଭଲିବଲ୍ ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲରେ କରଞ୍ଜିଆ ଗଡ଼କୁ ପରାସ୍ତ କରି ଯୋଡ଼ା ଦଳ ଚାମ୍ପିଅନ ହୋଇଥିଲେ। ସତ୍ୟବାନ ପାତ୍ର ଓ ଅମୂଲ୍ୟ ପରିଡ଼ା ଏହି ଖେଳକୁ ପରିଚାଳନା କରିଥିଲେ। କ୍ଲବ୍‌ର ସୁଶାନ୍ତ ବଡ଼ପଣ୍ଡା, ଚିକୁନ ବଡ଼ପଣ୍ଡା, ଅମରେଶ କର, ପିଣ୍ଟୁ ବଡ଼ପଣ୍ଡା, ଅମୂଲ୍ୟ ପତି, ପ୍ରକାଶ ବଡ଼ପଣ୍ଡା, ବିକୁନ ପାଣି ଗ୍ରାହୀ, ରାଜା ବଡ଼ପଣ୍ଡା, ମୁନା ମହାନ୍ତ ପରିଚାଳନା କରିଥିଲେ।

## ଟଙ୍କା ଧାର ନଦେବାରୁ ଭିଣୋଇ ଜାଳିଦେଲା ଶାଳୀଙ୍କ ଘର

ତୁରୁମୁଙ୍ଗା, ୩୧ା୩(ସମିସ):





ଧାର ମାଗିବା ପରେ ଟଙ୍କା ନଦେବାରୁ ଶାଳୀ ସହ ଝଗଡ଼ା। ପରେ ଘରେ ଶୋଇଥିବା ସମୟରେ ଶାଳୀ ଘରକୁ ପେଟ୍ରୋଲ ଢାଳି ଜାଳି ଦେଇଛି ଅଭିଯୁକ୍ତ ଭିଣୋଇ। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କିଆପଡା ଗାଁରେ ରବିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଧାର ଟଙ୍କାକୁ କେନ୍ଦ୍ରକରି ଏପରି ହିଂସାତ୍ମକ ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ସଦର ଥାନା ସଦରପଡା ଗ୍ରାମର ଭିଣୋଇ ଦେବ ମୁଣ୍ଡା ଶାଳୀ ମଙ୍ଗୁଳି କାରୁଆଙ୍କ ଘରକୁ ଆସି ୧୦ ହଜାର ଟଙ୍କା ଧାର ସୂତ୍ରରେ ମାଗିଥିଲା; କିନ୍ତୁ ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଭିଣୋଇ ରାଗି ଯାଇ ଘରେ ସମସ୍ତେ ଶୋଇଥିବା ସମୟରେ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ନିଆଁ ଲାଗି ଖପର ଘର ସହ ଜରୁରୀ କାଗଜପତ୍ର ନଗଦ ଟଙ୍କା ପୋଡି ଯାଇଛି। ସୂଚନା ଅନୁସାରେ, ମଙ୍ଗୁଳିଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ଆସିଥିଲା। ଘର ନିର୍ମାଣ ପାଇଁ ମଙ୍ଗୁଳି ସ୍ୱୟଂସହାୟକ ଗୋଷ୍ଠୀରୁ ୪୦ ହଜାର ଟଙ୍କା ଋଣ ସୂତ୍ରରେ ଆଣିବା ସହ ଝିଅ ଜ୍ୱାଇଁଙ୍କଠାରୁ ୨୦ ହଜାର ଟଙ୍କା ଆଣି ଘରେ ରଖିଥିଲେ। ନିଆଁ ଲାଗିବା କାରଣରୁ ନଗଦ ୬୦ ହଜାର ଟଙ୍କା ସହ, ରାସନ କାର୍ଡ, ଆଧାରକାର୍ଡ ବ୍ୟାଙ୍କ ପାସବୁକ ଏବଂ ପିଲା ଛୁଆଙ୍କ ଜନ୍ମ ପ୍ରମାଣପତ୍ର ସହ ଜରୁରୀ କାଗଜପତ୍ର, ଆସବାବପତ୍ର ଓ ସିମେଣ୍ଟ ଜଳିପୋଡି ନଷ୍ଟ ହୋଇଯାଇଛି। ଘଟଣାକୁ ନେଇ ମଙ୍ଗୁଳି ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି। ଘଟଣା ଘଟାଇ ଅଭିଯୁକ୍ତ ଭିଣୋଇ ଫେରାର ହୋଇଯାଇଛି।

## ରୁକୁଣାପୁର ଶାସନରେ ଷୋଡ଼ଶ ଦାନ



ଆନନ୍ଦପୁର, ୩୧ା୩ (ସମିସ): କେନ୍ଦୁଝର ଜିଲ୍ଲା ରୁକୁଣାପୁର ଶାସନରେ ସମାଜସେବୀ ଡ଼ ବିପିନ ବିହାରୀ ମିଶ୍ରଙ୍କ ପିତା କ୍ଷେତ୍ରବାସୀ ମିଶ୍ର ଓ ମାତା ସୂର୍ଯ୍ୟମଣି ମିଶ୍ରଙ୍କର ଷୋଡଶ ଦାନ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବ୍ରାହ୍ମଣ ମହାସଂଘ ସଭାପତି ଡ଼ ସଦାନନ୍ଦ ଦୀକ୍ଷିତଙ୍କ ସମେତ ବିଭିନ୍ନ ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଭୂ-ଦାନ, ଗୋ-ଦାନ, ସୁବର୍ଣ୍ଣ ଦାନ ଏମିତି ୧୬ ପ୍ରକାର ଦାନ ଦିଆଯାଇଥିଲା। ସମସ୍ତ ବ୍ରାହ୍ମଣଙ୍କ ପରିଧାନ ସହ ଦକ୍ଷିଣା ଓ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ସମାଜ ଦେଓଗାଁ, ଓଡିଶା ବ୍ରାହ୍ମଣ ମହାସଂଘ, ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଂଘ, କେନ୍ଦୁଝର ବ୍ରାହ୍ମଣ ମହାସଭାଙ୍କୁ ବ୍ରତୋପନୟନ ଲାଗି କ୍ଷେତ୍ରବାସୀ ମିଶ୍ର ଓ ସୂର୍ଯ୍ୟମଣି ମିଶ୍ରଙ୍କ କରକମଳରେ ପାଣ୍ଠି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଧ୍ୟରେ କେନ୍ଦୁଝର ବ୍ରାହ୍ମଣ ମହାସଙ୍ଘ ଉପସଭାପତି ରଞ୍ଜନ ପାଢ଼ୀ, ଚାରୁଲତା ପାଣିଗ୍ରାହୀ, ମଦନ ପାଣି ଯୋଗ ଦେଇଥିଲେ। ଡ଼ ସୁକାନ୍ତି ମିଶ୍ର, ଉଷାମଣି ମିଶ୍ର, ଅନ୍ନପୂର୍ଣ୍ଣା ମିଶ୍ର, ନିରୁପମା ମିଶ୍ର, ସତୀଶ କୁମାର ମିଶ୍ର, ଅମିତ କୁମାର ମିଶ୍ର, ସତ୍ୟଭାମା ମିଶ୍ର, ସୁଶ୍ମୀତା ମିଶ୍ର, ସୁନିତ ମିଶ୍ର, ସୁମିତ୍ରା ମିଶ୍ର, ରାକେଶ ଦାଶ, ଶିବାନୀ ମିଶ୍ର, ଶମ୍ଭୁନାଥ ଦାଶ, ମନୋରଞ୍ଜନ ମହାପାତ୍ର, ପ୍ରସନ୍ନ ଦାଶ ସମସ୍ତ ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ ପରିଚାଳନାରେ ସହଯୋଗ କରିଥିଲେ।

**ରାଷ୍ଟ୍ରୀୟ ଗୋକୁଳ ମିଶନରେ ଅନିୟମିତତା ଅଭିଯୋଗ**

# ଦୁର୍ବଳ ଓ ଅସୁସ୍ଥ ଗାଈ ବଣ୍ଟନ, ହିତାଧିକାରୀ ହତାଶ

**ଶୁକ୍ଳି, ୩୧ ।୩(ସମିସ)**



ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅଧୀନରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି)ଙ୍କ ଦୁଗ୍ଧ ସେବା ଦ୍ୱାରା ପ୍ରାୟୋଜିତ ଛ ଉତ୍ପାଦକ ବୃଦ୍ଧି ସେବା ପ୍ରକଳ୍ପ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଶିକ୍ଷଣପ୍ରାପ୍ତ ଦୁଗ୍ଧ ଚାଷୀଙ୍କୁ ଗୋ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । ୨୦୨୫ ଜୁନ ମାସରେ ଏହି ଯୋଜନାରେ ଗିର ଓ ସାହିୱାଲ ପ୍ରଜାତିର ଶତାଧିକ ଦୁଧିଆଳୀ ଗାଈ ପ୍ରତି ବ୍ଲକରେ ବଣ୍ଟନ ହୋଇଥିଲା । ଆୟୋଜକ ଆଲ୍ଲାମାଡ଼ି ସିମେନ ଷ୍ଟେସନ ପକ୍ଷରୁ ଗୁଜରାଟ ଓ ପଞ୍ଜାବ ଭଳି ରାଜ୍ୟରୁ ଗର୍ଭବତୀ ଗାଈ ଆଣି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ତେବେ ବଣ୍ଟନ ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଅନେକ ଗୋପାଳକଙ୍କ ଅଭିଯୋଗ ଅନୁଯାୟୀ ମିଳିଥିବା ଗାଈଗୁଡିକ ମଧ୍ୟରୁ ବହୁତ ଦୁର୍ବଳ ଓ ଅସୁସ୍ଥ ଅବସ୍ଥାରେ ଥିଲେ । କେତେକ ଗାଈ ଗର୍ଭବତୀ ଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଦେଖାଯାଇଛି । ଫଳରେ କେହି କେହି ଚାଷୀଙ୍କ ଗାଈ ମୃତ୍ୟୁମୁଖରେ ପଡ଼ିଥିବା ମଧ୍ୟ ଜଣାପଡ଼ିଛି । ଏହି ପରିସ୍ଥିତିରେ ଆର୍ଥିକ ଉନ୍ନତି ଆଶା କରିଥିବା ଚାଷୀ ବିପରୀତରେ କ୍ଷତି ସହୁଛନ୍ତି । ଗୋପାଳନ ଖର୍ଚ୍ଚ ବୃଦ୍ଧି ପାଇବା ସହିତ ଆୟ ହ୍ରାସ ପାଉଥିବାରୁ ସେମାନେ ଚିନ୍ତା ପ୍ରକଟ କରିଛନ୍ତି ।

ସୂଚନା ମୁତାବକ, କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ ଗୋ-ଚାଷଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡ ରରୁଆଁ ବ୍ଲକରେ ଶତାଧିକ ଗାଈ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଗୋ-ପାଳକ କହୁଛନ୍ତି, ଗାଈଗୁଡ଼ିକୁ ଆଣିବା ପରେ କିଛି ଦିନ ମଧ୍ୟରେ ଗାଈଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଅବନତି ଘଟିଥିଲା । କେତେକ ଘଟଣାରେ ଗାଈ ମୃତ୍ୟୁବରଣ କରିଥିବାବେଳେ କେଉଁଠି ବାଛୁରୀ ମରିଯାଇଥିବା ସୂଚନା ମିଳିବାରେ ଲାଗିଛି । ଫଳରେ ଗୋ-ପାଳକ ଆର୍ଥିକ ଓ ମାନସିକ ଚିନ୍ତାରେ ରହିଛନ୍ତି । ହିତାଧିକାରୀଙ୍କ କହିବା ଅନୁସାରେ, ଯୋଜନା ଅନୁଯାୟୀ ସୁସ୍ଥ ଓ ଉତ୍ତମ ଜାତୀୟ ଗାଈ ମିଳିବା କଥା । କିନ୍ତୁ ବାସ୍ତବରେ ଯାହା ଦିଆଗଲା, ତାହା ଦେଖି ସେମାନେ ଆଶ୍ଚର୍ଯ୍ୟଚକିତ । ଅନେକ ଗାଈ ପୂର୍ବରୁ ରୋଗାକ୍ରାନ୍ତ ଥିବା ଓ ଠିକ୍ ଭାବେ ପରୀକ୍ଷା କରାଯାଇ ନ ଥିବା ନେଇ ସନ୍ଦେହ ଉଠିଛି । ଏ ପରିସ୍ଥିତିରେ ଅନେକ ଗୋ-ପାଳକ ଯୋଜନା ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି । କେହି କେହି ଆଗାମୀ ଦିନରେ ଏପରି ସରକାରୀ ସହାୟତା ନେବାକୁ ଅସ୍ୱୀକାର କରୁଛନ୍ତି । ଏ ନେଇ ସ୍ଥାନୀୟ ପ୍ରଶାସନ କିମ୍ବା ପଶୁପାଳନ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । ସମ୍ପୂର୍ଣ୍ଣ ଘଟଣା ଏବେ ଯୋଜନାର ପାରଦର୍ଶିତା ଓ କାର୍ଯ୍ୟାନ୍ୱୟନ ଉପରେ ପ୍ରଶ୍ନ ଉଠାଇଛି ।

## ଯେତେ ବଢୁଛି ବଢୁ ରନ୍ଧନ ଗ୍ୟାସ୍ ଦର...



କାଠ ଅଛି ତ, ଆମ ଚୁଲି ଜଳିବ (ଫଟୋ ମନୋଜ, ବାରିପଦା)

## କୂଅରୁ ଗଳିତ ଶବ ଉଦ୍ଧାର

**ଶୁଳିଆପଦା, ୩୧।୩(ସମିସ):** ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧୀନ ବାଦଡା ଗ୍ରାମର ଏକ କୂଅ ଭିତରୁ ଶୁଳିଆପଦା ଅଗ୍ନିଶମ ବିଭାଗ ଦ୍ୱାରା ଗଳିତ ଶବ ଉଦ୍ଧାର କରାଯାଇଛି । ମୃତକ ଜଣକ ଉକ୍ତ ଗ୍ରାମର ହରିଶ୍ଚନ୍ଦ୍ର ଧଳଙ୍କ ପୁଅ ପ୍ରଭାତ ଧଳ (୪୫) । ସେ ଗତ ୨୪ ତାରିଖଠାରୁ ନିଖୋଜ ଥିଲେ । ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ୨୯ ତାରିଖ ଦିନ ଶୁଳିଆପଦା ଥାନାରେ ଅଭିଯୋଗ କରିଥିଲେ । ତେବେ ଆଜି ଗାଁ ମୁଣ୍ଡରେ ଚାଷ ପାଇଁ ଖୋଳାଯାଇଥିବା ଏକ କୂଅ ଭିତରେ ଜଣେ କେହି ଭାସୁଥିବା ଗ୍ରାମବାସୀ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଶୁଳିଆପଦା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ଗୋପାଳ ଚନ୍ଦ୍ର ନାଏକ୍ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଉଦ୍ଧାର କରିଥିଲେ । ପରେ ଶୁଳିଆପଦା ଏସଆଇ ରୂପଶ୍ରୀ ସ୍ୱାଇଁ ପହଞ୍ଚି ଶବ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ନେଇ ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଏପ୍ରିଲ୍ ମାସ ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା, ୩୧ ।୩ (ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅପ୍ରେଲ ମାସ ପାଇଁ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ପ୍ରଥମ ସୋମବାର ୬ ତାରିଖରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ବାରିପଦା ସଦର ଉପଖଣ୍ଡ ପାଇଁ; ଦ୍ୱିତୀୟ ସୋମବାର ୧୩ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ; ତୃତୀୟ ସୋମବାର ୨୦ ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ଚତୁର୍ଥ ସୋମବାର ୨୭ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ତତ୍ତ୍ୱାବଧାନରେ ହେବ ।

ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଓ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡ଼ିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ, ଜିଲ୍ଲାର ଅନ୍ୟ ଉପଖଣ୍ଡଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଅଭିଯୋଗର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ ।

## ବାରିପଦା-ଅମର୍ଦା ମୁଖ୍ୟ ରାସ୍ତାରେ ହାତୀ ପଲ, ଯାତାୟାତ ବନ୍ଦ



**ରାସଗୋବିନ୍ଦପୁର, ୩୧।୩(ସମିସ):** ମଙ୍ଗଳାବର ଅପରାହ୍ନ ସମୟରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବାରିପଦା-ଅମର୍ଦା ମୁଖ୍ୟ ରାସ୍ତାର ସାରୁମୂଳା ନିକଟରେ ଆଜି ଏକ ହାତୀ ପଲ ରାସ୍ତାକୁ ଅବରୋଧ କରିବାରୁ କିଛି ସମୟ ପାଇଁ ଯାତାୟାତ ପୂରାପୂରି ବନ୍ଦ ହୋଇଥିଲା । ହଠାତ୍ ଜଙ୍ଗଲ ଅଞ୍ଚଳରୁ ବାହାରି ଆସିଥିବା ଏହି ହାତୀପଲ ରାସ୍ତା ମଧ୍ୟରେ ଦୀର୍ଘ ସମୟ ରହିଥିବାରୁ ଯାତ୍ରୀ ଓ ଯାନଚାଳକ ଭୟଭୀତ ହୋଇପଡ଼ିଥିଲେ । ସୂଚନା ମିଳିବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଜଙ୍ଗଲ ମୁହାଁ ଦେଇ ଫେରାଇବା ପାଇଁ ପ୍ରୟାସ କରିଥିଲେ । ପରେ ପରିସ୍ଥିତି ନିୟନ୍ତ୍ରଣରେ ଆସିବା ସହ ଯାତାୟାତ ପୁନର୍ବାର ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକେ ଏହି ଅଞ୍ଚଳରେ ହାତୀ ଆତଙ୍କ ବୃଦ୍ଧି ପାଇଁ ଚିନ୍ତା ବ୍ୟକ୍ତ କରିବା ସହ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନଙ୍କ ଦ୍ରୁତ ପଦକ୍ଷେପ ଦାବି କରିଛନ୍ତି ।

## ଶିକ୍ଷକଙ୍କୁ ଛୁରା ମାଡ଼ ଘଟଣାରେ ଜଣେ ଗିରଫ

**ଠାକୁରମୁଣ୍ଡା, ୩୧।୩ (ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜୁଡାମ୍ବ ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ଚରଣ ମହାନ୍ତଙ୍କୁ ଛୁରୀରେ ଆକ୍ରମଣ କରି ଗୁରୁତର କରିଥିବା ସେହି ଗ୍ରାମରେ ଘର ଭଡା ନେଇ ରହୁଥିବା ଗୁଣ୍ଡା ହୋଙ୍କୁ ଠାକୁରମୁଣ୍ଡା ଥାନା ପୁଲିସ ଗିରଫ କରିଛି । ଜମିବାଡ଼ିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡ଼ିଛି । ମହୁଲଡିହା ଥାନା ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ଗୁଣ୍ଡା ହୋ ଅବସରପ୍ରାପ୍ତ ଶିକ୍ଷକଙ୍କ ବେକକୁ ଛୁରୀରେ ଆକ୍ରମଣ କରିବାରୁ ତାଙ୍କ ବେକରେ ଶକ୍ତ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କ ବେକରେ ଶକ୍ତ ଆଘାତ କାରଣରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାର ଜଣାପଡ଼ିଛି । ଉଭୟଙ୍କ ମଧ୍ୟରେ ପୂର୍ବରୁ ଜମିବାଡ଼ି ଘଟଣାକୁ ନେଇ ବଚସା ହୋଇଥିଲା । ଗୁରୁତରଙ୍କ ସ୍ତ୍ରୀ ନିର୍ମଳା ମହାନ୍ତଙ୍କ ଲିଖିତ ଅଭିଯୋଗ ପରେ ଠାକୁରମୁଣ୍ଡା ଥାନା ଏଏସଆଇ ଅନୀତା ସ୍ୱାଇଁ, ଏଏସଆଇ ଅମରେଶ ବାରିକ, ବିଭୁତି ନାଏକ, ଇନ୍ଦ୍ରମଣି ନାଏକ, ଚିତ ମୁଣ୍ଡାଙ୍କ ସହଯୋଗରେ ଆକ୍ରମଣକାରୀକୁ ଗିରଫ କରି ୩୬/୨୦୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## କାଳବୈଶାଖୀରେ ଉଡ଼ିଗଲା ଛପର



**ବିଶୋଇ, ୩୧।୩ (ସମିସ):** ବିଶୋଇ ବ୍ଲକ ବାଉତିବେଡ଼ା ପଞ୍ଚାୟତସ୍ଥ ଓଷାଡ଼ଲା ଗ୍ରାମର ସାନଦାସ ନାଏକଙ୍କ ଘର ଛପର ଗତକାଲି କାଳବୈଶାଖୀଜନିତ ଝଡ଼ତୋଫାନ କାରଣରୁ ଉଡ଼ିଯାଇଛି । ଗତକାଲି ରାତିରେ ବିଶୋଇ ବ୍ଲକ ଅଞ୍ଚଳରେ କାଳବୈଶାଖୀ କାରଣରୁ ହଠାତ ଝଡ଼ ତୋଫାନ ଆରମ୍ଭ ହେବା ସହିତ ତୁହାକୁ ତୁହା ଘଡଘଡି ବର୍ଷା ଆରମ୍ଭ ହୋଇଥିଲା । ଓଷାଡ଼ଲା ଗ୍ରାମର ସାନଦାସ ପରିବାର ସହିତ ଶୋଇଥିବା ସମୟରେ ପ୍ରବଳ ପବନ କାରଣରୁ ତିନି ବଖରା ଘରର ଆଜବେଷ୍ଟସ୍ ଛପର ଉଡିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଫଳରେ ଘର ମଧ୍ୟରେ ଥିବା ବିଭିନ୍ନ ଆସବାବପତ୍ର ଓ ଧାନ ଚାଉଳ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି । ମାତ୍ର ସାନଦାସଙ୍କ ପରିବାର ଅଳ୍ପକେ ରକ୍ଷା ପାଇଯାଇଥିଲେ । ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆଜି ଘଟଣାସ୍ଥଳରେ ପହଞ୍ଚି କ୍ଷତି ଆକଳନ କରିଛନ୍ତି । ସାନଦାସ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ବାସଗୃହ ନଷ୍ଟ ହୋଇଯାଇଥିବାରୁ ତାଙ୍କ ପରିବାର ବର୍ତ୍ତମାନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ସାନଦାସଙ୍କ ପରିବାରକୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି ।

**ବର୍ଷା ଆଣିଲା ଆଶ୍ୱସ୍ତି**

## ଗୁଳୁଗୁଳିରେ ଲାଗିଲା ବ୍ରେକ୍, ଖସିଲା ତାପମାତ୍ରା

**ରାଇରଙ୍ଗପୁର, ୩୧।୩(ସମିସ):** ଅଦିନିଆ ବର୍ଷା ରାଇରଙ୍ଗପୁର ଅଞ୍ଚଳରେ ଆଶ୍ୱସ୍ତି ଆଣିଦେଇଛି । ଉପରମୁହାଁ ଥିବା ତାପମାତ୍ରା ବର୍ଷା ପାଇଁ ନିମ୍ନଗାମୀ ହୋଇଛି । ସୋମବାର ସନ୍ଧ୍ୟାରେ ଜୋରରେ ବର୍ଷା ଓ ପବନ ହେବାରୁ ରାଇରଙ୍ଗପୁରରେ ଗରମ ଓ ଗୁଳୁଗୁଳି ମାତ୍ରା କମିଛି । ମାର୍ଚ୍ଚ ପହିଲାରୁ ତାପମାତ୍ରା କ୍ରମଶଃ ବୃଦ୍ଧି ରାଜ୍ୟର ପ୍ରମୁଖ ତାପମାତ୍ରା ଥିବା ସହର ମଧ୍ୟରେ ରାଇରଙ୍ଗପୁର ମଧ୍ୟ ସ୍ଥାନ ପାଇଥିଲା । ତେବେ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କତା ଅନୁଯାୟୀ ସୋମବାର ବର୍ଷା ହେବା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । ପବନ ହେବାରୁ ରାଇରଙ୍ଗପୁର ହସ୍ପିଟାଲ ନିକଟରେ ରାସ୍ତା କଡ଼ରେ ଥିବା

**ବିଜତଳାରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ**

ପୁରୁଣା ଗଛ ଭାଙ୍ଗିଯାଇଛି । ବାମନଘାଟି ଉପଖଣ୍ଡରେ ରାଜ୍ୟର ରେକର୍ଡ ସଂଖ୍ୟକ ବୃଷ୍ଟିପାତ ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି । ବିଜତଳାରେ ୩୪ ମିମି ବୃଷ୍ଟିପାତ ହୋଇଛି । ଯାହାକି ରାଜ୍ୟର ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ ଅଟେ । ସେହିପରି ସାରସକଣାରେ ୨୮ ମିମି, ଶୁକ୍ଳିରେ ୨୦ ମିମି, ରରୁଆଁରେ ୧୬.୪ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି । ଆସନ୍ତା ୨/୩ ଦିନ ପର୍ଯ୍ୟନ୍ତ ବଜ୍ରପାତ ଓ ବୃଷ୍ଟିପାତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ବର୍ଷା ପାଇଁ ଗରମରେ ବ୍ରେକ ଲାଗିଥିବାବେଳେ ପୁଣି ଗରମ ମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି ।

**ଗୋଚାଲାଣରେ ରୋକ୍ ଲଗାଇବାକୁ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ଯୁବକ**

## ପଶ୍ଚିମବଙ୍ଗକୁ ଚାଲାଣ ବେଳେ ମାଡ଼ିବସିଲେ



**ସାରସକଣା, ୩୧।୩(ସମିସ):** ମୟୂରଭଞ୍ଜରେ ଥମୁନି ଗୋ ଚୋରାଚାଲାଣ । ୧୮ ଓ ୪୯ ନମ୍ବର ଜାତୀୟ ରାଜପଥ ଦେଇ ଚାଲାଣ ହେଉଛି ଗୋରୁ ବୋଝେଇ କଣ୍ଟେନର ଓ ପିକଅପ । କିଛିଦିନ ପୂର୍ବରୁ ଦିନଦ୍ୱିପ୍ରହରରେ ଗୋଟିଏ କଣ୍ଟେନର ବାଙ୍ଗିରିପୋଷି ଥାନାରେ ଧରାପଡ଼ିଥିବାବେଳେ ଗତକାଲି ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଝାରପୋଖରିଆ ଥାନା ଝାରପୋଖରିଆ ପଞ୍ଚାୟତର ଦିଘି ଗ୍ରାମରେ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ଏକ ପିକଅପ୍ ଗାଡ଼ିକୁ ଧରି ପୁଲିସ ଜିମା ଦେଲେ ସ୍ଥାନୀୟ ଯୁବକ ।

ଗତକାଲି ବିଳମ୍ବିତ ରାତିରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ରାଜ୍ୟକୁ ଚୋରାଚାଲାଣ ହେଉଥିବାବେଳେ ଦିଘି ଗ୍ରାମର ଜନସାଧାରଣ ଓ ଅଞ୍ଚଳର କିଛି ଯୁବଗୋଷ୍ଠୀ କୌଣସି ସୂତ୍ରରୁ ଖବରପାଇ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗାଡ଼ିଟି କାର୍‌କୁ ଧକ୍କା ଦେଇ ରାସ୍ତା କଡ଼କୁ ଦବିଯାଇଥିଲା । ଝାରପୋଖରିଆ ଥାନାକୁ ଖବର ଦେବା ପରେ ପୁଲିସ ଟିମ ପହଞ୍ଚି ଗାଡ଼ିକୁ ଜବଦ କରି ଥାନାକୁ ଆଣିବା ସହିତ ସେଥିରେ ଥିବା ୮ଟି ଗୋରୁକୁ ଉଦ୍ଧାର କରି ଆଜି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଅଭିଯୁକ୍ତ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ପୁଲିସ ।

## ବାଲି ବୋଝେଇ ୮ ଡମ୍ପର ଜବତ

**ରାସଗୋବିନ୍ଦପୁର, ୩୧।୩ (ସମିସ):** ସୋମବାର ବିଳମ୍ବିତ ରାତିରେ ପଡ଼ୋଶୀ ଜିଲ୍ଲା ବାଲେଶ୍ୱରର ମାଙ୍କଡିଆ ଅଞ୍ଚଳରୁ ବିନା କାଗଜପତ୍ରରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ମାଇନିଂ ବିଭାଗ ଏନଫୋର୍ସମେଣ୍ଟ ଟିମ୍, ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଅଚାନକ ଚଢ଼ଉ କରି ୮ଟି ଡମ୍ପରକୁ ଜବତ କରାଯାଇଛି । ଚଢଉ ସମୟରେ ପୁଲିସକୁ ଦେଖି ସମସ୍ତ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି । ତେବେ ରାସଗୋବିନ୍ଦପୁର ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।



ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ଡେଙ୍ଗାନାଳିଆ, କୁଶଡିହା, ଦଳେଇଡିହ, ବାଙ୍କବଣ ଆଦି ବିଭିନ୍ନ ଅଞ୍ଚଳରୁ ଶହ ଶହ ଟ୍ରିପ ମାଟି, ମୋରମ ଓ ବାଲି ପଡ଼ୋଶୀ ବାଲେଶ୍ୱର ଜିଲ୍ଲା ଓ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚୋରାରେ ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ଚୋରା ଚାଲାଣ ହେଉଛି । ଏ ନେଇ ରାଜସ୍ୱ ବିଭାଗ ଓ ମାଇନିଂ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉର ଆବଶ୍ୟକତା ରହିଛି ।

## ପିକ୍‌ଅପ୍ ଭ୍ୟାନ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ବୈଶିଙ୍ଗା, ୩୧।୩ (ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଯୁଗୋଳ ଛକରେ ରାସ୍ତା ଅତିକ୍ରମ କରୁଥିବା ଜଣେ ସାଇକଲ ଆରୋହୀଙ୍କୁ ଏକ ଦ୍ରୁତଗାମୀ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି । ବେତନଟୀ ବ୍ଲକ ଆଗ୍ରିଆ ଉପକଣ୍ଠ ବିରୋଳା ଗ୍ରାମର ଲେମ୍ବୁଧର ରଣାଙ୍କ ପୁଅ ଶଶୀଧର ରଣା(୪୦) ୧୮ ନଂ ଜାତୀୟ ରାଜପଥ ଯୁଗୋଳ ଛକରେ ସାଇକଲ ଯୋଗେ ରାସ୍ତା ଅତିକ୍ରମ କରୁଥିବାବେଳେ ବେତନଟୀ ଅଭିମୁଖେ ଆସୁଥିବା ପିକଅପ୍ ଭ୍ୟାନ ତାଙ୍କୁ ଶକ୍ତ ଧକ୍କା ଦେଇଥିଲା । ତାଙ୍କ ମୁଣ୍ଡ, ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଶୀଧରଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବୈଶିଙ୍ଗା ପୁଲିସ ପହଞ୍ଚି ପିକଅପ୍ ଭ୍ୟାନକୁ ଜବତ କରିଛି ।

**ଜନଗଣନା ନିଯୁକ୍ତିରେ ଅନିୟମିତତା ଅଭିଯୋଗ**

## କନିଷ୍ଠଙ୍କ ଅଧୀନରେ କାର୍ଯ୍ୟ କରିବେ ବରିଷ୍ଠ

**ବାରିପଦା, ୩୧ ।୩(ସମିସ):** ୨୦୨୭ ଜନ ଗଣନା ପାଇଁ ସୁପରଭାଇଜର ଓ ଗଣନା ଅଧିକାରୀ ନିଯୁକ୍ତି ପାଇଁ ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶାବଳୀ ପ୍ରକାଶିତ ହୋଇଛି । କିନ୍ତୁ ବିଭିନ୍ନ ସ୍ଥାନରେ ଏହାକୁ ସଠିକ ଭାବେ ପାଳନ କରାଯାଉନାହିଁ । ବାରିପଦା ମ୍ୟୁନସିପାଲିଟି ପକ୍ଷରୁ ପ୍ରକାଶିତ ଅଧିକାରୀ/

**ଶିକ୍ଷକ ସଙ୍ଘର ଅସନ୍ତୋଷ**

କର୍ମଚାରୀ ନିୟୋଜନ ତାଲିକାରେ ବ୍ୟାପକ ଅନିୟମିତତା ଦେଖାଯାଇଛି । ପ୍ରାଥମିକ ଶିକ୍ଷକ ଓ ଦୁଇତିନି ବର୍ଷ ହାଇସ୍କୁଲରେ ଶିକ୍ଷକତା କରିଥିବା ବ୍ୟକ୍ତିଙ୍କୁ ସୁପରଭାଇଜର ଭାବେ ନିଯୁକ୍ତି ମିଳିଥିବାବେଳେ ୨୦୦୬ରୁ ନିଯୁକ୍ତି ପାଇ ୨୦ ବର୍ଷର ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ଏନୁମେରେଟର ଭାବେ ନିଯୁକ୍ତି ମିଳିଛି । ଏ ବାବଦରେ ମୟୂରଭଞ୍ଜ ଓଷ୍ଟା ପକ୍ଷରୁ ସଭାପତି



ଚିତ୍ତରଞ୍ଜନ ପଳତା ଓ ବ୍ଲକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କରିଥିଲେ । ବରିଷ୍ଠମାନେ କୌଣସି ପରିସ୍ଥିତିରେ କନିଷ୍ଠମାନଙ୍କ ଅଧୀନରେ କାମ କରିବା ଶୋଭନୀୟ ନୁହେଁ ବୋଲି ସେ ଅନୁଭବ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏ ବାବଦରେ ବିହିତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି ।

## ୩ ବର୍ଷ ହେବ ପଡ଼ିଥିବା ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

**ଉଦଳା, ୩୧ ।୩ (ସମିସ):** ବକେୟା ବିଦ୍ୟୁତ୍ ବିଲ୍ ଅଧିକ ହେବାରୁ ଆଜକୁ ୩ ବର୍ଷ ପୂର୍ବରୁ ବିଭାଗ ପକ୍ଷରୁ ବିଦ୍ୟୁତ ବିଚ୍ଛିନ୍ନ କରିଦିଆଯାଇଥିଲା । ୩ ବର୍ଷ ପୂର୍ବରୁ ଘରକୁ ଯାଇଥିବା ବିଦ୍ୟୁତ୍ ତାରକୁ କାଟି ଘର ବାଡି ପରିସରରେ ପକାଇ ଦିଆଯାଇଥିଲା । ଆଜି ସେ ବିଦ୍ୟୁତ୍ ତାର ନେଇଛି ବୃଦ୍ଧାଙ୍କ ଜୀବନ । ଏଭଳି ଘଟଣା ଘଟିଛି ଉଦଳା ଥାନା କୁଟଲିଂ ଗ୍ରାମରେ । ଗ୍ରାମର ମୁନି ବାସ୍କେ ଆଜି ଅପରାହ୍ନରେ ଗାଧୋଇସାରି ଘରକୁ ଆସିଥିଲେ । ଘର ହତାରେ ଶାଢୀ ଶୁଖାଇବା ପରେ ଅଚାନକ ଭାବେ ୩ ବର୍ଷ ହେବ ପଡ଼ିରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ । ସେହି ବିଦ୍ୟୁତ୍ ତାର ଆଘାତ ଲାଗିବା ସହିତ ସେ ସେଠାରେ ଗୁରୁତର ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ କେମିତି ୩ ବର୍ଷ ହେବ ବିଦ୍ୟୁତ କାଟ ହୋଇ ପଡ଼ିରହିଥିବା ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହେଲା, ତାହା ସବୁଠାରୁ ବଡ ପ୍ରଶ୍ନ ସୃଷ୍ଟି କରିଛି ।




# ସମ୍ପାଦକୀୟ



ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବ କାହିଁ
-ସ୍ୱଭାବକବି ଗଙ୍ଗାଧର ମେହେର

ସକାଳ
THE SAKALA

## ୨୦୩୬ ସଙ୍କଳ୍ପର ଭିତ୍ତି

ଶହେ ଛୁଇଁବାକୁ ଆଉ ମାତ୍ର ଦଶବର୍ଷ। ଆଗାମୀ ଦଶବର୍ଷ ସମଗ୍ର ବିଶ୍ୱ, ଭାରତ ଏବଂ ସର୍ବୋପରି ଆମ ଜନ୍ମଭୂମି ଓଡ଼ିଶା ପାଇଁ ଅନେକ ଦୃଷ୍ଟିରୁ ସମ୍ବେଦନଶୀଳ। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଅନେକ ପ୍ରବାସୀ ଓଡ଼ିଆଙ୍କ ଜୀବନଜୀବିକା ବିପନ୍ନ କରିଛି। ଘରକୁ ଫେରିଲେ ରୋଜଗାର ନାହିଁ। ଧୀରେଧୀରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଅଦୃଶ୍ୟ ପଞ୍ଝା ଲୋକଙ୍କ ଜୀବିକାକୁ ଉଦରସ୍ଥ କରିଚାଲିଥିବା ବେଳେ ଓଡ଼ିଶାର ଯୁବଶକ୍ତି ବା ବାଦ୍ ପଡ଼ିବେ କିପରି? 'ଏଆଇ'ର ଅପରିହାର୍ଯ୍ୟ ପ୍ରୟୋଗରେ ଆଉ ମାତ୍ର ପାଞ୍ଚ/ଛଅବର୍ଷ କିମ୍ବା ଅତିବେଶୀରେ ଦଶବର୍ଷ ଭିତରେ ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ପୋସାଦାର କୁଶଳୀ ଯୁବବର୍ଗ ଦିନକୁ ଦୁଇମୁଠା ଖାଇ ଜୀବନ ବଞ୍ଚାଇବା କଷ୍ଟକର ହୋଇପଡ଼ିବ ବୋଲି ଏବେଠାରୁ ବୈଜ୍ଞାନିକମାନେ ଉଦ୍‌ବେଗ ପ୍ରକାଶ କଲେଣି। ସମୟର ଏହି ଦୁର୍ବାର ଆହ୍ୱାନରେ ଏକ ଗରିବ ରାଜ୍ୟର ଅପବାଦଭରା ଇତିହାସର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ୨୦୩୬ରେ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବା କେମିତି? ଏହି ପ୍ରଶ୍ନ ହିଁ ଆଜି ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟପଥ ବନ୍ଧୁର, ଦୁର୍ବାର ଓ ଅଲଂଘ୍ୟ ଲାଗୁଥିଲେ ମଧ୍ୟ ଅସାଧ୍ୟ ନୁହେଁ। ଆମକୁ ମନେ ପକାଇବାକୁ ହେବ ଯେ ଆମର ପୂର୍ବପୁରୁଷ ମଧ୍ୟ ଏଭଳି ଅନେକ ଅଲଂଘ୍ୟକୁ ଅତିକ୍ରମ କରି ଆମ ମାତୃଭୂମିର ଗୌରବଗାଥା ସାତଦରିଆ ସେପାରିର ଜଳସ୍ଥଳଆକାଶରେ ଲେଖିଦେଇଥିଲେ। କଳିଙ୍ଗର ନୌବାଣିଜ୍ୟର ସମୃଦ୍ଧ ପରମ୍ପରାର ସ୍ମୃତିଚାରଣ ଆଜି ଆମକୁ ଆମ ଲକ୍ଷ୍ୟ ପୂରଣ ଦିଗରେ ସଫଳତାର ମନ୍ତ୍ର ହୋଇପାରିବ।



୨୦୩୬ରେ 'ବିକଶିତ ଓଡ଼ିଶା'ର ଦୁର୍ବାର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମ ପରିକଳ୍ପିତ ନକ୍ସାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ହେବ। ଆଗାମୀ ଦଶବର୍ଷ ବେଳକୁ ବିଶ୍ୱ କେଉଁସ୍ତରରେ ପହଞ୍ଚିଥିବ ତାହାକୁ ଦୃଷ୍ଟିରେ ରଖି, ବରଂ ତା'ଠାରୁ ଦୁଇପାଦ ଆଗରେ ରହିବା ଭଳି ଏହି ସମୟରୁ ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା କରିବାକୁ ପଡ଼ିବ। ସର୍ବୋପରି ଲକ୍ଷ୍ୟ ପୂରଣ ଲାଗି ପ୍ରଧାନତଃ ଦୁଇଟି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ହେବ। ପ୍ରଥମତଃ, ଆମସହିତ ଯୋଡ଼ି ହୋଇରହିଯାଇଥିବା 'ଆଳସ୍ୟ'ର କାଳିମାକୁ କର୍ମଶକ୍ତି ବଳରେ ହଟାଇବାକୁ ହେବ ଏବଂ ଦ୍ୱିତୀୟତଃ, ଓଡ଼ିଆଙ୍କ ପ୍ରଗତିରେ ଓଡ଼ିଆମାନେ ହିଁ ପ୍ରତିବନ୍ଧକ ବୋଲି ସୃଷ୍ଟି ହୋଇସାରିଥିବା ପ୍ରମାଣସିଦ୍ଧ ଉଦାହରଣମାନଙ୍କର ଯେଭଳି ସମ୍ପୂର୍ଣ୍ଣ ବିଲୋପ ଘଟେ ସେଥିପ୍ରତି ସତତ ଚେଷ୍ଟିତ ଓ ସମର୍ପିତ ରହିବାକୁ ପଡ଼ିବ।

ପ୍ରାକୃତିକ ଦୁର୍ବିପାକ ଆମର ଚିର ସହଚର। ତେଣୁ ବିକାଶର ଅନ୍ତରାୟ ପାଇଁ ଆମେ କେବଳ ପ୍ରକୃତିକୁ ଦୋଷ ଦେଇ ବସିରହିଲେ ଇତିହାସ କ୍ଷମା ଦେବ ନାହିଁ। ଥରେ ଚିନ୍ତା କରନ୍ତୁ ତ! ଆମେ ଏଭଳି ଏକ ଭୌଗୋଳିକ ମଧ୍ୟବିନ୍ଦୁରେ ଅବସ୍ଥାନ କରୁଛୁ, ଯେଉଁଠାରେ ଆମେ ବିଶାଳ ଭାରତବର୍ଷର ଉତ୍ତର ଓ ଦକ୍ଷିଣର ଭାଷା, ସଂସ୍କୃତି, ରାଜନୀତି ଓ ପରମ୍ପରାଗତ ସଂଯୋଗର ସେତୁର ଭୂମିକା ନିର୍ବାହ କରିପାରିବା। ତେଣୁ ଭାଷା ଓ ସଂସ୍କୃତି ଭିତ୍ତିକ ରାଜନୈତିକ ଅସୂୟା ଆଧାରିତ ରାଜନୀତିରେ ଆଗାମୀ ଦିନରେ ବୈଚାରିକ ସ୍ତରରେ ଦ୍ୱିଖଣ୍ଡିତ ହେବାକୁ ଯାଉଥିବା ଭାରତକୁ ଆମେ ଓଡ଼ିଶାବାସୀ ହିଁ ଭ୍ରାତୃତ୍ୱ, ସମନ୍ୱୟ ଓ ସହାବସ୍ଥାନର ରଜ୍ଜୁରେ ଯୋଡ଼ିପାରିବା। ଏଥିପାଇଁ ଆବଶ୍ୟକ ରାଜନୀତିର ସଂକୀର୍ଣ୍ଣତାବୋଧରୁ ଊର୍ଦ୍ଧ୍ୱରେ ଥିବା ଏକ ବିକଶିତ ଭାବନା ଓ ଦୂରଦର୍ଶୀ ଯୋଜନା। ଏହି ସେତୁର ଦାୟିତ୍ୱନିର୍ବାହ ପୂର୍ବକ ଆମେ ଅଚିରେ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିପାରିବା।

ଆମକୁ କିନ୍ତୁ ମନେ ରଖିବାକୁ ହେବ ଯେ ଏଭଳି ଏକ ମଧ୍ୟସ୍ଥି ବା ସେତୁର ଭୂମିକା ନିର୍ବାହ କରିବାକୁ ହେଲେ ଆମକୁ ସଂସ୍କୃତି, ଭାଷା, କଳାବୈଭବ ଆଦି କ୍ଷେତ୍ରରେ ଆମ ଉତ୍କର୍ଷକୁ ପୁନଃଉତ୍‌ଥାପନ କରିବାକୁ ପଡ଼ିବ। ବିଶ୍ୱ ପୁଣି ଯେପରି ନତଶିତରରେ ସ୍ୱୀକାର କରିବାକୁ ବାଧ୍ୟ ହେବ ଯେ ଯେଉଁ କଳିଙ୍ଗସାଧବ ଦିନେ ବିଶ୍ୱ ବାଣିଜ୍ୟର ପଥ ଦେଖାଇଥିଲା, ଶାନ୍ତି ଓ ପ୍ରୀତିର ଉପନିବେଶ ସ୍ଥାପନା କରିଥିଲା, ତାହାର ଦାୟାଦ ଭାବେ ଓଡ଼ିଶାବାସୀ ହିଁ ପୁଣି ବିଶ୍ୱଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବାରେ ସକ୍ଷମ। ସେତୁଟିଏର ଭୂମିକା ନିର୍ବାହ ପୂର୍ବରୁ ଏହାର ଆନ୍ତଃଶୃଙ୍ଖଳା ନିତାନ୍ତ ଆବଶ୍ୟକ। ଏବେ ଆମ ଭିତରେ ଭାଷାଗତ, ଆଞ୍ଚଳିକ ଓ ସଂସ୍କୃତିଗତ ଅସୂୟା ଭଳିରହିଛି। ଏହି ଅସୂୟାକୁ ଦୂର କରି ଆମେ ଗୋଟିଏ ମାତାର ସନ୍ତାନ ଏବଂ ଗୋଟିଏ ପରିବାର ଦାୟାଦ ଭାବେ ନିଜକୁ ଉପସ୍ଥାପନ କରିବାକୁ ପଡ଼ିବ। ଅନେକେ ଆଶଙ୍କା କରୁଛନ୍ତି ଯେ ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ପୁଣି ଥରେ ଭାଷା କନ୍ଦଳରେ ହିଁ ବିଭାଜିତ ହୋଇଯିବ। ପ୍ରଥମେ ଆମକୁ ପ୍ରମାଣ କରିବାକୁ ହେବ ଯେ ଏହି ଆଶଙ୍କା ଅମୂଳକ। ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତ ଆମ ମୌଳିକ ଓଡ଼ିଆ ଭାଷାର ବିଶୁଦ୍ଧ ବ୍ୟବହାର ଓ ସର୍ବଗ୍ରହଣୀୟତା ଦ୍ୱାରା ଉପରୋକ୍ତ ଆଶାଙ୍କାକୁ ଦୂର କରାଯାଇପାରିବ। ଏଥିସହିତ ଆମ ଭିତରେ ଓଡ଼ିଆ ଭାଷା ପ୍ରତି ଥିବା ଅସୂୟତାକୁ ସମ୍ପୂର୍ଣ୍ଣ ପରିହାର କରିବାକୁ ହେବ।

ଆମେ ବାରମ୍ବାର ଦୋହରାଇ ଆସୁଛୁ ଆମ ପାଖରେ ପ୍ରାକୃତିକ ସମ୍ବଳର ଅଭାବ ନାହିଁ। ଆମ ଭାଷା ଶାସ୍ତ୍ରୀୟ। ଆମ କଳାଭାସ୍କର୍ଯ୍ୟ ଅନନ୍ୟ। ଆମ ହସ୍ତଶିଳ୍ପ ବିଶ୍ୱାଦୃତ। ଆମ ଗୌରବାବହ ଇତିହାସ ଓ ସମୃଦ୍ଧ ପରମ୍ପରା ବିଶ୍ୱବିରଳ। ଏହି କାଳଜୟୀ ଇତିହାସର ପିଠି ଉପରେ ଛିଡ଼ା ହୋଇ ସମୃଦ୍ଧ ପରମ୍ପରାକୁ ବିଶ୍ୱମୁଖୀ କରି ସେଥିରେ ଆମ ମୌଳିକ ଅନନ୍ୟ ସଂସ୍କୃତିର ସ୍ୱାକ୍ଷର ଲେଖିବାରେ କେବଳ ଯାହା ବିଳମ୍ବ ଘଟୁଛି। ଆଉ ଅଧିକ ବିଳମ୍ବ ନ କରି ଆସନ୍ତୁ ଆଜି ହିଁ ଏହି ସ୍ୱର୍ଣ୍ଣିମ ସ୍ୱାକ୍ଷର ଲେଖିବାର ସଂକଳ୍ପ ନେବା। ଏହି ସଂକଳ୍ପ ହିଁ ହେବ ୨୦୩୬ରେ ବିକଶିତ ଓଡ଼ିଶା ଗଠନର ମୂଳଦୁଆ। ●

ବନ୍ଦେ ଉତ୍କଳ ଜନନୀ।

# ମୋ ସ୍ୱପ୍ନର ଓଡ଼ିଆ

**ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ**

> ### ମୋ ସ୍ୱପ୍ନର ଓଡ଼ିଶା
>
> **ଆମେ ଓଡ଼ିଶାବାସୀ ୨୦୩୬, ଏପ୍ରିଲ୍ ୧ ତାରିଖରେ 'ସ୍ୱତନ୍ତ୍ର ଓଡ଼ିଶା ଦିବସ' ତଥା ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ପ୍ରଦେଶର ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛୁ। ଏହି ପୃଷ୍ଠଭୂମିରେ '୨୦୨୬ ଏପ୍ରିଲ୍ ୧' ଦିନଟି ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ। ଜୟନ୍ତୀ ଶତବାର୍ଷିକୀ ଅବସରରେ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲ ପାଇଁ ଆମ ହାତରେ ଆଉ ମାତ୍ର ଗୋଟିଏ ଦଶନ୍ଧି ରହିଯାଇଛି। ଆଜିର ଦିନକୁ ଏହି ଦଶନ୍ଧିର ମୂଳଦୁଆ ଭାବରେ ଗ୍ରହଣ କରି ଆମକୁ ଆଗକୁ ବଢ଼ିବାକୁ ହେବ। ଶତାୟୁ ବିକଶିତ ଓଡ଼ିଶାକୁ ଅଭିନନ୍ଦିତ ଓ ଅଭିବନ୍ଦିତ କରିବାର ମହାର୍ଘ ମୁହୂର୍ତ୍ତକୁ ଛୁଇଁବାର ଏହି ଦଶବର୍ଷର କାଳଖଣ୍ଡର ଅବଧି ସେତେ ଅଧିକ ନ ହେଲେ ମଧ୍ୟ କମ୍ ନୁହେଁ। ମାତୃଭୂମିର ଟେକ ରଖିବାର ନିଷ୍ଠା, ଅଧ୍ୟବସାୟ, ସମର୍ପଣ, ଉତ୍ସର୍ଗୀକୃତ ମନୋଭାବ ଓ ଆନ୍ତରିକତା ରହିଲେ ଆମେ ୨୦୩୬ ସୁଦ୍ଧା ଆମ ସ୍ୱପ୍ନର ବିକଶିତ ଓଡ଼ିଶା ଗଢ଼ିପାରିବା। ଏଥିପାଇଁ କିନ୍ତୁ ଦଳ-ଗୋଷ୍ଠୀ-ମତ-ଆଦର୍ଶ ନିର୍ବିଶେଷରେ ସମ୍ମିଳିତ ଉଦ୍ୟମ ଓ ଏକ ଦୂରଦର୍ଶୀ ଖସଡ଼ା ଆବଶ୍ୟକ। ୨୦୩୬ରେ ଜଣେ ଓଡ଼ିଆ ଭାବରେ 'ମୋ ମାତୃଭୂମିକୁ ମୁଁ କିଭଳି ଦେଖିବାକୁ ଚାହୁଁଛି' ସେ ସମ୍ପର୍କରେ ସମାଜର ବିଭିନ୍ନ ବର୍ଗର ମତ, ବିଚାର ଓ ଦୃଷ୍ଟିକୋଣକୁ ଆମେ ପ୍ରତି ୧୫ ଦିନ ଅନ୍ତରରେ ଏହି ସ୍ତମ୍ଭ - 'ମୋ ସ୍ୱପ୍ନର ଓଡ଼ିଶା'ରେ ଉପସ୍ଥାପନ କରିବୁ। ବିକଶିତ ଓଡ଼ିଶା ପାଇଁ ସରକାର ପ୍ରସ୍ତୁତ କରୁଥିବା କାର୍ଯ୍ୟଖସଡ଼ାରେ ଏହି ମତାମତରୁ ଉପାଦେୟ ଅଂଶକୁ ଗୁରୁତ୍ୱ ଦେବେ ବୋଲି ଆଶା।**

'ମୋ ସ୍ୱପ୍ନର ଓଡ଼ିଶା' ବିଷୟରେ ମୁହଁ ଖୋଲିବା ପୂର୍ବରୁ ପ୍ରଥମେ 'ମୋ ସ୍ୱପ୍ନର ଓଡ଼ିଆ'ଙ୍କୁ ମୁଁ ଭେଟିବାକୁ ଚାହେଁ ମୁହାଁମୁହିଁ ଏଇ କ୍ଷୁଦ୍ର ଆଲେଖ୍ୟରେ।

ପ୍ରଥମେ ମୋର ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ ମୋ ଓଡ଼ିଆ ଭାଇଭଉଣୀମାନଙ୍କୁ- 'ଆପଣମାନଙ୍କୁ ଆଜିର ଓଡ଼ିଶା ପାଇଁ ଯଦି ଦାୟୀ କରାଯାଏ, ତେବେ ଆପଣମାନେ କ'ଣ ସେ ଦାୟିତ୍ୱ କାନ୍ଧକୁ ନେବେ?' ଯଦି 'ହଁ' ତେବେ ମୁଁ ମୋ ପ୍ରଶ୍ନ ପଚାରିବାକୁ ଭରସା କରୁଛି।

'ଜାଣନ୍ତି କି ୧୯୩୬ ଏପ୍ରିଲ ପହିଲା ପରଠାରୁ ଯେଉଁ କ୍ଷୁଦ୍ର ଭୂଖଣ୍ଡକୁ 'ଓଡ଼ିଶା' ମନେ କରି ଆପଣ ନିଶ୍ଚିନ୍ତରେ ବସବାସ କରି ଆସୁଛନ୍ତି ସେ ଭୂଖଣ୍ଡଟି ପ୍ରକୃତରେ 'ଐତିହାସିକ ଓଡ଼ିଶା'ର ଏକ କ୍ଷୁଦ୍ରଅଂଶ ମାତ୍ର।' ଆପଣମାନଙ୍କୁ ମନେ ପକାଇ ଦେବା ପାଇଁ କହୁଛି ଯେ ଖ୍ରୀ.ପୂ ୪ର୍ଥ ଶତାବ୍ଦୀରେ ଭାରତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟବଂଶ ରାଜୁତିକାଳରେ ତାଙ୍କ ଦରବାରରେ ଐତିହାସିକ ଥିଲେ ଜଣେ ଗ୍ରୀକ୍ ପଣ୍ଡିତ, ଯାହାଙ୍କ ନାଁ ଥିଲା ମେଘାସ୍ଥିନିସ୍। ସେହି ସମୟରେ ସୁଦ୍ଧା 'ଓଡ଼ିଶା' କହିଲେ ଭାରତର ଐତିହାସିକମାନେ ବୁଝୁଥିଲେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିବା ଏକ ବିଶାଳ ଭୂଖଣ୍ଡକୁ। ଏହାଥିଲା 'କଳିଙ୍ଗ' ଏବଂ 'ଓଡ଼ିଶା'ର ସ୍ଥିତି ଥିଲା ଆହୁରି ବିଶାଳ - ଗଙ୍ଗାଠାରୁ ସୁଦୂର କାବେରୀ ନଦୀ ପର୍ଯ୍ୟନ୍ତ - ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ। କିନ୍ତୁ ଏତେବଡ଼ ସାମ୍ରାଜ୍ୟର ଅଧିବାସୀଙ୍କୁ ଦିନେ କଲିକତାରେ କୁଲିଗିରି କରିବାକୁ ପଡ଼ିଲା ସେହି ଇତିହାସର ଦାୟରେ, ଊନବିଂଶ ଶତାବ୍ଦୀରେ ମାତ୍ର ବର୍ଷ କେତେଟା ଅନ୍ତରାଳରେ!

ଏ ସବୁର କାରଣ ତର୍ଜମା କଲେ ମାତ୍ର ଗୋଟିଏ କଥା ଦୃଷ୍ଟିକୁ ଆସେ; ତାହା ହେଲା ବିଦେଶୀ ବ୍ରିଟିଶ ସରକାରଙ୍କର ଅଭିନବ କୂଟନୈତିକ ଚକ୍ରାନ୍ତ। ଶତ୍ରୁକୁ ସମୂଳେ ଧ୍ୱଂସ କରିବାକୁ ହେଲେ ତା' ଘରେ ଭ୍ରାତୃବିବାଦ ରୋପଣ କର। 'ଡିଭାଇଡ୍ ଆଣ୍ଡ ରୁଲ୍' - ଏହି ବିଷର ପ୍ରୟୋଗରେ ବ୍ରିଟିଶ ଶାସକମାନେ ଓଡ଼ିଶାକୁ ଯେଉଁଭଳି ଭାବେ ଖଣ୍ଡ ଖଣ୍ଡ କରି, ପଶୁକୁ ମାରି ତା'ର ମାଂସକୁ ବିତରଣ କଲା ପରି ଓଡ଼ିଶାକୁ ୧୮୦୩ ଓ ୧୮୩୬ ଭିତରେ ବିଖଣ୍ଡିତ କରିଦେଲେ, ତା'ର ପରିଣତି ପରବର୍ତ୍ତୀ ସମୟରେ ଭୋଗ କରିବାକୁ ପଡ଼ିଛି ଓଡ଼ିଶାକୁ ତଥା ତା'ର ଅଧିବାସୀ ଓଡ଼ିଆଲୋକଙ୍କୁ।

ମଧୁବାବୁଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରତିଦାନ ଓ ସ୍ୱୀକୃତି ସ୍ୱରୂପ ବ୍ରିଟିଶ୍ ସରକାର ୧୯୩୬ ମସିହା ଏପ୍ରିଲ୍ ପହିଲାରେ ସେହି ବିଖଣ୍ଡିତ ଅଂଶଗୁଡ଼ିକୁ ଆହୁରି ବିଖଣ୍ଡିତ କରି ଯେଉଁ ଉପହାରଟି ଦେଲେ ତାହାର ଅଧିବାସୀମାନଙ୍କୁ ଆଉ 'ଓଡ଼ିଆ' ବୋଲି ନାମିତ କରାଯାଇ ନ ପାରେ। ସେମାନେ ଗୋଟେ ଗୁହାଳରେ ଆବଦ୍ଧ ବହୁଜାତିର ଗୋରୁ ଭଳି ପରସ୍ପର ସହିତ ଲଢ଼େଇ ଭିତରେ ବାଦବିବାଦ ବ୍ୟତୀତ ଅନ୍ୟକୌଣସି ସୁଖକର ଶାଳୀନ ସଂପର୍କରେ ଅଛନ୍ତି ବୋଲି ମନେ ହୁଏ ନାହିଁ। ଏହି ପରସ୍ପର ବିବାଦରତ ଓଡ଼ିଆ ଭାଇମାନେ ଯେ ଦିନେ ସାତସମୁଦ୍ର ପାରି ହୋଇ କାହିଁ କୋଉ ଦେଶବିଦେଶରେ ନିଜର ବାଣିଜ୍ୟ ବସତି ସ୍ଥାପନ କରିଥିଲେ, ନୌବାଣିଜ୍ୟ ମାଧ୍ୟମରେ ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ସମେତ ଆମେରିକାରେ ମାୟା, ଆସ୍ତିକ, ଇନକା ଆଦି ସମୃଦ୍ଧ ସଭ୍ୟତା ପ୍ରତିଷ୍ଠା କରିଥିଲେ - ଏହା ସଂପୂର୍ଣ୍ଣ ଅଚିନ୍ତନୀୟ।

ତେଣୁ 'ମୋ ସ୍ୱପ୍ନର ଓଡ଼ିଆ' ଭାଇଓଭଉଣୀମାନଙ୍କୁ ମୁଁ ଆଉ ଥରେ ସେମାନଙ୍କର ଅତୀତ ସମ୍ପର୍କରେ ଚେତାଇ ଦେବା ସହିତ ଗଭୀର ବିଶ୍ୱାସର ସହିତ ଆଶା ପ୍ରକାଶ କରୁଛି ଯେ ସେମାନେ ପରସ୍ପର ସହିତ ଭ୍ରାତୃବିବାଦ ବର୍ଜନ କରି ଜଣେ ଓଡ଼ିଆକୁ ନିଜର ଗେହ୍ଲା ଭାଇ ଭଳି ଦୃଷ୍ଟିରେ ଦେଖନ୍ତୁ। ସୃଷ୍ଟିର କୌଣସି ବସ୍ତୁ ସେମାନଙ୍କର ଅପ୍ରାପ୍ତ ରହିବ ନାହିଁ ଏକତାର ଅଲୌକିକ ଶକ୍ତି ବଳରେ। ଏହା ହିଁ ମୋର ସ୍ୱପ୍ନର ଓଡ଼ିଆ!

ଜୟ ଜଗନ୍ନାଥ। ●

(ପ୍ରଥିତଯଶା ଔପନ୍ୟାସିକ ତଥା ପ୍ରବୁଦ୍ଧ ପ୍ରଜ୍ଞାପୁରୁଷ)

# ସେବର ଉତ୍କଳ, ଏବର ଓଡ଼ିଶା

**ଦାଶରଥୀ ଜେନା**

ପରିବର୍ତ୍ତିତ ସମୟ ବୀର ପ୍ରସବିନୀ 'ଉତ୍କଳମାତା'ର ନାମକୁ 'ଓଡ଼ିଶା'ରେ ରୂପାନ୍ତରିତ କରିଦେଇଛି ସତ, କିନ୍ତୁ କେଉଁଠି ନା କେଉଁଠି 'ଉତ୍କଳ' ଆଉ 'ଓଡ଼ିଶା'କୁ ଅନ୍ତର୍ଦୃଷ୍ଟି ଦେଇ ଦେଖିବା ବେଳେ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ପରିସ୍ଥିତି ଅନୁଯାୟୀ ପତିତପାବନୀ ଗଙ୍ଗା ନିଜର ନାମ ବଦଳାଇ ଯେମିତି-ଭାଗୀରଥି, ତ୍ରିପଥଗା, ଜାହ୍ନବୀ, ଦେବନଦୀ ବୋଲାଇ ଥିଲେ ହେଁ ତା'ର ସ୍ୱଭାବ ଓ ପବିତ୍ରତାକୁ ନଷ୍ଟ ନ କରିବା ପାଇଁ ସତେଯେମିତି ସଂକଳ୍ପ ବଦ୍ଧ, ସେମିତି କୀର୍ତ୍ତି କିରୀଟିନୀ ଉତ୍କଳର ଗୌରବମୟ ଇତିହାସକୁ ଅକ୍ଷୁଣ୍ଣ ରଖିବା ପାଇଁ ଏବର ଓଡ଼ିଶାର ଜନସାଧାରଣ ସଚେତନ ତ? ମୁଁ ବି ଆପଣମାନଙ୍କ ଭିତରେ। ପ୍ରତିଭାକୁ ଅଣଦେଖା କରି ପ୍ରତିମାରେ ରଙ୍ଗ ବୋଳୁଥିବା ଜଣେ ଆତ୍ମଘୋଷିତ ମୃତ୍ତିକା ଶିଳ୍ପୀ। ଜଣେ ଅନାମଧେୟ ଲେଖକ।

ପାଶ୍ଚାତ୍ୟ ସଭ୍ୟତାର ଆଲୋକରଶ୍ମିରେ ରଂଗୀନ ଓଡ଼ିଶା ଆଜି ଆଧୁନିକତାର ଧାଁଦୌଡ଼ରେ ଅବଶ୍ୟ ଦୁଇପାଦ ଆଗରେ। ତଥାପି ବାପା, ଗୋସିବାପାଙ୍କ ଉତ୍ସର୍ଗୀକୃତ ଉତ୍କଳୀୟତା ମନେ ପଡ଼ିଗଲେ ମୁହଁ ଲୁଚେଇବାକୁ ବାଧ୍ୟ ହେଲା ପରି ଲାଗେ। ସତରେ କ'ଣ ଆମେ ସେମାନଙ୍କ ଉତ୍ତରଦାୟାଦ? ପ୍ରଶ୍ନ ମନର, ଉତ୍ତର ବିବେକର। ଯୋଡ଼ି ହୋଇ ରହିବାର ମୋହିନୀ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ବିଛିନ୍ନାଞ୍ଚଳ ତଥା ଗଡ଼ଜାତ ଅଞ୍ଚଳରେ ବସବାସ କରି ରହୁଥିବା ଓଡ଼ିଆମାନଙ୍କୁ ଉତ୍କଳ ଭୂଖଣ୍ଡରେ ମିଶାଇ ଏକ 'ପୂର୍ଣ୍ଣାଙ୍ଗ ଉତ୍କଳ'ର ସ୍ୱପ୍ନ ସେମାନଙ୍କୁ ସେତେବେଳେ ସିନା ଶୁଆଇ ଦେଉନଥିଲା, ଓଡ଼ିଆ ଭାଷାର ସ୍ୱୀକୃତି, ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ପ୍ରତି ମୁହୂର୍ତ୍ତରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଲହୁଲୁହାଣ ସିନା ସେହିମାନେ ହେଉଥିଲେ, ହେଲେ ଏବେ ଆମେ ଆମ ପରିବାର, ବନ୍ଧୁବାନ୍ଧବ, ସାହିପଡ଼ିଶା, ଆତ୍ମୀୟସ୍ୱଜନଙ୍କୁ ଦୂରେଇ ଏକ ପ୍ରଜାଶୂନ୍ୟ ସାମ୍ରାଜ୍ୟର ନିଃସଙ୍ଗ ସମ୍ରାଟ ଭାବେ ବଞ୍ଚିବାକୁ ଶ୍ରେୟ ମନେ କରୁଛନ୍ତି।

ବ୍ୟକ୍ତିକେନ୍ଦ୍ରିକ, ଅର୍ଥସର୍ବସ୍ୱ ହୋଇ ସଂସ୍କୃତି, ପରମ୍ପରା ଐତିହ୍ୟକୁ ଧୀରେ ଧୀରେ ଭୁଲିଯିବାକୁ ବସିଲେଣି। କଳା, ସାହିତ୍ୟ, ବାଣିଜ୍ୟ, ସ୍ଥାପତ୍ୟ ଏବେ କଳଙ୍କ ଲାଗିବାକୁ ଗଲାଣି। ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ। ଦିଶାହୀନ ଓଡ଼ିଆ ଜାତିର ଜୀବନଚର୍ଯ୍ୟା ଆଜି ବିଶ୍ୱମାନବର ଅନେକ ପଛରେ। ସେହି ମାଟି ଅଛି, କିନ୍ତୁ ମାଦକତା ନାହିଁ। ସେହି ପାଣି ଅଛି ମଧୁରତା ନାହିଁ। ସେହି ପବନ ଅଛି ବିଶୁଦ୍ଧତା ନାହିଁ। ତେଣୁ ଏହି ନାମ ପରିବର୍ତ୍ତନରେ ବିଶେଷ ପ୍ରୟୋଜନ ନଥିଲା ପରି ମନେହୁଏ। 'ଟଙ୍କାକ ମାଲ୍ ବାରଣା ହଉ ଯାଇ ଆସି ପୁଅ ସିଆଣା ହଉ' ନ୍ୟାୟରେ ଆମେ ହୁଏତ ଯୁକ୍ତି ବାଢ଼ିପାରିବା ଯେ ଯଦିଓ କିଛି ହରାଇଛୁ ପରିବର୍ତ୍ତେ ଅନେକ କିଛି ବାଟ ଆଗକୁ ଯାଇଛୁ। ସେବର 'ଉତ୍କଳ' ଠାରୁ ସାଂପ୍ରତିକ ଏବର 'ଓଡ଼ିଶା' ସବୁ ଦୃଷ୍ଟିକୋଣରୁ ଆଗରେ। ଓଡ଼ିଶାର ପ୍ରତିଗ୍ରାମ ପ୍ରାୟ ଏବେ ସହରୀ ଢାଞ୍ଚାରେ। ମାଟି ଘର, ମାଟି ସଡ଼କ ବର୍ଷା ଦିନରେ ଆଉ ମଣିଷକୁ ଅସ୍ତବ୍ୟସ୍ତ କରୁନି। ଖରା ଦିନେ ପାଣି ପାଇଁ କୂଅ, ନଳକୂଅ, ନଈ, ପୋଖରୀ ପାଖରେ ମେଳିବାନ୍ଧି ଗାଁର ବୋହୂ ଭୁଆଁସୁଣୀମାନେ ଆଉ ଠିଆ ହୋଇ ରହୁନାହାନ୍ତି ଦୀର୍ଘସମୟ। ଥଣ୍ଡା ପବନ ଟିକେ ପାଇବା ପାଇଁ ବଙ୍କୁଲି ବାଡ଼ି ଠୁକ୍‌ଠୁକ୍ କରି ଖରାବେଳେ ଜେଜେ ଆଉ ଯାଉନାହାନ୍ତି ଆମ୍ବତୋଟାକୁ। ତାଳ ବରଡ଼ା ବିଂଚଣା ଚୁଲିକି ଗଲାଣି। ପ୍ରତିଘରେ ବିଦ୍ୟୁତ୍ ଚାଳିତ ପଙ୍ଖା, କୁଲର୍‌ର ବ୍ୟବହାର ପ୍ରାୟ। ବିଜ୍ଞାନର ପ୍ରଗତି ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଚରମ ଉନ୍ନତି ସାଧିତ କରିଛି। ଏବେ ଆମେ ସ୍ୱୟଂସଂପୂର୍ଣ୍ଣ।

ମୁଁ କିନ୍ତୁ ଆପଣମାନଙ୍କ ସହିତ ଏକମତ ହୋଇପାରୁନି ସଚ୍ଚି ରାଉତଙ୍କର କାଳଜୟୀ କବିତା 'ଛୋଟ ମୋର ଗାଆଁ ଟି'ର ସେହି ଅଭୁଲା ପଂକ୍ତି - 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ, ଜୀବନ ପଥେ ସକଳ ତା'ର ଫିଟାଏ ନୂଆ ରାହାଟି' ପାଇଁ। ଜୀବନରେ ଯେତେ ଆଗକୁ ଯିବ ସେତେ ପଛ କଥା ମନେ ରଖିବା ଉଚିତ୍। ଆହୁରି ମନେପଡ଼େ 'ଉତ୍କଳ ଦୀପିକା' ଜାନୁୟାରୀ ୧୫, ୧୮୭୦ ପୃଷ୍ଠା ୧୧ ଉତ୍କଳର ଭାଷା ଶିକ୍ଷା ସୁବିଧା ଉଦ୍ଦେଶ୍ୟରେ ଉଇଲିୟମ କେରି ଲେସି ଇଂରେଜ ହୋଇ ମଧ୍ୟ ଉତ୍କଳୀୟଙ୍କ ପାଇଁ ଯେଉଁ ଗ୍ରନ୍ଥ ରଚନା କରି ଭ୍ରାତୃତ୍ୱର ନିଦର୍ଶନ ଛାଡ଼ି ଯାଇଛନ୍ତି, ତାହା ଆମ ଭିତରେ ବର୍ତ୍ତମାନ ଦେଖିବାକୁ ମିଳୁନି। ଆଧୁନିକତାର ସ୍ୱଟିକ ଉପରେ ବସି ଆମେ ଯଦି ସ୍ନେହ, ପ୍ରେମ, ସଂସ୍କାରକୁ ଅହଂକାରର ଚାରିକାନ୍ଥ ଭିତରେ ବନ୍ଦୀ କରି ରଖି ଦିଅନ୍ତି ତା'କୁ କ'ଣ ପ୍ରଗତି ବୋଲି କହିପାରିବା? କେବେ ନୁହଁ। କୌଣସି ପରିବାରରେ ଏକାଧିକ ସରକାରୀ ପଦସ୍ଥ କର୍ମଚାରୀ ଥାଇ ମଧ୍ୟ ଯଦି ପରସ୍ପର ମଧ୍ୟରେ ମନୋମାଳିନ୍ୟ, ଘୃଣା, ଅସୂୟା ଲାଗିରହିବ, ତା'ହେଲେ ସେଠି କ'ଣ ପ୍ରଯୁଜ୍ୟ ହେବ ଭକ୍ତକବି ମଧୁସୂଦନ ରାଓଙ୍କର ସେହି 'ଛବିଳ ମଧୁ ବର୍ଣ୍ଣବୋଧ'ର ଅମ୍ଳାନ ସ୍ୱାକ୍ଷର 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର?'। ଏହା କେବଳ ଶ୍ରୁତି ଖଣ୍ଡକାବ୍ୟର କିଛି ଅଂଶ ହୋଇପାରେ ମାତ୍ର ଦୃଶ୍ୟ-କାବ୍ୟର ଅମୃତପଂକ୍ତି କହିପାରିବା ନାହିଁ। କାରଣ ଉତ୍କଳର ଘର ଓ ପରିବାର ବାହା, ପୁଆଣୀ, ପୂନେଇଁ, ପର୍ବ, ଓଷା, ବାରର ସାମୂହିକ ଯୋଗଦାନ ଉତ୍କଳୀୟତାର ପରିଚୟ ବହନ କରିବା ସହିତ ଏକତା ସୂତ୍ରରେ ବାନ୍ଧି ରଖିବାର ଯେଉଁ ମାଧ୍ୟମ ପାଲଟି ଥିଲା ତାହା ପରିବର୍ତ୍ତିତ ଓଡ଼ିଶାର ରୁଗ୍‌ଣ ମାନସିକତାର ଶିକାର ହୋଇ ଦୂରେଇ ଗଲାଣି ବହୁଦୂରକୁ।

କର୍ମପ୍ରବଣ ମଣିଷ ପାଇଁ ଭାଗ୍ୟଲକ୍ଷ୍ମୀଙ୍କର ଆଶୀର୍ବାଦ ଝରିପଡ଼େ। ଆଉ ସେଇଥିପାଇଁ ତତ୍‌କାଳୀନ ଉତ୍କଳର ଲୋକମାନେ ନିରୋଗ ଓ ଦୀର୍ଘାୟୁ ହେବାର ଉଦାହରଣ ବହୁଳ। ବାଣ୍ଟି ଖାଇବା ଥିଲା ସେମାନଙ୍କ ପାଇଁ ଅବ୍ୟର୍ଥ ମହୋଷଧି। ଲାଞ୍ଚ, ମିଛର ବଶବର୍ତ୍ତୀ ନ ହୋଇ ସତ୍ୟର ସାଧକ ସାଜିବା ପାଇଁ ସେମାନେ ହେଉଥିଲେ ଗୁରୁକୁଳାଭିମୁଖୀ। ଦାନ, ଧର୍ମ, ଜାଗ, ଯଜ୍ଞକୁ ଜୀବନର ବ୍ରତଭାବେ ଗ୍ରହଣ କରି ଜୀବନକୁ ମାନବସେବାରେ ବିତାଉଥିଲେ ଅକୁଣ୍ଠିତ ଭାବେ। ଶ୍ରମକାତରତାର ଚିହ୍ନବର୍ଣ୍ଣ ପ୍ରାୟ ଦେଖିବାକୁ ମିଳୁନଥିଲା କାହା ପାଖରେ। କେତେବେଳେ ଦରିଆ ସେପାରିରୁ ଘରମୁହାଁ ସାଧବ ପୁଅର ମନ ମତାଣିଆ ଗୀତ ଶୁଣିବାକୁ ମିଳୁଥିଲା ତ କେତେବେଳେ ଉତ୍କଳ ନରେଶଙ୍କର ଯୁଦ୍ଧାଭିଯାନର ବୀରବାଦ୍ୟ ଶତ୍ରୁ ହୃଦୟରେ କମ୍ପନ ସୃଷ୍ଟି କରୁଥିଲା। ଏବେ କିନ୍ତୁ ଆଧୁନିକ ଓଡ଼ିଶାର ଜନସାଧରଣଙ୍କ 'ମୁଁ' 'ମୁଁ' କମ୍ପନରେ କମ୍ପି ଉଠୁଛି ମାଟି ଓ ଆକାଶ। ଶିହରୀ ଉଠୁଛି ପାଣି ଆଉ ପବନ। ଫମ୍ପା ମାଠିଆର ଶବଦ ବେଶି ପରି ଆମେମାନେ କଥା କହୁଛନ୍ତି ବାରଣା, କାମ କରୁଛନ୍ତି ଚାରଣା। ବିଜ୍ଞାନକୁ ଆୟୁଧ କରି ଆମେ ଡିଣ୍ଡିମ ପିଟି ଚାଲିଛନ୍ତି ନିଜ ନାଆଁରେ। 'ସାଉଁଟିଲା କାଣ୍ଡ ଯୁଦ୍ଧକୁ ଅଣ୍ଟେନା' ପରି ଆବଶ୍ୟକ କ୍ଷେତ୍ରରେ ଆମେ ପଛଘୁଞ୍ଚା ଦେଇ କାପୁରୁଷ ପରି ଲୁଚି ପଳାୟନ କରିବା ଛଡ଼ା ଅନ୍ୟରାସ୍ତା ଆମ ପାଖରେ ରହୁନାହିଁ। ଆଳସ୍ୟ ଓ କର୍ମ ବିମୁଖତା ପାଇଁ ରୋଗ, ଶୋକ, ଦାରିଦ୍ର୍ୟ ଆମକୁ କବଳିତ କରିଚାଲିଛି ଦିନକୁ ଦିନ। ପରନିନ୍ଦା, ପରଶ୍ରୀକାତରତାରେ ସମୟ ଅତିବାହିତ କରି ଆମେ କେବଳ ଫକଡରାମ ଗିରିଧାରୀ ସାଜିଛନ୍ତି।

ଏ ସବୁ ଆମ ପାଇଁ ଶୁଭଙ୍କର ନୁହେଁ। ପର୍ତ୍ତୁଗୀଜ୍ ଜାତି ଖ୍ରୀ:୧୫୫୪ରେ ପ୍ରଥମେ ଅଳ୍ପ କ୍ଷଣ ପାଇଁ ଓଡ଼ିଶାର ସୁବର୍ଣ୍ଣରେଖା ମୁହାଣର ପିପିଲି ନିକଟରେ ବାଣିଜ୍ୟକେନ୍ଦ୍ର ସ୍ଥାପନ କରି ବ୍ୟବସାୟ ଆରମ୍ଭ କରିଥିଲେ ମଧ୍ୟ ପ୍ରାୟ ୧୨୦ ପ୍ରକାର ପର୍ତ୍ତୁଗୀଜ୍ ଭାଷା ଓଡ଼ିଆ ଭାଷାରେ ଦେଖିବାକୁ ମିଳେ। କିନ୍ତୁ ଦୁଃଖ ଆଉ ପରିତାପର ବିଷୟ ଆମ ଓଡ଼ିଆ ଭାଷା ଅନ୍ୟ ଭାଷାରେ ରହି ନିଜର ପ୍ରାଧାନ୍ୟ ବିସ୍ତାର କରୁ - ଏକଥା ଆମେ କେହି କେବେ ଚିନ୍ତା କରୁନା। ନା ଆମ ଭିତରେ ଅଛି ଜାତିପ୍ରୀତି, ନା ଅଛି ଭାଷା ପ୍ରେମ। ଫକିରମୋହନ, ଉତ୍କଳଗୌରବ ମଧୁସୂଦନ, ରାଧାନାଥ, ଗୋପବନ୍ଧୁ, ରାମଚନ୍ଦ୍ର ଭଞ୍ଜଦେଓ, ମଧୁସୂଦନ ରାଓ ସମେତ ଉତ୍କଳର ଅନେକ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନ ଆଜି ସେମାନଙ୍କ ଉତ୍ତରଦାୟାଦମାନଙ୍କର ଓଡ଼ିଆ ଜାତି, ଓଡ଼ିଆ ଭାଷା, ଓଡ଼ିଆ ସ୍ୱାଭିମାନ ପ୍ରତି ଉତ୍ସର୍ଗର କାର୍ପଣ୍ୟତାକୁ ଦେଖି ମୁହଁ ଲୁଚାଉଥିବେ ପରପାରିରେ।

ସେବର 'ଉତ୍କଳ' ଅବା ଏବର 'ଓଡ଼ିଶା' ହଉ - ମାଆ ତ ସିଏ ଆମ ସମସ୍ତଙ୍କର। ପୈତୃକ ସମ୍ପତ୍ତି ଭାବରେ ଆମ ପାଖରେ ଯାହା ରଖିଯାଇଛନ୍ତି ଆମର ପୂର୍ବପୁରୁଷ, ଆମେମାନେ ତା'କୁ ଧୋଇ ମାଜି ଚଳିବାର ମାନସିକତା ଠୁଁ ଦୂରେଇ ରହି, ତା'କୁ ଦ୍ୱିଗୁଣିତ କରି ସେହି ମାଆର ସମ୍ମାନ ଆଉ ସ୍ୱାଭିମାନରେ ଲଗେଇ ପାରିଲେ ନିଜକୁ ନିଜେ ଗର୍ବ କରିବା ଯେ ଆମେ ସେ ଉତ୍କଳମାତାର ସୁଯୋଗ୍ୟ ସନ୍ତାନ। ●

ଚମ୍ପୁଆ(କେନ୍ଦୁଝର), ମୋ: ୮୧୪୪୭୬୯୮୨୫

# ଶ୍ରୀକ୍ଷେତ୍ରେ ଗଙ୍ଗାଙ୍କ ଆବିର୍ଭାବ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଓ ମହୋଦଧୀ ମଧ୍ୟବର୍ତ୍ତୀ ସ୍ଥାନରେ ଜଣେ ସନ୍ନ୍ୟାସିନୀ ବାସ କରୁଥିଲେ। ସେତେବେଳେ ତାଙ୍କର ନାଆଁ କ'ଣ ଥିଲା କାହାରିକୁ ଜଣା ନାହିଁ। ଗୋଟେ ପୋଖରୀ ହୁଡ଼ାରେ କୁଡ଼ିଆଟିଏ ଥିଲା ତାଙ୍କର ଆଶ୍ରମ। ସେ ଏକାଧାରାରେ ପତିତପାବନ ଶ୍ରୀଜଗନ୍ନାଥ ଓ ପତିତପାବନୀ ଗଙ୍ଗାଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତିଦିନ ସ୍ନାନଶୌଚ ପରେ ଶୁଦ୍ଧପୂତ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଜଳ ସ୍ପର୍ଶ କରୁଥିଲେ। ଧୀରେଧୀରେ ମାତା ବାର୍ଦ୍ଧକ୍ୟରେ ଉପନୀତ ହେଲେ। ଥରଟିଏ ଯାଇ ଗଙ୍ଗାମାତାଙ୍କୁ ପ୍ରତ୍ୟକ୍ଷ ଆରାଧନା କରି ଗଙ୍ଗାସ୍ନାନ କରିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ଆଗରୁ ଦାରିଦ୍ର୍ୟ ସେଦିଗରେ ବାଧକ ସାଜୁଥିଲା। ଏବେ ବାର୍ଦ୍ଧକ୍ୟ ତାଙ୍କର ଗଙ୍ଗାଯାତ୍ରାକୁ ଆହୁରି ଅସମ୍ଭବ କରିଦେଲା। ଗଙ୍ଗା ଶ୍ରୀକ୍ଷେତ୍ରଠାରୁ ଅନେକ ଦୂରରେ ଥିବାରୁ ଯିବାଆସିବା ପାଇଁ ମାସକରୁ ଅଧିକ ସମୟ ଲାଗୁଥିଲା। ମାସେ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଅଦର୍ଶନର ଚିନ୍ତା ମନକୁ ପଶି ଆସିଲେ ସେ ଅସହାୟ ବୋଧ କରୁଥିଲେ। ଗଙ୍ଗା ଦର୍ଶନ ନ ହେଲେ ନାହିଁ, ମହାପ୍ରଭୁଙ୍କୁ ଛାଡ଼ି କୁଆଡ଼େ ଯିବେ ନାହିଁ ବୋଲି ସେ ବାରବାର ସଙ୍କଳ୍ପ ନିଅନ୍ତି। ସେ ଦିନେ ମହାପ୍ରଭୁଙ୍କୁ ପ୍ରାର୍ଥନା କରି ନିବେଦନ କଲେ, 'ମହାବାହୁ! ଆପଣ ପତିତପାବନ, ମାତା ଗଙ୍ଗା ପତିତପାବନୀ। ଆପଣଙ୍କ ନଖ କୋଣରୁ ତାଙ୍କର ଉତ୍ପତ୍ତି। ଆପଣ ଚାହିଁଲେ ଅନ୍ତତଃ ଥରୁଟିଏ ମୁଁ ପବିତ୍ର ଗଙ୍ଗାରେ ସ୍ନାନ କରିପାରନ୍ତି।'

ଅନ୍ତର୍ଯାମୀ ମହାପ୍ରଭୁ ଭକ୍ତର ପ୍ରାର୍ଥନା ଶୁଣିଲେ। ସେ ସନ୍ନ୍ୟାସିନୀଙ୍କ ଆଶ୍ରମ ନିକଟବର୍ତ୍ତୀ ପୁଷ୍କରିଣୀରେ ଆବିର୍ଭାବ ହୋଇ ତାଙ୍କୁ ଦର୍ଶନ ଦେବା ପାଇଁ ଦେବୀ ଗଙ୍ଗାଙ୍କୁ ଆଦେଶ ଦେଲେ। ଦେବୀ ଗଙ୍ଗା ମଧ୍ୟ ମନରେ ଏକ ଅଭିଳାଷ ପୋଷଣ କରିଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଆସିଥିବା ବେଳେ ଦେଖିଥିଲେ ଯେ ହଜାରହଜାର ଭକ୍ତ ମହାପ୍ରସାଦ ଆନନ୍ଦବଜାରରେ ସେବନ କଲା ବେଳେ କିଛି ମହାପ୍ରସାଦ କଣିକା ତଳେ ପଡ଼ି ଯାଉଥିଲା। ଭକ୍ତମାନେ ସେ ପ୍ରସାଦ କଣିକାକୁ ଅନିଚ୍ଛାକୃତ ଭାବେ ପାଦରେ ମାଡ଼ି ଦେଉଥିଲେ। ସେମାନେ ଅନିଚ୍ଛାକୃତ ଭାବେ କରୁଥିବା ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ରରେ କୌଣସି ସୁଯୋଗ ନ ଥିଲା। ତେଣୁ ଦେବୀ ମହାପ୍ରଭୁଙ୍କ ଆଦେଶ ପାଇବା ପରେ ଆଶ୍ୱସ୍ତ ହେଲେ ଯେ ଏଣିକି ଭକ୍ତମାନେ ତାଙ୍କ ଜଳରେ ପାଦ ଧୋଇ ସେ ପାପରୁ ମୁକ୍ତ ହୋଇ ପାରିବେ ଏବଂ ସେ ନିଜେ ମହାପ୍ରଭୁଙ୍କ ଧାମରେ ତାଙ୍କ ସାନିଧ୍ୟ ଲାଭ କରି ପାରିବେ।

ଦିନେ ସନ୍ନ୍ୟାସିନୀ ପୋଖରୀ ହୁଡ଼ାରେ ବସି ନୀଳଚକ୍ରଙ୍କୁ ଚାହିଁ ମହାପ୍ରଭୁଙ୍କୁ ଧ୍ୟାନ କରୁଥିଲେ। ଏତିକିବେଳେ ଦେବୀ ଗଙ୍ଗା ସେ ପୋଖରୀରେ ଆବିର୍ଭାବ ହୋଇ କହିଲେ, 'କନ୍ୟା! ମୁଁ ଦେବୀ ଗଙ୍ଗା। ତୋର ଭକ୍ତିରେ ସନ୍ତୁଷ୍ଟ ହୋଇ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶ ପାଇ ମୁଁ ଏଠାରେ ଆବିର୍ଭୂତା ହୋଇଛି। ମୋର ଏକ ଧାର ସବୁଦିନ ପାଇଁ ଏହି ପୁଷ୍କରିଣୀରେ ପ୍ରବାହିତ ହେବ। ତା' ଦ୍ୱାରା ମୋର ପବିତ୍ରଜଳରେ ସ୍ନାନ କରିବା ପାଇଁ ତୋର ଇଚ୍ଛା ପୂରଣ ହୋଇପାରିବ। ତା'ସହିତ ମୋର ମଧ୍ୟ ଏଠାରେ ଏକ ପବିତ୍ର କର୍ତ୍ତବ୍ୟ ରହିଛି। ଆନନ୍ଦବଜାରରେ ଭକ୍ତମାନେ ମହାପ୍ରସାଦ କଣିକାକୁ ପାଦରେ ମାଡ଼ି କରୁଥିବା ଅନିଚ୍ଛାକୃତ ପାପରୁ ମୋ ଜଳରେ ପାଦ ଧୋଇ ମୁକ୍ତି ପାଇବେ। ମୋର ଏହି ବାର୍ତ୍ତା ତୁ କ୍ଷେତ୍ରରେ ପ୍ରଚାର କର। ତା' ଦ୍ୱାରା ଭକ୍ତମାନଙ୍କ ମନରେ ଥିବା ଗ୍ଲାନି ଦୂର ହେବ ଏବଂ ତୁ ମହାପ୍ରଭୁଙ୍କ କୃପା ଲାଭ କରିବୁ।'

ସନ୍ନ୍ୟାସିନୀ ଦେଖିଲେ ଯେ ଗଙ୍ଗାଙ୍କ ଆବିର୍ଭାବ ପରେ ପୋଖରୀର ପାଣି ଶ୍ୱେତବର୍ଣ୍ଣ ଧାରଣ କରିଥିଲା। ସେ ଦେବୀ ଗଙ୍ଗାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଉଠିବା ବେଳକୁ ଦେବୀ ଅନ୍ତର୍ହିତା ହୋଇ ଯାଇଥିଲେ। ସନ୍ନ୍ୟାସିନୀ ରାଜାଙ୍କୁ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଦେବୀ ଗଙ୍ଗାଙ୍କୁ ଶ୍ରୀକ୍ଷେତ୍ରକୁ ଆଣି ପାରିଥିବାରୁ ସନ୍ନ୍ୟାସିନୀଙ୍କୁ 'ଗଙ୍ଗାମାତା' ବୋଲି ସମ୍ବୋଧନ କଲେ। କ୍ରମଶଃ ସାରା ସହରର ଲୋକ ଏ କଥା ଜାଣି ବହୁତ ଖୁସି ହେଲେ। ସମସ୍ତେ ମିଳିମିଶି ମାତାଙ୍କ ପାଇଁ ଏକ ମଠ ନିର୍ମାଣ କରିଦେଲେ। ମାତାଙ୍କ ନାମାନୁସାରେ ସେ ମଠର ନାମ 'ଗଙ୍ଗାମାତା ମଠ' ରହିଲା। ଯେଉଁମାନେ ଗୟା ବା ପ୍ରୟାଗ ଯାଇ ପିତୃପୁରୁଷମାନଙ୍କର ଅସ୍ଥି ବିସର୍ଜନ କରି ପାରୁ ନ ଥିଲେ, ସେମାନେ ଏହି ତୀର୍ଥରେ ମନୋକାମନା ପୂର୍ଣ୍ଣ କଲେ। ମଝିରେ ମଝିରେ ଦେବୀ ଗଙ୍ଗା ସେଠାରେ ପ୍ରତ୍ୟକ୍ଷ ଆବିର୍ଭୂତା ହୁଅନ୍ତି ଏବଂ ସେ ସମୟରେ ପୋଖରୀର ଜଳ ଶ୍ୱେତବର୍ଣ୍ଣ ଧାରଣ କରେ ବୋଲି ଲୋକବିଶ୍ୱାସ ରହିଛି। ତେଣୁ ସେ ତୀର୍ଥର ନାମ 'ଶ୍ୱେତଗଙ୍ଗା' ଏବଂ ଏହା ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଭିତରୁ ଅନ୍ୟତମ। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବିଧାନସଭାରେ ବିଜୁ...

କମ୍ପମାନ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଥିଲେ। ୧୧ଟା୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଜୁ ବାବୁଙ୍କ ଉପରେ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ବିଜୁ ବାବୁ ଓଡ଼ିଶାର ସ୍ୱାଭିମାନ ଓ ଅଭିମାନ, ତାଙ୍କ ପ୍ରତି ଜଣେ ବିଜେପି ସାଂସଦଙ୍କ ମନ୍ତବ୍ୟ ଓଡ଼ିଆ ଜାତିକୁ ଆଘାତ ଦେଇଛି। କେବଳ ଓଡ଼ିଶାରେ ନୁହେଁ, ଦେଶର ବିଭିନ୍ନ କୋଣ ଅନୁକୋଣରେ ଏହାକୁ ନେଇ ବିରୋଧର ସ୍ୱର ଉଠିଛି। ଓଡ଼ିଆ ଜାତିର ସ୍ୱାଭିମାନ ହେଉଛି ଏ ବିଧାନସଭା। ତେଣୁ ଏପରିସ୍ଥଳେ ଏ ଗୃହ ନିରବଦ୍ରଷ୍ଟା ସାଜି ପାରିବ ନାହିଁ। ସ୍ୱାଧୀନତା ପରେ ପାକିସ୍ତାନ କାଶ୍ମୀର ଦଖଲ ଉଦ୍ୟମ ସମୟରେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ପ୍ରଥମ ପାଇଲଟ ଭାବେ ବିଜୁ ପଟ୍ଟନାୟକ ଭାରତୀୟ ସେନାକୁ ନେଇ ଶ୍ରୀନଗରରେ ଓହ୍ଲାଇଥିଲେ। ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମ ବେଳେ ୩ ମାସର ଶିଶୁ ନବୀନଙ୍କୁ ଛାଡ଼ି ବିଜୁ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଜ୍ଞାନ ପଟ୍ଟନାୟକ ଏକ ଡାକୋଟା ବିମାନ ଧରି ଜାକର୍ତ୍ତା ଯାଇଥିଲେ ଓ ସେଠାରୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିଥିଲେ। ୧୯୬୨ ମସିହାରେ ଭାରତ ଉପରେ ଚୀନ ଆକ୍ରମଣ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଜୁଙ୍କୁ ଖୋଜିଥିଲେ। ଦେଶରେ ଯେତେବେଳେ ବିପତ୍ତି ପଡୁଥିଲା ବିଜୁ ବାବୁଙ୍କୁ ଡକରା ଆସୁଥିଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସିଆଇଏ ଏଜେଣ୍ଟ କହିବା ଲଜ୍ଜ୍ୟାଜନକ। ଆମେ ନିନ୍ଦା ପ୍ରସ୍ତାବ ଆଲୋଚନା ପାଇଁ ନୋଟିସ ଦେଇଛୁ। ବାଚସ୍ପତି ତାହାକୁ ଗ୍ରହଣ କରି ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରନ୍ତୁ। ଏ ଗୃହ ନିନ୍ଦା ପ୍ରସ୍ତାବ ଗୃହୀତ କରୁ। ଯଦି ପ୍ରସ୍ତାବ ଗୃହୀତ ନ ହୁଏ, ତାହେଲେ ଓଡ଼ିଆ ଭାବେ ଆମେ ନିନ୍ଦିତ ହେବା ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ଓଡ଼ିଶାର ନିର୍ମାଣ ପାଇଁ ବିଜୁ ବାବୁ ନିଜର ସର୍ବସ୍ୱ ପ୍ରଦାନ କରିଥିଲେ। ମାତ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବିଜେପି ସାଂସଦ ଅପମାନିତ କରୁଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଅପମାନ। ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁ ବାବୁଙ୍କୁ ଅପମାନିତ କରିଛନ୍ତି। ବିଜୁ ବାବୁ ଓଡ଼ିଶା ପାଇଁ ଯାହା କରିଥିଲେ, ଏମାନେ ଜୀବନରେ କେବେବି ମଧ୍ୟ କରିପାରିବେ ନାହିଁ। ତେଣୁ ତାଙ୍କୁ ଦେଶ ଦ୍ରୋହ ଆଇନରେ ଗିରଫ କରାଯାଉ। ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଥିଲେ ଯେ ବିଜୁ ପଟ୍ଟନାୟକ ଓଡ଼ିଶାର ସ୍ୱାଭିମାନ। ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କୁ ଅସମ୍ମାନ କରିଛନ୍ତି। ଆମେ ନିନ୍ଦା କରୁଛୁ। ଗୃହରେ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଉ। ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଏହା ଓଡ଼ିଆ ଅସ୍ମିତାର ପ୍ରଶ୍ନ। ତେଣୁ ଗୃହରେ ନିନ୍ଦା ପ୍ରସ୍ତାବ ଆଲୋଚନା କରିବାକୁ ଆପଣ ଘୋଷଣା କରନ୍ତୁ। ନହେଲେ ଭବିଷ୍ୟତ ଆପଣଙ୍କୁ ଦୋଷ ଦେବ। ଏହାସହ ଗୃହରେ ନିନ୍ଦା ପ୍ରସ୍ତାବ ଗୃହୀତ ନ ହେଲେ ବିଜେପି ତାଙ୍କୁ ଏଭଳି ମନ୍ତବ୍ୟ ଦେବା ପାଇଁ ନିୟୋଜିତ କରିଛି ବୋଲି ଧରିନିଆଯିବ।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, ବିଜୁ ପଟ୍ଟନାୟକ ଆମ ସ୍ୱାଭିମାନ। ଏ ଗୃହରେ ବିଜୁ ବାବୁ ଅନେକ ବର୍ଷ ଧରି ସଦସ୍ୟ ଥିଲେ। ଓଡ଼ିଶାର ପରିଚୟ ଜଗନ୍ନାଥ। ସେହିଭଳି ବିଜୁ ବାବୁଙ୍କର ସାରା ବିଶ୍ୱରେ ପରିଚୟ ମଧ୍ୟ ରହିଛି। ଜଣେ କର୍ପୋରେଟ ହାଉସ ଦଲାଲ ଯଦି ତାଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦିଏ ଏ ଗୃହ ତାକୁ ନାପସନ୍ଦ କରିବା ଉଚିତ୍। ଆଗତ ନିନ୍ଦା ପ୍ରସ୍ତାବ କେବେ ଆଲୋଚନା ହେବ ସେନେଇ ବାଚସ୍ପତି ସ୍ପଷ୍ଟ କରନ୍ତୁ। ତାହା ନହେଲେ ଏ ଗୃହ ଚାଲିବାର କୌଣସି ଆବଶ୍ୟକତା ନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜୁ ବାବୁଙ୍କୁ ଛାଡ଼ି ଓଡ଼ିଆ ଅସ୍ମିତା କଥା ଚିନ୍ତା କରାଯାଇପାରିବ କି ? ଓଡ଼ିଶାରୁ ୨୦ ଜଣ ସାଂସଦ ନିର୍ବାଚିତ ହୋଇ ଯାଇଛନ୍ତି। ମାତ୍ର ଏ ପ୍ରସଙ୍ଗରେ ସେମାନଙ୍କର ପାଟି ଫିଟୁ ନାହିଁ। ବିଜୁ ବାବୁ ଙ୍କ ଭଳି ନେତା ଓଡ଼ିଶାରୁ କେହି ସୃଷ୍ଟି ହୋଇନାହାନ୍ତି। ଓଡ଼ିଶାର ନେତାଙ୍କୁ ଅପମାନିତ କରୁଛନ୍ତି। ପୂର୍ବ ପୁରୁଷମାନଙ୍କୁ ବଦନାମ କରି ବିଜେପି ଦଳ କଣ ମଜବୁତ୍ କରିବାକୁ ଯୋଜନା କରିଛନ୍ତି କି ବୋଲି ପ୍ରମିଳା ପ୍ରଶ୍ନ କରିଥିଲେ। ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ କହିଥିଲେ ଯେ, ବିଜୁ ବାବୁ ଆମ ଗର୍ବ ଓ ଗୌରବ, ଏଥିରେ ଦ୍ୱିମତ ନାହିଁ। ସମଗ୍ର ଓଡ଼ିଶାର ନେତା ବିଜୁ ପଟ୍ଟନାୟକ, ସମସ୍ତଙ୍କ ପାଇଁ ସମ୍ମାନନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ସମଗ୍ର ପ୍ରସଙ୍ଗରେ କହିଥିଲେ ଯେ ମାର୍ଚ୍ଚ ୩୦ ତାରିଖ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ ପ୍ରମୁଖ ପୃଥକ ଭାବେ ଦୁଇଟି ପ୍ରସ୍ତାବ ନୋଟିସ ଏବଂ ସଂକଳ୍ପ ଆକାରରେ ଦେଇଛନ୍ତି। ଏହି ବିଷୟଟି ବିଚାରାଧୀନ ଅଛି। କାର୍ଯ୍ୟ ପରାମର୍ଶଦାତା କମିଟିରେ ଏନେଇ ଆଲୋଚନା କରିବେ ବାଚସ୍ପତି ରୁଲିଂ ଦେଇଛନ୍ତି।

## ନବୀନ ସରକାରରେ...

ହୋଇଛି। ତେବେ ୨୦୨୦-୨୧ ଏବଂ ୨୦୨୧-୨୨ରେ ରାଜସ୍ୱ ପ୍ରାପ୍ତିରେ ରାଜ୍ୟ ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବା ଜଣାପଡିଛି। ଗତ ୧୦ ବର୍ଷ ମଧ୍ୟରେ ରାଜସ୍ୱ ସଂଗ୍ରହରେ ୪୬.୭୩ ପ୍ରତିଶତ ଅଭିବୃଦ୍ଧି ସହ ୧,୦୪,୩୮୭ କୋଟିରୁ ୧,୫୩,୦୫୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତେଣୁ ବିଗତ ୧୦ ବର୍ଷ ମଧ୍ୟରେ ରାଜସ୍ୱ ପ୍ରାପ୍ତିରେ ଏଭଳି ସ୍ଥିର ଅଭିବୃଦ୍ଧି ଓଡ଼ିଶାକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବାରେ ସହାୟକ ହୋଇଛି। ଏହାବ୍ୟତୀତ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ୧୦.୭୬% ସିଏଜିଆର୍‌ରେ ବୃଦ୍ଧି ପାଇଛି। ଏସ୍‌ଜିଏଟି ସଂଗ୍ରହରେ ଉନ୍ନତି, ରାଜ୍ୟ ଉତ୍ପାଦ ଶୁଳ୍କରୁ ଅଧିକ ସଂଗ୍ରହ ଏବଂ ଯାନବାହାନ ଉପରେ ଟିକସ ଯୋଗୁ ଏହି ଅଭିବୃଦ୍ଧି ହାସଲ ସମ୍ଭବପର ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୨-୨୩ଠାରୁ ରାଜ୍ୟ ରାଜସ୍ୱ ପ୍ରାପ୍ତିର ଅଭିବୃଦ୍ଧି ମୁଖ୍ୟତଃ ଅଣ ଟିକସ ରାଜସ୍ୱ ଦ୍ୱାରା ପରିଚାଳିତ। ଏହାର ମୁଖ୍ୟ କାରଣ ହେଉଛି, ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ ଆଇନ) ୨୦୧୫ ପରେ ଖଣି( ଲୁହାପଥର, ମାଙ୍ଗାନିଜ୍, ବକ୍ସାଇଟ୍ ଓ ଡୋଲାମାଇଟ୍ ଖଣି) ନିଲାମ କରିଥିଲେ, ଯାହା ନୂତନ ଓ ଅବଧି ସରିଥିବା ଖଣିର ନିଲାମ ଦ୍ୱାରା ଖଣି ରାଜସ୍ୱ ବଢ଼ିଥିଲା।

ଅପରପକ୍ଷେ ୨୦୧୫-୨୫ରେ ଓଡ଼ିଶାର ରାଜସ୍ୱ ବ୍ୟୟ ୧୧.୮୬% ସିଏଜିଆର୍ ହାରରେ ବୃଦ୍ଧି ପାଇଛି। ୨୦୧୮-୧୯ ପରେ ରାଜ୍ୟରେ ଅଭିବୃଦ୍ଧି ଆଖିଦୃଶିଆ ବୃଦ୍ଧି ପାଇଛି। ତେବେ ଏହି ୧୦ ବର୍ଷ ମଧ୍ୟରେ ଓଡ଼ିଶା ଏହାର ରାଜସ୍ୱ ବଳକା ବଜାୟ ରଖିବାରେ ସକ୍ଷମ ହୋଇଥିଲା। ତେବେ ବିଡ଼ମ୍ବନାର ବିଷୟ ହେଉଛି ୨୦୨୪-୨୫ରେ ରାଜ୍ୟର ସବ୍‌ସିଡି ୧୫%ରୁ ଅଧିକ ବୃଦ୍ଧି ପାଇଛି, ଯାହା ୨୦୨୪-୨୫ରେ ୯୧୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହାଫଳରେ ମୋହନ ସରକାରଙ୍କ ରାଜସ୍ୱ ବ୍ୟୟ ଉପରେ ଚାପ ବଢ଼ିବ। ନବୀନ ସରକାରଙ୍କ ଅମଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ରାଜ୍ୟରେ ବିକାଶମୂଳକ କାମ ଦ୍ରୁତତର ହେବା। ଏହି ସମୟରେ ରାଜ୍ୟ ସରକାର ବିଭିନ୍ନ ସାମାଜିକ ପ୍ରକଳ୍ପରେ ଅଧିକ ଅର୍ଥ ବ୍ୟୟ ବରାଦ କରିଥିଲେ। ସେଥିପାଇଁ ୨୦୧୫-୨୫ରେ ରାଜ୍ୟର ପୁଞ୍ଜି ବ୍ୟୟରେ ପ୍ରାୟ ୧୨.୪୭ ପ୍ରତିଶତ ସିଏଜିଆର୍ ହାରରେ ବୃଦ୍ଧି ପାଇଛି। ଯାହା ଫଳରେ ପୁଞ୍ଜି ବ୍ୟୟ ଏହି ୧୦ ବର୍ଷ ମଧ୍ୟରେ ୧୭,୦୯୦ କୋଟିରୁ ୪୫,୪୮୧ କୋଟି ଟଙ୍କାକୁ ବୃ ଦ୍ଧି ହୋଇଛି। ତେବେ ୨୦୨୦-୨୧ ପରଠାରୁ ପୁଞ୍ଜି ବ୍ୟୟରେ ଅଭିବୃଦ୍ଧି ମୁଖ୍ୟତଃ ଭାବେ ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଦୀର୍ଘକାଳୀନ ବିକାଶ ଉପରେ ରାଜ୍ୟ ସରକାରଙ୍କ ଯଥେଷ୍ଟ ଧ୍ୟାନ କେନ୍ଦ୍ରୀତ କରିଥିବାକୁ ସୂଚାଉଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, ଉପ ମହାଲେଖାକାର କେ. ମଧୁବାଲା, ସଞ୍ଜୟ କୁମାର,ପ୍ରଥମା ପ୍ରତୀକ୍ଷା ପ୍ରଧାନ,ଏ. ବାଳକ୍ରୀଷ୍ଣା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା, ବିଚିତ୍ରାନନ୍ଦ ସାହୁ, ଭାସ୍କର ଚନ୍ଦ୍ର ରାଉଳ, ରଙ୍କ ନାଥ ମଲ୍ଲିକ, କ୍ଷୀରୋଧ କୁମାର ସୁବୁଦ୍ଧି ଏବଂ ଜଗତାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇରାନର ଅସ୍ତ୍ରଭଣ୍ଡାର...

ମୁତୟନ କରିଛି। ଇରାନ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି। ଇରାନ ଅଞ୍ଚଳରେ ଶତ୍ରୁପକ୍ଷ ସେନା ପଶିଲେ, ସେମାନଙ୍କୁ ଜୀବିତ ଫେରିବାକୁ ଦିଆଯିବ ନାହିଁ। ଇରାନ ସେମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିବ ବୋଲି ଇରାନର ପ୍ରତିରକ୍ଷା ମୁଖପାତ୍ର ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ଅନେକ ଯୁଦ୍ଧ ବିମାନ ଓ ଡ୍ରୋନକୁ ମାଡ଼ କରି ଖସାଇ ଦିଆଯାଇଛି। ଉପସାଗରରେ ଥିବା ଆମେରିକାର ଅନେକ ରଡାର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦିଆଯାଇଛି। ଇରାନକୁ ଆମେରିକାର ଦୁର୍ବଳ ଭାବିବା ଠିକ୍ ନୁହେଁ ବୋଲି ସେ ଚେତାଇଦେଇଛନ୍ତି।

## ୯ ମହିଳା...

ସ୍ଥାନକୁ ଯବାନ ଯାଇଥିଲେ। କିନ୍ତୁ ପ୍ରତି ବର୍ଷ ଏଭଳି ଭିଡ଼ ହେଉଥିବା ସତ୍ତ୍ୱେ ମନ୍ଦିରରେ କୌଣସି ବ୍ୟବସ୍ଥା କରି ନ ଥିଲେ। ୨୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଜଣେ ପୁଲିସ କର୍ମଚାରୀଙ୍କୁ ବି ମୁତୟନ କରାଯାଇ ନ ଥିଲା। ଏଥିପାଇଁ ଦଳାଚକଟା ଘଟି ଅନେକ ନୀରିହଙ୍କ ଜୀବନ ଗଲା। ମୃତ ୮ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ପୁରୁଷ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଘଟଣାର ୪୦ ମିନିଟ ପରେ ଯାଇ ପୁଲିସ, ଆମ୍ବୁଲାନ୍ସ ଏବଂ ସ୍ଥାନୀୟ ଉଦ୍ଧାରକାରୀ ଦଳ ପହଞ୍ଚିବାରୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ସୂଚନା ଅନୁଯାୟୀ, ଦର୍ଶନ ପାଇଁ ଶୀଘ୍ର ଯିବାକୁ ଚେଷ୍ଟା କରିବା ସମୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଅନେକ ଲୋକ ଭିଡ଼ରେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ମନ୍ଦିର ଏବଂ ମେଳାକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ପାଟନା କମିଶନରଙ୍କୁ ବିହାର ସରିଫ୍ ପଠାଯାଇଛି। ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୀପନଗର ଥାନାର ଏସଏଚଓ ରାଜମଣିଙ୍କୁ ନିଲମ୍ବିତ କରାଯାଇଛି। ସରକାର ମୃତକଙ୍କ ପରିବାର ପାଇଁ ୬ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଡିଜିପି ବିନୟ କୁମାର କହିଛନ୍ତି ଯେ ମନ୍ଦିର ପରିସରରେ ଅନେକ ଅଭାବ ରହିଛି। ନିଶ୍ଚିତ ଭାବେ ଏଠାରେ ପୋଲିସ ଟିମ୍ ରହିବା ଉଚିତ୍ ଥିଲା। ଅବହେଳା ପାଇଁ ଏଚଏସଓଙ୍କୁ ନିଲମ୍ବିତ କରାଯାଇଛି। ଅଧିକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିବାରୁ ଭିଡ଼ ଅତ୍ୟଧିକ ବଢ଼ିଯାଇଥିଲା। ମନ୍ଦିର ପରିସର ଛୋଟ ଥିଲା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନଥିଲା। ଲୋକଙ୍କ ମଧ୍ୟରେ ଆଗ ଦର୍ଶନ କରିବା ପାଇଁ ପ୍ରତିଯୋଗିତା ଲାଗିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା।

## ବ୍ୟୟମଞ୍ଜୁରୀ ବିଲ୍...

ପ୍ରାଥମିକ ବିଦ୍ୟାଳୟ କରିବା ପାଇଁ ଘୋଷଣା କରିଥିଲେ। ହେଲେ କୌଣସି ସ୍କୁଲ୍ ପାଇଁ ଇଟା ଖଣ୍ଡେ ପଡିଥିବ କି ନାହିଁ ତାହା ଉପରେ ସେ ସନ୍ଦେହ ପ୍ରକଟ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କନ୍ୟାବିବାହ ପାଇଁ ୨ ହଜାର ୪୦୦ ଜଣ ଗରିବ କନ୍ୟାଙ୍କୁ ବିବାହ କରାଇବା ପାଇଁ ଟାର୍ଗେଟ୍ ଥିଲା। ମାତ୍ର ୨୫୦ କି ୩୦୦ କନ୍ୟାଙ୍କ ବିବାହ ସମ୍ପନ୍ନ ହୋଇପାରିଛି। ଠିକ୍ ସେହିପରି, ଚଳିତ ବର୍ଷ ପ୍ରାୟ ୧ ଲକ୍ଷ ୫୦ ହଜାର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ପାଇଁ ବ୍ୟବସ୍ଥା ଥିଲା, ହେଲେ ଆଜି ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ମଧ୍ୟ ସମସ୍ତଙ୍କୁ ଅଗଚୋର। ମାଲକାନଗିରି ରୁ ମୋଟୁ ପର୍ଯ୍ୟନ୍ତ ଗତ ବଜେଟରେ ପ୍ରସ୍ତାବିତ ଅଟଳ ଏକ୍ସପ୍ରେସ ୱେ ପାଇଁ ପିଚୁ କି ମୋରମ ଟିକେ ବି ପଡି ପାରିଲା ନାହିଁ ବୋଲି ଶ୍ରୀ ସ୍ୱାଇଁ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏବେ କେବଳ ନହିଁ ନାହିଁ ରେ ସରକାର ଚାଲିଛି। ୨୦୨୪ରେ ନବୀନ ପଟ୍ଟନାୟକ ଏ ସରକାରକୁ ଏକ ସୁସ୍ଥ ଓ ସଶକ୍ତ ଅର୍ଥବ୍ୟବସ୍ଥା ପ୍ରଦାନ କରିଥିଲେ। କିନ୍ତୁ, ସରକର ତାହାକୁ ନଷ୍ଟ କରିବାକୁ ବସିଲେଣି। ୨୦୨୪ରେ ଋଣଭାର ଥିଲା ପ୍ରାୟ ୮୦ ହଜାର କୋଟି। ଆଜି ଏହା ୧ ଲକ୍ଷ ପଚିଶ ହଜାର କୋଟିରେ ପହଞ୍ଚିଛି। ଅର୍ଥାତ ମାତ୍ର ଦୁଇ ବର୍ଷରେ ୪୫ ହଜାର କୋଟିରୁ ବି ଅଧିକ ଋଣ କରାଯାଇଛି। ଚଳିତ ଖରିଫ ଋତୁରେ ଏ ସରକାର ଚାଷୀଙ୍କ ଉପରେ ଲାଠିମାଡ କରିଥିଲେ। ଆସନ୍ତା ଖରିଫ ଚାଷ ପାଇଁ ସବୁ ଚାଷୀଙ୍କୁ ସାର ଦେଇ ପରିବେତ ବୋଲି କହି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ବିଧାୟକ ଅରୁଣ ସାହୁ ମଧ୍ୟ ଆଲୋଚନାରେ ସାମିଲ ହୋଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାର ବର୍ତ୍ତମାନ ଦୁର୍ବଳ ନୁହେଁ ବୋଲି ପ୍ରମାଣିତ କରିବାକୁ ଯଥେଷ୍ଟ ଉଦ୍ୟମ କରୁଛନ୍ତି। ହେଲେ ଗତ ଦୁଇ ବର୍ଷ ହେବ ବଜେଟ୍‌ରେ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଏଥର ସରକାର ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆଣିଥିବା ବେଳେ ୫୦ ହଜାର କୋଟି ଟଙ୍କାର ଋଣ କରିବେ ବୋଲି ଯୋଜନା କରିଛନ୍ତି। ସରକାର ୨୦୩୬ରେ ବିକଶିକତ ଓଡ଼ିଶା କରିବେ ବୋଲି ପ୍ରତି କଥାରେ କହୁଛନ୍ତି। କିନ୍ତୁ ପଛୁଆ ଗିୟରରେ ସରକାର ଚାଲୁଛନ୍ତି। ୨ ବର୍ଷରେ ୫୦ ହଜାର କୋଟି ଋଣ ହୋଇଛି। ୨୦୨୯ ସୁଦ୍ଧା ଏହି ଧାରା ଜାରି ରହିଲେ ୩ ଲକ୍ଷ କୋଟି ଋଣ ହୋଇଯିବ। ସେତେବେଳେ ସରକାର କେଉଁ ବିକଶିତ ଓଡ଼ିଶା କଥା କହିବେ ବୋଲି ଡଃ ସାହୁ ପ୍ରଶ୍ନ କରିଛନ୍ତି। ସମାନ ଭାବେ କେନ୍ଦ୍ର ସରକାର ମଧ୍ୟ ଋଣଭାର ବଢ଼ାଇ ଚାଲିଛନ୍ତି। ୨୦୨୪ ସୁଦ୍ଧା ଦେଶରେ ୧ ହଜାର ଲକ୍ଷ କୋଟି ଋଣ ହୋଇଥିବ ବୋଲି ସେ କହିଛନ୍ତି। ବିଶ୍ୱବ୍ୟାଙ୍କ ଋଣ ସୂଚୀରେ ବର୍ତ୍ତମାନ ଭାରତ ନଂ-୧ରେ ରହିଛି। ଋଣ ବଢ଼ିଲେ ଦରଦାମ ବଢ଼ିବ। ଗରବ ହନ୍ତସନ୍ତ ହେବେ ବୋଲି ସେ କହିଛନ୍ତି। ବର୍ତ୍ତମାନ ବିଜେପିର ଭାଇମାନେ ଗ୍ୟାସ କଳାବଜାର କରି ୩ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଜିଏସ୍‌ଟି ସ୍ଲାବ୍ କମିଛି କିନ୍ତୁ ବେସ୍ ପ୍ରାଇସ୍ ବଢ଼ାଇ ଦିଆଯାଇଛି। ଏବର୍ଷ ସାର ଯୋଗୁଁ ଚାଷୀ ହଇରାଣ ହୋଇଛନ୍ତି। ଯୁଦ୍ଧ ଯୋଗୁଁ ସାର ଉତ୍ପାଦନ କମିବ। ଏହା ସବଳ ସରକାରର ଲକ୍ଷଣ ବୋଲି କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଓଡ଼ିଆ ଅସ୍ମିତା କଥା କହି ୨୦୦ କୋଟିର ଅସ୍ମିତା ଭବନ କୁଆଡ଼େ ଗଲା ବୋଲି ଡଃ ସାହୁ ପ୍ରଶ୍ନ କରିଛନ୍ତି। କୋଟିଆ ଏବେ କାହାର ବୋଲି ପ୍ରଶ୍ନ କରିବା ସହ ପୋଲାଭରମ ଓ ମହାନଦୀ ଘଟଣାରେ ମନ୍ତ୍ରୀସ୍ତରୀୟ କମିଟି କେବେ ଗସ୍ତ କରିବ ବୋଲି ପଚାରିଛନ୍ତି। ଦାଦନ ବଢ଼ୁଛି, ହେଲେ ଟାସ୍କ ଫୋର୍ସ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ବିଧାୟକ ଗୁଳି ଫୁଟାଇଲେ, ପିଏସ୍‌ଓ ବଳି ପଡ଼ିଲେ କହି ସରକାରଙ୍କୁ ସମାଲୋଚନା କରିଛନ୍ତି। ଯେଉଁଠି ସିଟ୍ ଖାଲି ପଡୁଛି ସରକାର ସେହିଠାରେ ସଂରକ୍ଷଣ ଦେଉଛନ୍ତି। ତେଣୁ ପୌର ନିର୍ବାଚନରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି ସେ ଦାବି କରିବା ସହ ଓଡ଼ିଆ ଅସ୍ମିତା ଏବେ ଧ୍ୱଂଶ ହେଉଛି ଆଗକୁ ମଧ୍ୟ ହେବ ବୋଲି କହି ସେ ସରକାରଙ୍କ ଉପରେ ବର୍ଷିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କୋଟିଆରେ ଆନ୍ଧ୍ର ଅନୁପ୍ରବେଶ କରୁଛି। କିନ୍ତୁ ତ୍ରିପଲ ଇଂଜନ ସରକାର ଶୋଇ ରହିଛନ୍ତି। ଆନ୍ଧ୍ର ସରକାରକୁ କେନ୍ଦ୍ର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛି। ସମାନ ସମୟରେ ପୂର୍ବଦ୍ୱୟ କଥା ଓଡ଼ିଶାକୁ ଭଣ୍ଡାଇ ଦେଲେ। ଓଡ଼ିଶାର ଖଣି ପାଣି ବିପଦରେ ଅଛି। ଓଡ଼ିଶାର ସମ୍ପଦକୁ ଲୋଲୁପଦୃଷ୍ଟି ପଡ଼ିଛି। ଏ ସରକାରରେ ଆଦିବାସୀମାନେ ସବୁଠୁ ଅବହେଳିତ ହୋଇ ରହିଛନ୍ତି। ଏ ସରକାର ଆଦିବାସୀଙ୍କୁ ଶୋଷଣ ଓ ପରୋକ୍ଷରେ ହତ୍ୟା କରୁଛନ୍ତି ବୋଲି କହି ଶ୍ରୀ କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପକ୍ଷରୁ ବିଧାୟକ ନିରଞ୍ଜନ ପୂଜାରୀ, ଧ୍ରୁବ ସାହୁ, ଗଣେଶ୍ୱର ବେହେରା, ରମେଶ ବେହେରାଙ୍କ ସମେତ କଂଗ୍ରେସରୁ ତାରା ପ୍ରସାଦ ବାହିନୀପତି, ବିଜେପିରୁ ଟଙ୍କଧର ତ୍ରିପାଠୀ, ସିଦ୍ଧାନ୍ତ ମହାପାତ୍ର, ଇରାଶିଷ ଆଚାର୍ଯ୍ୟ, ଦୁଷ୍ମନ୍ତ ସ୍ୱାଇଁ, ସନ୍ତୋଷ ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଇଏଏସ ସ୍ତରରେ...

ସଚିବ ଏବଂ ଓଡ଼ିଶା ରାଜ୍ୟ ପାନୀୟ ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଆଇଏଏସ ଭାସ୍କରଜ୍ୟୋତି ଶର୍ମା ଏହି ଦାୟିତ୍ୱରେ ଥିବାବେଳେ ସରକାରଙ୍କ ତାଙ୍କୁ ଅପସାରିତ କରି ଶ୍ରୀ ଗୋପାଳନ୍‌ଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ୨୦୦୭ ମସିହାର ଆଇଏଏସ ବଲୱନ୍ତ ସିଂଙ୍କୁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଗତ ଫେବ୍ରୁଆରୀ ୨ ତାରିଖରେ ଶ୍ରୀ ସିଂଙ୍କୁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିବା ବେଳେ ଏହାକୁ ବାତିଲ୍ କରାଯାଇଛି।

## ବୀର ବିକ୍ରମ ଯାଦବ...

ସୂଚନାଯୋଗ୍ୟ ଯେ ଶ୍ରୀ ଯାଦବ କେନ୍ଦ୍ରୀୟ ଡେପୁଟେସନରେ ଯିବା ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରଶାସନିକ ପଦପଦବୀରେ କାର୍ଯ୍ୟ କରିଥିଲେ। ୨୦୨୪ରେ ତାଙ୍କୁ ଶ୍ରୀ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମିଳିଥିଲା। ସୂଚନାଯୋଗ୍ୟ ଯେ ଡିଜିସିଏର ଡିଜି ଭାବେ ଏବେ ଫୈଜ ଅହମ୍ମଦ କିଦ୍ୱାଇ କାମ କରୁଥିଲେ। ତାଙ୍କ ସ୍ଥାନରେ ବୀର ବିକ୍ରମ୍ ଯାଦବଙ୍କୁ ଡିଜିସିଏର ନୂଆ ମହାନିର୍ଦ୍ଦେଶକ ଭାବେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତ କରିଛି। ବୀର ବିକ୍ରମ୍ ଯାଦବ ବର୍ତ୍ତମାନ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୮ ବ୍ୟାଚର ଆଇଏଏସ ବିସାଲ ଗଗନଙ୍କୁ ମଧ୍ୟ ପଦୋନ୍ନତି ମିଳିଛି। ସେ କେନ୍ଦ୍ରୀୟ ସୂଚନା ଆୟୋଗର ସଚିବ ହୋଇଛନ୍ତି।

## ପୁଲିସ ବିଭାଗରେ...

ବାଧ୍ୟ ହୋଇଥିବା ସେ କହିଛନ୍ତି। ଇସ୍ତଫାପତ୍ରରେ ସୁମିତ୍ରା ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସେ ଅନୁଗୋଳର ଆର୍‌ଓରେ ହାବିଲଦାର ଭାବେ ଓଡ଼ିଶା ପୁଲିସ ସେବାରେ କାର୍ଯ୍ୟରତ। ରିଜର୍ଭ ଇନ୍ସପେକ୍ଟର ଗଭର୍ଣ୍ଣଡ ମାହାରୀ ଏବଂ ଫୋର୍ସ ସେକ୍ସନ ଅଫିସ ସଂଲଗ୍ନ ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ନିରନ୍ତର ହଇରାଣ ଏବଂ ମାନସିକ ଯନ୍ତ୍ରଣା ଯୋଗୁଁ ନିଜ କର୍ତ୍ତବ୍ୟ କରିପାରୁନାହାନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ଏହି ମାମଲା ଉପରେ ଦୃଷ୍ଟି ଦେଇ ସମ୍ପୃକ୍ତ ଅଧିକାରୀଙ୍କ ଆଚରଣ ଅନୁଧ୍ୟାନ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଏସପି ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ସୁମିତ୍ରା।

## ଡ. ପ୍ରତିଭା ରାୟଙ୍କୁ...

ପୁରସ୍କାର, ଗାଲିବ୍ ପୁରସ୍କାର, ଭାରତୀୟ ଭାଷା ପରିଷଦ ପୁରସ୍କାର ଏବଂ ଉର୍ଦ୍ଦୁ ଏକାଡେମୀରୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରାପ୍ତ କରିଛନ୍ତି। ଆଗାମୀ ଦିନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଫେଲୋସିପ୍ ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ସର୍ବୋଚ୍ଚ ସମ୍ମାନ ୧୯୬୮ ମସିହାରୁ ଆରମ୍ଭ ହୋଇଥିଲା। ଏହା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ।

## ଆନ୍ଧ୍ର ନାବାଳିକାଙ୍କୁ...

ପାଇବା ଆଶାରେ ଘର ଛାଡ଼ି ବ୍ରହ୍ମପୁର ଚାଲି ଆସିଥିଲେ। ଷ୍ଟେସନ୍‌ର ୪ ନମ୍ବର ପ୍ଲାଟଫର୍ମ ନିକଟରେ ଥିବା ଏକ ଚା' ଦୋକାନରେ କାମ କରିବା ମଧ୍ୟରେ ସ୍ଥାନୀୟ ଜଣେ ନାବାଳକ ସହିତ ବନ୍ଧୁତା ସ୍ଥାପନ ପରେ ତାଙ୍କ ଘରକୁ ଯାଇଥିଲେ। ପରେ ଉକ୍ତ ନାବାଳକ କହିବାନୁସାରେ ସେମାନେ ବାହାରକୁ ଯାଇଥିବା ବେଳେ ଗତ ୨୯ ତାରିଖ ରାତିରେ ଖୋଲା ପଡ଼ିଆରେ ନାବାଳିକାଙ୍କୁ ୨ଜଣ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଖବର ପ୍ରଘଟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାରେ ସମ୍ପୃକ୍ତ ନାବାଳକକୁ କାବୁ କରିବା ପରେ ଜେଜେବିରେ ହାଜର କରାଯାଇଥିଲା। ଅନ୍ୟ ଦୁଇ ଦୁଷ୍କର୍ମକାରୀ ଅର୍ଜୁନ ନାୟକ (୨୨) ଓ ଆଦିତ୍ୟ ନାୟକ (୧୯) ଙ୍କୁ ଗିରଫ କରି ପୁଲିସ ଜେରା କରିଛି। ଡାକ୍ତରୀ ମାଇନା କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଭାର ଡିଏସ୍‌ପି ସ୍ମୃତିପ୍ରଭା ପ୍ରଧାନଙ୍କୁ ଦିଆଯାଇଛି।

ସେପଟେ ପୀଡ଼ିତା ନାବାଳିକା ଜଣକ ନିଜ ଦ୍ୱିତୀୟ ବାପା ଦ୍ୱାରା ଯୌନଶୋଷଣର ଶିକାର ହୋଇଥିବା ନେଇ ଅଭିଯୋଗ ଆଣିଥିବାରୁ ସମ୍ପୃକ୍ତ ଦ୍ୱିତୀୟ ବାପା ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପୀଡ଼ିତାଜଣକ ଆନ୍ଧ୍ରପ୍ରଦେଶ କାଡାପ୍ପା ଜିଲ୍ଲାର ହୋଇଥିବାରୁ ବ୍ରହ୍ମପୁର ପୁଲିସ କାଡାପ୍ପା ପୁଲିସ ସହ ଯୋଗସୂତ୍ର ସ୍ଥାପନ କରି ଅଧିକ ତଦନ୍ତ ଚଳାଇଛି।

# ମାଓବାଦୀଙ୍କ ଅସ୍ତ୍ରଭଣ୍ଡାର ଓ ବିସ୍ଫୋରକ ଜବତ

ଫୁଲବାଣୀ, ୩୧।୩ (ସମିସ): ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସୁରକ୍ଷାବଳକୁ ସଫଳତା ମିଳିଛି। ଗୁପ୍ତସୂଚନା ଆଧାରରେ କରାଯାଇଥିବା ଏକ କମ୍ବି ଅପରେସନ ବେଳେ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ବଡ଼ ଷଡ଼ଯନ୍ତ୍ର ପଣ୍ଡ ହୋଇଥିବା କୁହାଯାଉଛି। ସୂଚନାନୁଯାୟୀ, ଗତ ୨୯ ତାରିଖରେ ଏସ୍‌ଓଜି ଏବଂ ଡିଭିଏଫ ଯବାନଙ୍କ ଦ୍ୱାରା ଦାରିଙ୍ଗବାଡ଼ି ଥାନା ଅଧୀନ ପାକାରୀ, ବାବୁଡି, ଜମାବାରୀ ଓ ମାଟାବାରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ କମ୍ବି ଅପରେସନ ଆରମ୍ଭ ହୋଇଥିଲା। ୩୦ ତାରିଖ ଦିନ ତଲାସୀ ଅଭିଯାନ ବେଳେ ମାଟାବାରୀ ଗ୍ରାମ ନିକଟରେ ଥିବା ଏକ ପ୍ରାକୃତିକ ଗୁମ୍ଫା ମଧ୍ୟରେ ମାଓବାଦୀ ବହୁ ମାଓ ସାମଗ୍ରୀ ଲୁଚାଇ ରଖିଥିବା ଦେଖିବାକୁ ମିଳିଥିଲା। ଜବତ ମାଓ ସାମଗ୍ରୀ ମଧ୍ୟରେ ରହିଛି, ଗୋଟିଏ ଏସଏଲଆର ରାଇଫଲ୍, ଗୋଟିଏ ୩୦୩ ରାଇଫଲ୍, ୨ଟି ୧୨ ବୋର ଗନ୍, ୨ଟି ଏସବିଜିଏଲ ରାଇଫଲ୍, ଗୋଟିଏ ଦେଶୀ ବନ୍ଧୁକ, ୭୯ରାଉଣ୍ଡ ଜୀବନ୍ତ ଗୁଳି, ୧୦ ଗ୍ରେନେଡ୍ ଏବଂ ୩୦ ଇଲେକ୍ଟ୍ରିକ୍ ଡେଟୋନେଟର, ୫ଟି ବାଓଫେଙ୍ଗ ୱାକି-ଟକି, ୩ଟି ସୋଲାର ପ୍ୟାନେଲ୍ ଏବଂ ୨ଟି ଟର୍ଚ୍ଚ ଲାଇଟ୍, ୫୦ କେଜି ଚାଉଳ, ୩ କିଲୋ ଡାଲି ସମେତ ଔଷଧ ଏବଂ ବାସନ। ଘଟଣାସ୍ଥଳରୁ ବହୁ ପରିମାଣର ମାଓ ପୁସ୍ତିକା ମଧ୍ୟ ଜବତ ହୋଇଛି। ବର୍ତ୍ତମାନ ସୁରକ୍ଷାବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଆହୁରି ଜୋରଦାର କରାଯାଇଥିବା ବେଳେ ପୁଲିସ ସଜାଗ ରହିଛି।


## NOTICE (FOR MINOR)

By virtue of an affidavit sworn before Executive Magistrate, Jaleswar, Affidavit No: 1304, dated: 30/03/2026, I, NIROJ KUMAR PRADHAN, S/o - Gaya Prasad Pradhan, Address: Vill- Munutunia, P.O- Munutunia, P.S- Raibania, Dist- Balasore, Pin - 756033 declare that I have changed the name of my son from R.N. Shritam Kumar to R N Shritam Kumar. Henceforth, he shall be known as **R N Shritam Kumar** for all purposes.

NIROJ KUMAR PRADHAN

## AFFIDAVIT

By virtue of an affidavit sworn before the Executive Magistrate Baripada on Dated 10th February 2026, I, Mr. Pradhan tudu, Address At-Jhirani, Po-Mahulia, Ps-Rasgabinda pur, Dist-Mayurbhanj, State-Odisha, Pin-757073, Odisha, have changed my Daughter name from "Pungi Tudu" to **"Sabita Tudu"**. Henceforth, I shall be known as **"Sabita Tudu"** for all purposes.

Sabita Tudu

## NOTICE

By virtue of an affidavit sworn before the Executive Magistrate, Athmallik dated 26th March 2026, I, Miss. PUNEI KARMI address Daughter of HARIHARA KARMI, Village : KUSHAPUR, P.O. : PURUNAMANATRI, P.S.: ATHMALLIK, District: ANGUL, PIN : 759125, STATE : ODISHA, declare that I have changed my name from **"RINKI KARMI"** to **"PUNEI KARMI"**. Henceforth, I shall be known as **"PUNEI KARMI"** for all purposes.

PUNEI KARMI

## AFFIDAVIT

**I, Tapasi Mohanty,** W/o.: Shakti Swarup Mohanty, resident of Plot No.: 105, Lane-4, Jagannath Vihar, Baramunda, PO./P.S.: Khandagiri, Dist.: Khorda, PIN-751003, Odisha, declare by this affidavit No.: 39, dtd- 30.07.2025 that now onwards I shall be known as **Tapasi Priyadarshini Mohanty** for all future purposes.

## AFFIDAVIT

By virtue of an affidavit vide no.53 dtd.- 30.03.2026, I, Ranjita Purohit, W/o- Sanjaya Purohit, permanent resident of Gaisilet, Dist.- Bargarh, Pin - 768037, Odisha state that, I have changed my name from **Ranjita Chand** to **Ranjita Purohit**. Henceforth, I shall be known as **Ranjita Purohit** for all purposes.

Sd/- **Ranjita Purohit**

## AFFIDAVIT

By virtue of an affidavit sworn before Executive Magistrate, Rasulpur, No. 1651, dated 18/08/2025, I **RANKANIDHI BARALA**, S/o Prahallad Barala resident of village At- Ambasara, PO: Hatibari, P.S: Sukinda, Dist: Jajpur, State- Odisha declare that I have changed my Son's name from **ANIMESHA BARALA (Old Name)** to **ARAVINDA ANIMESHA (New Name)**. Henceforth, he shall be known as **ARAVINDA ANIMESHA** for all future purposes.

Sd- **RANKANIDHI BARALA**

## AFFIDAVIT

I, Sek Kadir Backhx, S/o- Sk Ahemad Backhx, resident of At- Manatira, Po- Alando, Ps- Biridi, Dist- Jagatsinghapur, Pin- 754130, Odisha declare by this affidavit No-54, date- 31/03/2026, that now onwards I shall be known as **SK KADIR BUX** for all future purposes.

## ଦଲିଲ ହଜିଛି

ମୁଁ, ଚିତରଞ୍ଜନ ଦେବତା, ପିତା- ବୈକୁଣ୍ଠନାଥ ଦେବତା, ଗ୍ରାମ- ସାଲେପୁର, ଥାନା- ସାଲେପୁର, ଜିଲ୍ଲା- କଟକ, ଏହା ଦ୍ୱାରା ଜଣାଉଛି ଯେ ମୁଁ କଟକ ଡେଭେଲପମେଣ୍ଟ ଅଥରିଟିରୁ ପ୍ଲଟ୍ ନଂ– 672, ଡ୍ରଇଂ ନଂ– 175/85, ସେକ୍ଟର–1, ମୋଟ 2700 ବର୍ଗଫୁଟ୍ ଜମି କ୍ରୟ କରିଥିଲି, ଯାହାର ସେଲ ଡିଡ୍ ନଂ– 3178/1997, ତାରିଖ– 04.09.1997 ଏବଂ ପଟ୍ଟା ନଂ– 660/811, କଟକ ରେଜିଷ୍ଟ୍ରି ଅଥରିଟି ସମ୍ମୁଖରେ ରେଜିଷ୍ଟର୍ ହୋଇଥିଲା, ଏବଂ ପ୍ଲାନ୍ ନଂ– 2915, ତାରିଖ– 12.03.1998 ଅନୁଯାୟୀ ମୁଁ ଜମିର ଦଖଲ ନେଇଥିଲି। ପରେ ମୁଁ ଏହି ଜମିକୁ ନିରୁପମା ବିଶ୍ୱଳ, ସ୍ୱାମୀ– ସ୍ମୃତି ରଞ୍ଜନ ବିଶ୍ୱଳଙ୍କୁ, ସେଲ ଡିଡ୍ ନଂ– 1039240-2980, ତାରିଖ– 10.04.2024, କଟକ ରେଜିଷ୍ଟ୍ରି ଅଥରିଟି ସମ୍ମୁଖରେ ବିକ୍ରୟ କରିଛି। ଉପରୋକ୍ତ ପ୍ଲଟ୍ ସମ୍ବନ୍ଧୀୟ ମୂଳ ବିକ୍ରୟ ଦଲିଲ, ପଟ୍ଟା ଓ ପ୍ଲାନ୍ ମୋର ବାସସ୍ଥାନ ସ୍ଥାନାନ୍ତର କରିବା ସମୟରେ ତାରିଖ– 01.04.2024, ସମୟ– ସନ୍ଧ୍ୟା 7ଟା, କେଉଁଠି ହଜିଯାଇଛି। ଅନେକ ଚେଷ୍ଟା କରିବା ସତ୍ତ୍ୱେ ମୁଁ ସେହି ଦଲିଲ, ପଟ୍ଟା ଓ ପ୍ଲାନ୍ ଖୋଜି ପାଇପାରିନାହିଁ। ଯଦି କେହି ଏହାକୁ ପାଇଥାନ୍ତି, ଦୟାକରି ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ:- 9438670857 / 9937069927

## AFFIDAVIT

By affidavit before the **Executive Magistrate, Khunta, Dt: 30.03.2026,** I, Sakra Hembram, W/o- Guba Hembram of village/PO- Nuagan, PS: Khunta, Dist: Mayurbhanj, solemnly affirm and declare that my daughter's correct name is Milimani Hembram and her true D.O.B is 26.04.2011. Henceforth she shall be known as **Milimani Hembram.**

## AFFIDAVIT

By virtue of an affidavit before the **Notary Public, Malkangiri, Dt: 07.03.2026,** I, P. Ananda Rao, S/o- Late P. Chandrayya, Vill- Chalanguda, Po- Udulibeda, Dist- Malkangiri hereby declare that my name is wrongly recorded as P. Abhisek Anand Verma in my vehicle records No. OR10-8374. That **P. Abhisek Anand Verma & P. Ananda Rao** is one and the same person. Henceforth, I shall be known as **P. Ananda Rao** for all purposes.

## AFFIDAVIT

By virtue of an affidavit sworn before Notary Public, Bargarh dtd.- 25.03.2026, I, Ajambila Chhatar, S/o- Fakir Chhatar resident of Birmal, Po.- Birmal, Ps./Tah/Dist.- Bargarh (Odisha), Pin- 768029, declare that my actual name is **Ajambila Chhatar**. Unfortunately my name is Ajambila Chhtar reflected in my Reliance Life Insurances Policy bearing No.17271539 and Late my daughters Gitanjali Chhatar Relience Life Insurance Policy No.17686312 as a Nominee. That, **Ajambila Chhatar** and **Ajambila Chhtar** is one and same person.

## AFFIDAVIT

By virtue of an affidavit sworn before Executive Magistrate, Bhawanipatna, Kalahandi, dated 02.03.2026, I, **Abhiram Thakur,** Address: At- Adri, PO- Gopinathpur, PS- Thuamul Rampur, Dist- Kalahandi, Odisha, Pin- 766026 declare that I have changed my name from **Abhi Ram Naik** to **Abhiram Thakur.** Henceforth, I shall be known as **Abhiram Thakur** for all purposes.

**(Abhiram Thakur)**

## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ମହାସମାରୋହରେ ପାଳନ କରାଯାଉଅଛି ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟ ମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

**ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ**
**ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ**
**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

32001/278/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**SORO CANAL DIVISION, SORO**
**E-mail id: eescdsoro@gmail.com**
**E-procurement Notice No. SESCD- 14 of 2025-26**

| E-Procurement officer | Name of the work | Bid Id No | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender on line for bidding | | Date of opening of Bid |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer Soro canal Division, Soro | Hiring of one no. of Vehicle for the period from 01.04.2026 to 31.003.2027 to be used in the office of the Assistant Executive Engineer ,Soro Canal Sub-Division No-II,Nilgiri. | SESCD—14/01 of 2025-26 | 4.47 Lakhs | Rs. 5000/- | Nil | Travel Agencies/ Tour Operators or Private individuals | 12(Twelve) calendar months | 30.03.26 11.00AM | 04.04.26 01.00PM | 04.04.26 02.00PM |
| | Hiring of one no. of Vehicle for the period from 01.04.2026 to 31.003.2027 to be used in the office of the Assistant Executive Engineer ,Soro Canal Sub-Division No-III,Balasore. | SESCD—14/02 of 2025-26 | 4.47 Lakhs | Rs. 5000/- | Nil | Travel Agencies/ Tour Operators or Private individuals | 12(Twelve) calendar months | 30.03.26 11.00AM | 04.04.26 01.00PM | 04.04.26 02.00PM |

Further details can be seen from the Govt website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Sd/-
Superintending Engineer
Soro Canal Division, soro

OIPR-32001/32265/1/25-26/0004

# ହୋ' ଭାଷାର ଅନନ୍ୟ ପୂଜାରୀ ଡିବ୍ରୁ ଆଲଡ଼ା



**ଶରତ/ତେଲକୋଇ, ୩୧।୩(ସମିସ):** ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଓ ସମାଜ ପ୍ରତି ଅତୁଳନୀୟ ଅବଦାନ ଦେଉଥିବାରୁ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଶାରୀରିକ ସମସ୍ୟା ଥିବା ସତ୍ତ୍ୱେ ହୋ ସମାଜର ଲିପି ୱାରାଙ୍ଗଚିତି, ଭାଷା ଓ ସଂସ୍କୃତିର ଉନ୍ନତି ଓ ସୁରକ୍ଷା ପାଇଁ ନିରନ୍ତର ପରିଶ୍ରମ କରୁଛନ୍ତି। ସେ ହେଉଛନ୍ତି ଡିବ୍ରୁ ଆଲଡା। ନିଜ ଜନ୍ମମାଟି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ କାଳିଆହତା ପଞ୍ଚାୟତର ଗଳଦା ଗ୍ରାମରେ ମଧ ପଚାଶ ଜଣ ଛାତ୍ରଛାତ୍ରୀଙ୍କୁ ହୋ ଭାଷା ୱାରାଂଚିତି ଲିପିରେ ଶିକ୍ଷାପ୍ରଦାନ କରୁଛନ୍ତି। ତେଲକୋଇରୁ କଙ୍କଡାହାଡ଼ ବ୍ଲକ୍‌ର ଦୂରତା ୬୦ କିମି ଅଟେ। ତେବେ ଡିବ୍ରୁ କେମିତି ଯାଉଛନ୍ତି ଓ ସେଠାରେ ଶିକ୍ଷାଦାନ କରୁଛନ୍ତି, ତାଙ୍କ ଭିଡିଓ ଭାଇରାଲ ହେବା ପରେ ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଡିବ୍ରୁ ଆଲଡାଙ୍କ ହୋ ଭାଷା ଶିକ୍ଷାଗତ ଯୋଗ୍ୟତା +୨ ୱାରାଂଙ୍ଗଚିତି। ହୋ ଲାଙ୍ଗୁଆଜ ଏଜୁ୍ୟକେସନ କାଉନସିଲ, ଠାକୁରମୁଣ୍ଡାରୁ ୨୦୧୮ରେ ଉତ୍ତୀର୍ଣ୍ଣ ହେବା ପରେ ପ୍ରଥମ କରି ୱାରାଂଚିତି ଶିକ୍ଷକ ଓ ହୋ ସମାଜ ସଂସ୍କାରକ ସ୍ୱର୍ଗତ ଲକ୍ଷ୍ମଣ ଗାଗାରାଇଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍କୁଲ ବିର୍ସାମୁଣ୍ଡା ହୋ' ଭାଷା ୱାରାଂଚିତି ମଣ୍ଡରେ ଶିକ୍ଷକତା ଆରମ୍ଭ କରିଥିଲେ। ଏହାପରେ ଅନୁଗୋଳ ଜିଲ୍ଲାର ରଙ୍ଗିଆପାଳ ଓ ବର୍ତ୍ତମାନ ଢେଙ୍କାନାଳର ବନ୍ଧାଣିଆସ୍ଥ ସ୍କୁଲରେ ୱାରାଂଚିତି ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ନିଜର ବ୍ୟକ୍ତିଗତ ସମସ୍ୟାକୁ ଖାତିର ନ କରି ହୋ' ସମାଜକୁ ସଚେତନତା କରିବା, ଯୁବପିଢିଙ୍କୁ ଶିକ୍ଷିତ କରିବା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରୀକରଣ କରିବା ଦିଗରେ କାମ କରୁଛନ୍ତି। ତାଙ୍କର ଏହି ଉଦ୍ୟମ ଦ୍ୱାରା ଅନେକ ଛାତ୍ରଛାତ୍ରୀ ହୋ' ଭାଷା ଓ ୱାରାଂଚିତି ଲିପି ଶିଖିବାର ସୁଯୋଗ ପାଇଛନ୍ତି। ଯାହା ଭବିଷ୍ୟତରେ ଆଦିବାସୀ ହୋ ସଂସ୍କୃତିର ସୁରକ୍ଷା ଓ ପ୍ରସାରରେ ସହାୟକ ହେବ। ଏହାବ୍ୟତୀତ ବହୁ ବର୍ଷ ଧରି ହୋ ଭାଷା ଓ ୱାରାଂଚିତି ଲିପିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଦାବି କରାଯାଉଛି। ହେଲେ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଉଭୟରାଜ୍ୟ ଓ କେନ୍ଦ୍ରସରକାରଚାହିଁଲେହୋ ଭାଷା ଓ ୱାରାଂଚିତି ଲିପି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ନିଶ୍ଚିତ ସାମିଲ ହୋଇପାରିବ ବୋଲି ଡିବ୍ରୁ ଆଲଡା ପ୍ରକାଶ କରିଛନ୍ତି। ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର ସମସ୍ତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବିରାଶାଳ ପଞ୍ଚାୟତର ବନ୍ଧାଣିଆସ୍ଥ ୱାରାଂଚିତି ସ୍କୁଲ ସଦସ୍ୟ ହିର୍ଲା ପ୍ରସନ୍ନ ଗୁୟା, ଦୀନବନ୍ଧୁ ପିଙ୍ଗୁଆ, ବିଳାସ ବିରୁଆ, ଲଳିତ ହେସା, ଲକ୍ଷ୍ମୀ ହେସା, ଗୋପୀନାଥ ହେସା, ମାଟୁ ବଇପାଇ, କଳାକାର ପିଙ୍ଗୁଆ, ନାଉରୁ ଶୁଣ୍ଡି, ଶଙ୍କର ବୁଳିଉଲି, ଜାତାରା ପୂର୍ତ୍ତି, ଭୀମସେନ ଗାଗାରାଇ, ସୁଦର୍ଶନ ମୁଣ୍ଡା, କୁଆଁର ପୂର୍ତ୍ତି, ସୁନାରାମ ଟୁଡୁ, ମୋହନ ବାଗେ, କପିଳ ହେମ୍ବ୍ରମ, ଶୁକଦେବ ଗୁୟା, ସୁନାରାମ ସିଙ୍କୁ, ପାର୍ବତୀ ସଏ, ସୋମନାଥ ପିଙ୍ଗୁଆଙ୍କ ଦ୍ୱାରା ପରିଚାଳିତ ହେଉଛି।

# ନାବାଳିକା ନିଖୋଜ

**କୁଆମରା, ୩୧।୩(ସମିସ):** ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ସୋମବାର ରାତିରେ ନିଖୋଜ ହୋଇଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି ପୀଡ଼ିତାଙ୍କ ବାପା। ନାବାଳିକା ଜଣକ ମାଟ୍ରିକ ପରୀକ୍ଷା ଦେଇ ସାରିବା ପରେ ନିଜ ଘରେ ରହିଥିଲେ। ତେବେ ଆଜି ସକାଳେ ପରିବାର ଲୋକେ ତାଙ୍କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ନିରାଶ ହେବା ପରେ ବାପାଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## ରବିଋତୁରେ ୯୭୬ଟି ପ୍ରକଳ୍ପ ମାଧ୍ୟମରେ ୧୦୨୦୯ ହେକ୍ଟର ଜମିକୁ ଜଳସେଚନ

# ୩୧୫ ପ୍ରକଳ୍ପ ଅଚଳ; ୨୭୪ ସାମୟିକ ଅଚଳ ପ୍ରକଳ୍ପକୁ ସଚଳ ନିର୍ଦ୍ଦେଶ

**ବାରିପଦା, ୩୧।୩(ସମିସ):**



ମୟୂରଭଞ୍ଜ ଜିଲ୍ଲାର ବାରିପଦା ଉଠାଜଳସେଚନ ଡିଭିଜନ ପକ୍ଷରୁ ଚଳିତ ୨୦୨୩-୨୪ ରବିଋତୁରେ ୯୭୬ଟି ପ୍ରକଳ୍ପ ପାଣିପଞ୍ଚାୟତ ମାଧ୍ୟମରେ ୧୦୨୦୯ ହେକ୍ଟର ଜମିକୁ ଜଳସେଚନର ଯୋଜନା କରାଯାଇଛି। ବାକିଥିବା ୩୧୫ଟି ପ୍ରକଳ୍ପ ବିଭିନ୍ନ କାରଣରୁ ଅଚଳ ଅବସ୍ଥାରେ ଅଛି। ତନ୍ମଧ୍ୟରୁ ୪୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ଓ ୨୭୪ଟି ପ୍ରକଳ୍ପ ସାମୟିକ ଭାବେ ଅଚଳ ଅଛି। ଯାହା ଖୁବଶୀଘ୍ର ସଚଳ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

ସୂଚନା ମୁତାବକ, ଜିଲ୍ଲାର ବାରିପଦା ଓ କପ୍ତିପଦା ଉପଖଣ୍ଡର ୧୪ଟି ବ୍ଲକକୁ ନେଇ ଗଠିତ ବାରିପଦା ଡିଭିଜନ ଅଧୀନରେ ଅଦ୍ୟାବଧି ୧୨୯୦ଟି ଉଠାଜଳସେଚନ ପ୍ରକଳ୍ପ ସ୍ଥାପିତ ହୋଇଛି। ଯଦ୍ୱାରା ୨୩୭୧୩ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରୁ ଗତ ଖରିଫ ଋତୁ ୨୦୨୨ରେ ପାଣିପଞ୍ଚାୟତ ମାଧ୍ୟମରେ ୯୫୦ଟି ପ୍ରକଳ୍ପରେ ୧୪୧୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ଯୋଜନା କରଯାଇଥିଲା। ସେହିପରି ଏହି ଖରିଫ ଋତୁରେ ୮୭୫ଟି ପ୍ରକଳ୍ପ ଚାଲୁ କରାଯାଇ ୧୩୪୬୧ ହେକ୍ଟର ଚାଷ ଜମିକୁ ଜଳ ଯୋଗାଇ ଦିଆଯାଇଛି। ଅପରପକ୍ଷରେ ବିଜୁ କୃଷକ ବିକାଶ ଯୋଜନାରେ ୨୫୩ଟି ପ୍ରକଳ୍ପ ନାବାର୍ଡ ସହାୟତାରେ ସ୍ଥାପନ କରିବା ପାଇଁ ମଞ୍ଜୁର ହୋଇ ପ୍ରକଳ୍ପର କାର୍ଯ୍ୟକ୍ରମ ଚାଲୁ ରହିଛି। ଉକ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ୩୩୯୬ ହେକ୍ଟର ଜମିକୁ ଜଳସେଚିତ ହେଇପାରିବ। ଏହି ଯୋଜନାରେ ଅଦ୍ୟାବଧି ୨୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ୨୫୬ ହେକ୍ଟର ଜମିକୁ ଜଳଯୋଗାଇ ଦିଆଯାଇପାରିଛି। ସେହିପରି ଉଠାଜଳସେଚନ ପ୍ରକଳ୍ପ ପୁନଃନିର୍ମାଣ ଜରିଆରେ ବିଗତ ଆର୍ଥିକ ବର୍ଷରେ ଷ୍ଟେଟ ପ୍ଲାନ ଗ୍ରାଣ୍ଟରେ ୭୧ଟି ଅଚଳ ପ୍ରକଳ୍ପର ପୁନରୁଦ୍ଧାର କରିବା ପାଇଁ ମଞ୍ଜୁରୀ ହୋଇଥିଲା। ଏହା ଦ୍ୱାରା ୧୫୮୦ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇପାରିବ। ଉକ୍ତ ପ୍ରକଳ୍ପ ମଧ୍ୟରୁ ୧୮ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେଥି ମଧ୍ୟରୁ ୪ଟି ପ୍ରକଳ୍ପର କାର୍ଯ୍ୟ ଚାଲୁରହିଛି ଓ ୪୯ଟି ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ଚାଲୁରହିଛି ବୋଲି ଜଣାପଡିଛି।

ବିଜୁ କୃଷକ ବିକାଶ ଗଭୀର ନଳକୂପ ଯୋଜନା (ଡିପ ବୋରୱେଲ) ଯୋଜନାରେ ଅଦ୍ୟାବଧି ୧୫୯୩ଟି ଗଭୀର ନଳକୂପ ଖନନ କରାଯାଇଛି। ତନ୍ମଧ୍ୟରୁ ହିତାଧିକାରୀ ଅଂଶଧନ ଆଦାୟ ହୋଇଥିବା ୧୪୭୫ଟି ପ୍ରକଳ୍ପର ବିଦ୍ୟୁତ/ସୌର ସଂଯୋଗର ବ୍ୟବସ୍ଥା ପୂର୍ବକ ଅଦ୍ୟାବଧି ୧୪୧୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ୨୮୨୪ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି। ବାକି ୬୩ଟି ପ୍ରକଳ୍ପର ବିଦ୍ୟୁତ୍‌କରଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ସରିଥିବା ୧୪୧୨ଟି ପ୍ରକଳ୍ପରୁ ୩୨୮ଟି ପ୍ରକଳ୍ପ ସାମୟିକ ଭାବେ ଅଚଳ ଅଛି। ସେହିପରି ଅଗଭୀର ନଳକୂପ ଯୋଜନା (ସେଲୋ ଟିୱେଲ)ରେ ଜଳନିଧି-୨ ଯୋଜନା ମାଧ୍ୟମରେ ୧୦୦୨ଟି ଅଗଭୀର ନଳକୂପ ସ୍ଥାପନ କରାଯାଇ ୫୦୧୦ ହେକ୍ଟର ଜମିକୁ ଜଳସେଚନର ଯୋଜନା କରାଯାଇଛି। ତନ୍ମଧ୍ୟରୁ ୯୯୨ଟି ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କାର୍ଯ୍ୟକ୍ରମ ଶେଷ କରାଯାଇ ୪୯୬୦ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟ ସରିଥିବା ପ୍ରକଳ୍ପ ମଧ୍ୟରୁ ୧୨ଟି ପ୍ରକଳ୍ପ ସାମୟିକ ଭାବେ ଅଚଳ ରହିଛି। ୧୦ଟି ପ୍ରକଳ୍ପ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଚାଲୁରହିଛି। ଗ୍ରୀଷ୍ମଋତୁ ପାଇଁ ବାରିପଦା ଓ କପ୍ତିପଦା ଉପଖଣ୍ଡର ପ୍ରମୁଖ ନଦୀ ବୁଢାବଳଙ୍ଗ, ସୋନ, ଜମ୍ବୀରା, ଗଙ୍ଗାହାର, ବାଉଁଶ ଓ ନାହ୍ଲୁଆ ଆଦି ଶୁଖିଲା ପଡି ଥିବାବେଳେ ଜଳାଶୟମାନଙ୍କରେ ମଧ ପର୍ଯ୍ୟାପ୍ତ ପାଣି ନାହିଁ। ଜଳସ୍ତର ନିମ୍ନଗାମୀ ପାଇଁ ବୈଶାଖ ପୂର୍ବରୁ ହାହାକାର ଦେଖାଦେଇଛି। ତେବେ ପଶ୍ଚିମା ଝଡ଼ ପାଇଁ ବିକ୍ଷିପ୍ତ ବର୍ଷା ତାପମାତ୍ରା ହ୍ରାସରେ ସହାୟକ ହୋଇଥିବାବେଳେ ଜଳସ୍ତର ବୃଦ୍ଧି କରିପାରିନି। ଏପରି ସ୍ଥଳେ ଉଠା ଜଳସେଚନ ବ୍ୟବସ୍ଥା ଚାଷୀଙ୍କ ରକ୍ଷା କବଚ ସାଜିଛି। ପୂର୍ବ ବର୍ଷମାନଙ୍କ ତୁଳନାରେ ରବିଋତୁରେ ଚାଷ ପାଇଁ ଚାଷୀ ଆଗଭର ହୋଇଛନ୍ତି।

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



**ହାଟଡ଼ିହୀ,୩୧।୩(ସମିସ):** ହାଟଡିହୀ ବ୍ଲକ୍ ତଥା ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଚୋ ଗ୍ରାମର କୋଦଣ୍ଡ ସେଠୀଙ୍କ ପୁଅ ଚିନ୍ମୟ (୧୯) ଶୌଚ ହେବାକୁ ଘର ନିକଟ ବୈତରଣୀ ନଦୀକୁ ଯାଇଥିଲା ବେଳେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ନଦୀରେ ପଡ଼ି ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀଙ୍କ ସାହାଯ୍ୟରେ ବହୁ ଖୋଜାଖୋଜି କଲା ପରେ ଚିନ୍ମୟର ମୃତଦେହ ବରେଶ୍ୱର ଘାଟରୁ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ବେଳେ ଚିନ୍ମୟ ମାଟିଆ ଓ ଗୋଲାପି ରଙ୍ଗ ମିଶା ହାଫ୍ ସର୍ଟ ଏବଂ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ସେ ଆଇଟିଆଇ ପାଠ ପଢୁଥିବା ନେଇ ପରିବାର ଲୋକେ କହିଛନ୍ତି। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ୍ କରିବା ସହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଟ୍ରେନ୍ ଆଗକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା

**ବାରିପଦା,୩୧।୩(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ବାରିପଦା ଉପକଣ୍ଠ ରୁପସା-ବାଙ୍ଗିରିପୋଷି ରେଳପଥର ୪୫ କିମି ସ୍ଥାନ ଗୋପାଳପୁର-ରଙ୍ଗାମାଟିଆ ନିକଟରେ ଜଣେ ଛାତ୍ରୀ ମେମୁ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ବେଳକୁ ତାଙ୍କ ପରିଚୟ ମିଳିନାହିଁ। ତାଙ୍କର ଆନୁମାନିକ ବୟସ ୨୨/୨୩ ବର୍ଷ ହେବ। ଦେଖଣାହାରୀଙ୍କ କହିବାନୁଯାୟୀ ରୁପସାରୁ ବାଙ୍ଗିରିପୋଷି ଅଭିମୁଖେ ମେମୁ ଟ୍ରେନ ଆସିବା ପୂର୍ବରୁ ଛାତ୍ରୀ ଜଣଙ୍କ ନିଜ ମୋବାଇଲ ଫୋନରେ କାହା ସହିତ ଯୁକ୍ତିତର୍କ କରୁଥିଲେ ଓ ଟ୍ରେନ ଆଗକୁ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ରେଳବାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଆଜି ଅଙ୍ଗିକଳା ଗ୍ରାମସଭା

**ତୁରୁମୁଙ୍ଗା, ୩୧।୩(ସମିସ):** କେନ୍ଦୁଝରରେ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବୁଧବାର ଅଙ୍ଗିକଳାରେ ଅନୁଷ୍ଠିତ ହେବ ଗ୍ରାମସଭା। ଚେମଣା ଗ୍ରାମପଞ୍ଚାୟତ ଅଙ୍ଗିକଳା ଗାଁର ସ୍କୁଲ ନିକଟରେ ଥିବା ପଡ଼ିଆରେ ପଞ୍ଚମ ଗ୍ରାମସଭାର କାର୍ଯ୍ୟକ୍ରମ ସକାଳ ୧୦ଟାରେ ସ୍ଥିର ହୋଇଛି। ଗାଁର ୨୨୦.୮୭୫ ଡିସମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଏହି ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯିବ। ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ମାନସ ଦଣ୍ଡପାଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସଭା ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଛି। ଗତ ଡିସେମ୍ବର ୧୨ ତାରିଖରେ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶିଠାରେ ପ୍ରଥମ ଗ୍ରାମସଭା ଶେଷ ହୋଇଥିବା ବେଳେ, ଦ୍ୱିତୀୟ ଗ୍ରାମସଭା ଜାନୁଆରୀ ମାସ ୨୦ ତାରିଖରେ ବାରଡାଙ୍ଗୁଆ ଗ୍ରାମରେ ଏବଂ ଫେବୃଆରୀ ୨୦ ତାରିଖରେ ୩ୟ ଗ୍ରାମସଭା ରେଙ୍ଗାଳବେଡାଠାରେ ଓ ମାର୍ଚ୍ଚ ୨୦ ତାରିଖରେ ଧନୁର୍ଜୟପୁର ଠାରେ ଚତୁର୍ଥ ଗ୍ରାମସଭା ସଫଳତାର ସହ ଶେଷ ହୋଇଥିଲା। ପାଟଣା ବ୍ଲକରେ ମିଳିତ ସହଯୋଗରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ। ଏଥିପାଇଁ ପାଟଣା ବ୍ଲକ ଚେମଣା ପଞ୍ଚାୟତର ୮ଟି ଗାଁ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗାଁ, ଏହିପରି ସମୁଦାୟ ୧୨ଟି ଗାଁରେ ୨ହଜାର ୪ଶହ ୬୬ଏକର ଜମି ଅଧିଗ୍ରହଣ କରାଯିବ।

## ଆର୍ଯ୍ୟଭଟ୍ଟ ଗଣିତ ପ୍ରତିଯୋଗିତା

# ଚମ୍ପୁଆ କେରଳା ସ୍କୁଲ ଛାତ୍ରଙ୍କ ସଫଳତା



**ଚମ୍ପୁଆ, ୩୧।୩(ସମିସ):** ନୂଆଦିଲ୍ଲୀସ୍ଥିତ ସିବିଏସଇ ପକ୍ଷରୁ ଗଣିତରେ ଏକ ଜାତୀୟସ୍ତରୀୟ ମେଧା ଗଣିତ ପ୍ରତିଯୋଗିତା "ଆର୍ଯ୍ୟଭଟ୍ଟ ଗଣିତ ଚାଲେଞ୍ଜ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ସଫଳତା ଆଧାରରେ ପ୍ରାଦେଶିକ ସ୍ତରରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡକୁ ନେଇ ଗଠିତ ଭୁବନେଶ୍ୱର ସର୍କଲର ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ଚମ୍ପୁଆସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ ଜଣ ଛାତ୍ର ଅପୂର୍ବ ସଫଳତା ହାସଲ ଲାଭ କରି ଅନୁଷ୍ଠାନ ସହ ସମଗ୍ର ରାଜ୍ୟର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସେମାନେ ହେଲେ ଆସାଦ କମଲ, ରାମ ସିଂ ବାନାରା ଓ ଇଶାନ ଗିରି। ଏମାନଙ୍କର ଏହି ଜାତୀୟ ସଫଳତାରେ ବିଦ୍ୟାଳୟ ପରିସରରେ ଆନନ୍ଦର ଲହରୀ ଖେଳିଯାଇଛି। ଏଠାରେ ସ୍ମରଣଯୋଗ୍ୟ କି, ଏ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପୂର୍ବରୁ ଅନେକ ଥର ପ୍ରାଦେଶିକ ଓ ଜାତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଆସୁଛନ୍ତି। ଏହି ସଫଳତା ବିଦ୍ୟାଳୟ ପ୍ରଗତିରେ ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଲଗାତାର ଭାବେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆର୍ଯ୍ୟଭଟ୍ଟ ଗଣିତ ମେଧା ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଆସୁଥିବାରୁ ଏ ଅନୁଷ୍ଠାନକୁ ଏକ ସ୍ୱତନ୍ତ୍ର ସ୍କୁଲ ସମ୍ମାନରେ ସମ୍ମାନିତ କରିଥିବା ଅନୁଷ୍ଠାନର ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଏହି ଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅନୁଷ୍ଠାନର ଚେୟାରମେନ ଡ. ରାଜମୋହନ ପି.ଏସ, ସମ୍ପାଦିକା ଡ. ଉମା ରାଜମୋହନ, ପରିଚାଳକ ମୁରଲୀଧରନ କେ.ଏସ, କାର୍ଯ୍ୟାଳୟ ଅଧକ୍ଷ ଦୈତାରୀ ସାହୁ, ଅଧକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଉପଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ରାଇରଙ୍ଗପୁର,୩୧।୩(ସମିସ):** ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗାଡ଼ି ଚାଳକ ଦୀର୍ଘ ୩୭ ବର୍ଷରୁ ଉର୍ଦ୍ଧ୍ୱ ଚାକିରି ପରେ ଅବସର ଗ୍ରହଣ କରିଛନ୍ତି। ଗାଡ଼ି ଚାଳକ ଭାବେ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହେବା ସହ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି



ସିରାଜୁଦ୍ଦିନ ଆନସାରୀ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ସ୍ୱାଗତ ଭାଷଣ ଦେବା ସହ ଆନସାରୀଙ୍କୁ ଏକ ଦାୟିତ୍ୱ ସମ୍ପନ୍ନ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ଅଭିହିତ କରିବା ସହ ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ମେଳାପୀ ମଣିଷ ବୋଲି କହିଥିଲେ। ଏହାପରେ ଆନସାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ନିରାମୟ ଓ ଆନନ୍ଦରେ ବିତାନ୍ତୁ ବୋଲି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ଆନସାରୀ ୧୯୮୯ରେ ରାଇରଙ୍ଗପୁର ଆଇଟିଡିଏ କାର୍ଯ୍ୟାଳୟରେ ଯୋଗ ଦେଇ ତାଙ୍କ ଚାକିରି ଜୀବନ ଆରମ୍ଭ କରି ଅଦ୍ୟାବଧି ୩୭ ବର୍ଷରୁ ଉର୍ଦ୍ଧ୍ୱ କାଳ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହୋଇ ନିଷ୍ଠାର ସହିତ ସରକାରଙ୍କୁ ସେବା ପ୍ରଦାନ କରିଆସୁଥିଲେ। ଉକ୍ତ ସଭାରେ ଅଧିକାରୀ ଓ କର୍ମଚାରୀ ଆନସାରୀଙ୍କ ସହିତ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବା ସମୟର ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ସିରାଜୁଦ୍ଦିନ ଆନସାରୀ ମଧ୍ୟ ତାଙ୍କ ଚାକିରି ଜୀବନର କିଛି ଅଭୁଲା ସ୍ମୃତି ବଖାଣିଥିଲେ। ଭାବ ବିନିମୟ ଜରିଆରେ ବିଦାୟକାଳୀନ ସଭାଟି କିଛି ମୁହୂର୍ତ୍ତ ପାଇଁ ଭାବାବେଗପୂର୍ଣ୍ଣ ହୋଇ ଉଠିଥିଲା। ସଭାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଶ୍ରୀ ଆନସାରୀଙ୍କୁ ସମ୍ମାନଭରା ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ମା' ମଙ୍ଗଳାଙ୍କ ବାର୍ଷିକ ପୂଜା



**କୁଆମରା,୩୧।୩(ସମିସ):** ଗୋପବନ୍ଧୁନଗର ବ୍ଲକ ଖୁଣ୍ଟାସ୍ଥ ସୁରୁକୁନାଠାରେ ମା' ମଙ୍ଗଳାଙ୍କ ୫୧ତମ ବାର୍ଷିକ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ତିନି ଦେବୀ ମା' ମଙ୍ଗଳା, ମା' ଦୁର୍ଗା ଓ ମା' ଅମ୍ବିକା ପୂଜା ପାଇଆସୁଛନ୍ତି। ଲକ୍ଷ୍ମୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ପୂଜା ପାଠ, ଚଣ୍ଡୀପାଠ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ହରିଶ ମିଶ୍ର ଓ ଜ୍ୟୋତି ଶଙ୍କର କର ପ୍ରମୁଖ ପୂଜା ପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସ୍ଥାନୀୟ ହାଟ ପୋଖରୀରୁ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଦେବୀଙ୍କ ପୀଠରେ ପହଞ୍ଚି ଥିଲା। ବେଦମନ୍ତ୍ର ପାଠ ଓ ମନ୍ତ୍ର ଉଚ୍ଚାରଣ ଉକ୍ତ ଅଞ୍ଚଳର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହ ବହୁ ଉପାସକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ମା'ବାସୁଳୀ ଦେବୀ ସ୍ଥାନାନ୍ତରଣ

## ● ଶଙ୍ଖ, ହୁଳୁହୁଳିରେ କମ୍ପିଲା ଗାଁ



**ନାରଦପୁର, ୩୧।୩(ସମିସ):** ଯୋଡ଼ା ବ୍ଲକ୍ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପ ପ୍ରଭାବିତ ଚମକପୁର ଦଣ୍ଡପାଟର ମା' ବାସୁଳୀ ଦେବୀ ଆଜି ଆଙ୍ଗୁଳିଆ ବିସ୍ଥାପିତ କଲୋନୀକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ପ୍ରାପ୍ତ ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ସମୟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ଆରାଧନା କରି ୫୨୦ ନଂ ଜାତୀୟ ରାଜପଥ ଉପରେ ସାଜସଜ୍ଜା ରଥରେ ସଙ୍କୀର୍ତ୍ତନ ଓ ନାଚଗୀତରେ ଅଣା ଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରକଳ୍ପ କର୍ତ୍ତୃପକ୍ଷ ଓ ବିସ୍ଥାପିତଙ୍କ ଉଦ୍ୟମରେ ସ୍ଥାନାନ୍ତର କାର୍ଯ୍ୟ ଆଜି ସମ୍ପୂର୍ଣ୍ଣ ହୋଇଥିବା ନାଏବ ସରପଞ୍ଚ ଅର୍ଜୁନ ଚରଣ ବେହେରା ସୂଚନା ଦେଇଛନ୍ତି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଓ କାନପୁର ପ୍ରକଳ୍ପ ନିର୍ଦ୍ଦେଶକ ନଗେନ୍ଦ୍ର କୁମାର ମାଝୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା, ଅଧୀକ୍ଷଣ ଯନ୍ତ୍ରୀ ରାଜକୁମାର ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ପ୍ରକଳ୍ପ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ଗତକାଲି ଚମକପୁର ଗ୍ରାମର ବାବା ଶିଖେଶ୍ୱର ମହାଦେବଙ୍କୁ ଅଣାଯାଇଛି।

# ନରସିଂହପୁର ଗ୍ରାମରେ ମା'ମଙ୍ଗଳା ବାର୍ଷିକ ପୂଜା



**ଆନନ୍ଦପୁର,୩୧।୩(ସମିସ):** ନରସିଂହପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ବାର୍ଷିକ ପୂଜା ଓ ଯଜ୍ଞକାର୍ଯ୍ୟ ଯଥାବିଧି ଅନୁସାରେ ପାଳନ କରାଯାଉଛି। ମଙ୍ଗଳବାର ପ୍ରାତଃ ସମୟରେ ଗ୍ରାମର ମାନସିକଧାରୀ ମହିଳାମାନେ ଗ୍ରାମ ପୁଷ୍କରିଣୀରୁ କଳସ ବୁଡାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୁଧବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ। ପୁରୋହିତ ବସନ୍ତ ଦାଶ, ପ୍ରଦ୍ୟୁମ୍ନ ମିଶ୍ର, ଉମାକାନ୍ତ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ୨୦୦ ଊର୍ଦ୍ଧ୍ୱ ମାନସିକଧାରୀ କଳସ ଧରିଥିଲେ। ମୁଖ୍ୟ କର୍ତ୍ତା ପ୍ରସନ୍ନ ସା ସହଧର୍ମିଣୀ ସସ୍ମିତାଙ୍କ ସହ ଅଭିରାମ ରାଉତ, ଅଜୟ ସା, ମାୟାଧର ଦଳେଇ, ଅଜୟ ସାହୁ, ନିମାଇଁ ସାହୁ, ଶ୍ରୀମତୀ ସାହୁ, ବିନୋଦ ବିହାରୀ ବେଜ୍ ତରଫରୁ ମା'ଙ୍କ ପୂଜା କଳସ ଧାରଣ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମକୁ ନଜର ରଖି ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ଗ୍ରାମର ଯୁବକ ସଂଘ ସହଯୋଗ କରୁଛନ୍ତି।

# ରାସ୍ତା ଉପରୁ ହଟିଲା ବିପଜ୍ଜନକ ଗଛଡାଳ



**ତୁରୁମୁଙ୍ଗା, ୩୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା-ଚମ୍ପୁଆ କେଟି ନେଉଳିପଶି ନିକଟରେ ରାସ୍ତାକଡ଼ରେ ଥିବା ପ୍ରାୟ ୧୦୦ ବର୍ଷ ବିରାଟ ପୁରୁଣା ଅଶ୍ୱତ୍ଥ ଗଛର ଡାଳ ରାସ୍ତା ଉପରକୁ ବିପଦପୂର୍ଣ୍ଣ ଭାବରେ ଝୁଲି ରହିଥିଲା। ଯାତାୟାତ ପାଇଁ ଏହା ଜୀବନଘାତୀ ସମସ୍ୟା ସୃଷ୍ଟି କରୁଥିବା ସ୍ଥାନୀୟ ଲୋକମାନେ ଆଶଙ୍କା ପ୍ରକାଶ କରି ଗଛ ଡାଳକୁ କାଟି ହଟାଇବା ପାଇଁ କେନ୍ଦୁଝର ଡିଏଫଓ ଏଚଡି ଧନରାଜଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଗଛଟି ଗ୍ରାମ୍ୟଦେବତୀ ସହ ଜଡିତ ଥିବାରୁ ମଙ୍ଗଳବାର ଶାଳରେ ପ୍ରଥମେ ପାରମ୍ପରିକ ରୀତିନୀତିରେ ଦେହୁରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ସହ ବିଭାଗର କର୍ମଚାରୀମାନେ ଗଛର ବିପଦଜନକ ଡାଳକୁ କାଟି ରାସ୍ତା ଉପରୁ ସଫା କରିଥିଲେ।

# ଜିଲ୍ଲା ପ୍ରଶାସନ ଓ ସେନାର ସମନ୍ୱିତ ଚିକିତ୍ସା ଶିବିର ଉଦ୍‌ଯାପିତ

**କେନ୍ଦୁଝର, ୩୧।୩(ସମିସ):**

ଜିଲ୍ଲା ପ୍ରଶାସନ ଆହ୍ୱାନରେ ପୌର ପ୍ରେକ୍ଷାଳୟରେ ଆଦର୍ଶ ସମନ୍ୱିତ ଚିକିତ୍ସା ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ୩୮୨୬ ଜଣଙ୍କୁ ସେବା ପ୍ରଦାନ କରାଯାଇଛି। ପୂର୍ବତନ ସୈନିକ, ସେମାନଙ୍କ ପରିବାରର ବୀର

## ୩୮୨୬ ଜଣଙ୍କୁ ସେବା ପ୍ରଦାନ

ନାରୀ, ବିଧବା, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତି ତଥା ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ, ପୂର୍ବତନ ସୈନିକ ଲିଗ, ଷ୍ଟେସନ ମୁଖ୍ୟାଳୟ ବାଲେଶ୍ୱର (ଚାନ୍ଦିପୁର-ଅନ୍-ସି) ଦ୍ୱାରା ଆୟୋଜିତ ଦୁଇଦିନିଆ ସମନ୍ୱିତ ଚିକିତ୍ସା ଶିବିରରେ ପୂର୍ବତନ ସୈନିକମାନଙ୍କ ପାଇଁ ଏକାଧିକ ସେବା ପ୍ରଦାନ କରାଯାଇଛି। ଏଥିରେ



'ସ୍ପର୍ଶ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ, ଇସିଏଚଏ ପଞ୍ଜୀକରଣ, ସିଏସଡି ସୁବିଧା ହାସଲ ପାଇଁ ପଞ୍ଜୀକରଣ, ନିରାମୟ ସ୍ୱାସ୍ଥ୍ୟ ବୀମା, ଫିଜିଓଥେରାପି ଓ ମନସ୍ତାତ୍ତ୍ୱିକ ରୋଗ ପରାମର୍ଶ ଓ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଶଲ୍ୟ ଓ ଭେଷଜ, ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଚିକିତ୍ସା ସାମିଲ ରହିଛି। ଏହି ଶିବିରରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗଙ୍କ ପାଇଁ ମାନକ ପରୀକ୍ଷଣ କରାଯାଇ ଅନନ୍ୟ ଅକ୍ଷମତା ପରିଚୟ କାର୍ଡ ପ୍ରଦାନ କରାଯାଇଛି। ୧୪ (ଓଡିଶା) ଏନସିସି ବାଟାଲିୟନର କ୍ୟାଡେଟମାନେ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଚିକିତ୍ସିକଙ୍କ ମଧ୍ୟରେ ପାଞ୍ଚ ଜଣ ବୀର ନାରୀ ରହିଥିବାବେଳେ ୩୦ ଜଣଙ୍କର ନିରାମୟ ସ୍ୱାସ୍ଥ୍ୟ ବୀମା, ୧୫୧ ଜଣଙ୍କର 'ସ୍ପର୍ଶ' ମାଧ୍ୟମରେ ପେନସନ, ୨୭ ଜଣଙ୍କର ମନସ୍ତାତ୍ତ୍ୱିକ ସ୍ଥିତି ଆକଳନ କରାଯାଇଛି। ସେହିପରି ୨୭ ଜଣ ଯୁଦ୍ଧ ଫେରନ୍ତା ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆବାହକଭାବେ ଜିଲ୍ଲାପାଳ ବିଶାଳ ସିଂହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରିଥିବାରୁ ବାଲେଶ୍ୱର ଷ୍ଟେସନ ମୁଖ୍ୟାଳୟ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଛତିଶଗଡ଼ ଏବଂ ଓଡ଼ିଶା ସବ୍‌ଏରିଆ କମାଣ୍ଡର ବ୍ରିଗେଡିୟର୍ ଟିଏସ୍. ବାୱା ଏହି ଦୁଇଦିନିଆ ଶିବିରକୁ ଉଦଘାଟନ କରିଥିଲେ।

## ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ବାଟବଣା

# ୧୦୫୫ଟି ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

ବାରିପଦା, ୩୧ ।୩(ସମିସ): ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଏକମାତ୍ର ବିକଳ୍ପ ଅଙ୍ଗନବାଡ଼ି କେନ୍ଦ୍ର। ତତ୍‌ସହିତ ନବଜାତକ, କିଶୋରୀ ବାଳିକା, ପ୍ରସୂତି ଓ ଗର୍ଭବତୀ, ଶିଶୁଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ବଣ୍ଟନ ଆଦି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ସମ୍ପାଦନ ପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏଥିପାଇଁ ଗାଁ ଗାଁରେ ଖୋଲିଛି ଅଙ୍ଗନବାଡ଼ି କେନ୍ଦ୍ର। ମାତ୍ର ୧୦୫୫ଟି କେନ୍ଦ୍ରର ନିଜସ୍ୱ ଗୃହ ତଥା ଭିତ୍ତିଭୂମି ନ ଥିବାରୁ ଯୋଜନା ବାଟବଣା ହେଉଛି।



- ଭଡ଼ାଘରେ ୨୯୩ଟି, ସ୍କୁଲ ଓ ଗୋଷ୍ଠୀ କେନ୍ଦ୍ରରେ ଚାଲିଛି ୭୭୬ କେନ୍ଦ୍ର
- ପ୍ରାକ୍ ପ୍ରାଥମିକ ଶିକ୍ଷା ଅସୁରକ୍ଷିତ

ମିଳିଥିବା ତଥ୍ୟ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ୫ ହଜାର ୧୫୨ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ତନ୍ମଧ୍ୟରୁ ୪୦୯୭ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ସ୍ଥାୟୀ ଗୃହ ଓ ଭିତ୍ତିଭୂମି ରହିଥିବାବେଳେ ସେଥିରୁ ବଞ୍ଚିତ ୧୦୫୫ଟି କେନ୍ଦ୍ରରୁ ୨୯୩ଟି କେନ୍ଦ୍ର ଭଡ଼ା ଘରେ ଚାଲିଛି। ସେହିପରି ୧୮୦ଟି କମ୍ୟୁନିଟି ବା ଗୋଷ୍ଠୀ କେନ୍ଦ୍ର ଓ ୫୮୨ଟି ସ୍କୁଲ ଗୃହମାନଙ୍କରେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛି। ବାରମ୍ବାର ପ୍ରସଙ୍ଗ ଉପସ୍ଥାପନ ସତ୍ତ୍ୱେ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣରେ ମନ୍ଥରତା ସମସ୍ୟାକୁ ଦ୍ୱିଗୁଣିତ କରିଛି। ପ୍ରତି ମାସରେ ବିଡିଓଙ୍କୁ ଜିଲ୍ଲାପାଳ ତାଗିଦ୍ କରୁଥିବାବେଳେ ସମସ୍ୟାର ସମାଧାନ ହେଉ ନ ଥିବା ଦେଖିବାକୁ ମିଳିଛି। ସରକାରୀ ବାବୁମାନେ ସବୁ ଜାଣି ଚୁପ୍ ବସିଥିବାବେଳେ ଅଙ୍ଗନବାଡ଼ି ଦିଦି ହାତ ଟେକିଦେଲେଣି। ଯେଉଁଥିପାଇଁ କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଉ କିଛି କେନ୍ଦ୍ରକୁ ପିଲା ଆସୁନାହାନ୍ତି। ଆଉ ଯେଉଁଠିକୁ ପିଲା ଆସୁଛନ୍ତି, ସେଠାରେ ଖୋଲା ଆକାଶ ତଳେ ଖରାବର୍ଷାରେ ତିନି ଘଣ୍ଟା ବିତାଇ ଘରକୁ ଫେରୁଛନ୍ତି।

୧୦୫୫ଟି ନୂଆ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯିବାକୁ ଯୋଜନା ହୋଇଥିଲାବେଳେ କିଛିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ କିଛି ଗୃହ ନିର୍ମାଣ ଚାଲିଛି। ଫଳରେ ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା କେନ୍ଦ୍ରର କୋମଳମତି ଶିଶୁଙ୍କ ମୂଳଦୁଆ ପଡୁଥିବା ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଛି। ପାଠପଢ଼ା, ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନା ପ୍ରଭାବିତ ହେଉଛି। ଜିଲ୍ଲାରେ ମୋଟ ୨ ଲକ୍ଷ ୪୫ ହଜାର ୪୪୧ ହିତାଧିକାରୀ ରହିଥିବାବେଳେ ୧୨ ହଜାର ୭୬୪ ଜଣ ସ୍ତନ୍ୟପାୟୀ ମାଆ, ୧୭ ହଜାର ୩୯୨ ହଜାର ଗର୍ଭବତୀ, ୬ ମାସରୁ କମ୍ ୧୨ ହଜାର ୪୫୨ ଜଣ ଶିଶୁ, ୬ ମାସରୁ ୬ ବର୍ଷରୁ ଯାଏ ୮୯ ହଜାର ୨୦୧ ଜଣ ଶିଶୁ, ୩ରୁ ୬ ମାସ ଯାଏ ୧ ଲକ୍ଷ ୧୩ ହଜାର ୬୩୨ ଜଣ ରହିଛନ୍ତି। ଏ ନେଇ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି କହିଛନ୍ତି, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସବୁ କାର୍ଯ୍ୟ ହାତକୁ ନିଆଯାଉଛି। ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସହରାଞ୍ଚଳର ପୌର ଅଧିକାରୀ ଓ ଗ୍ରାମାଞ୍ଚଳରେ ବ୍ଲକ ପ୍ରଶାସନ ହାତକୁ ନେଇଛି। ମାତ୍ର ବିଭିନ୍ନ କାରଣ ପାଇଁ ଏବେ ବି ନିଜସ୍ୱ ଗୃହରେ କେନ୍ଦ୍ର କାର୍ଯ୍ୟ କରିପାରୁ ନ ଥିବା ଅଭିଯୋଗ ହେଉଛି।

## ‘ବଢ଼ତେ କଦମ’ ସଚେତନତା ଶିବିର



ବାରିପଦା, ୩୧।୩(ସମିସ): ସଚେତନତା ଶିବିର ନ୍ୟାସନାଲ୍ ଟ୍ରଷ୍ଟ ଅଧିନିୟମ-୧୯୯୯ ‘ବଢ଼ତେ କଦମ’ ମାଧ୍ୟମରେ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କର ସମାନ ସୁବିଧା ସୁଯୋଗ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ଏକ ସଚେତନତା ଶିବିର ରଘୁନାଥପୁରସ୍ଥ ରୋଜ ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ହରିହର ମନ୍ଦିର ନିକଟରୁ ବାହାରି ରୋଜ ଅନୁଷ୍ଠାନ ପର୍ଯ୍ୟନ୍ତ ଯାଇଥିଲା ଓ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ନରୋତ୍ତମ ପାଣିଗ୍ରାହୀ ଓ ସାମାଜିକ କର୍ମୀ ହେମାଙ୍ଗିନୀ ରାଉତ ଯୋଗ ଦେଇଥିଲେ। ରୋଜ୍‌ର ସମ୍ପାଦକ ଚନ୍ଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରୋଜ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଅଧ୍ୟକ୍ଷ ସପନ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମନୋରଞ୍ଜନ ରଥ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡିମଗଡ଼ିଆ ସାପ୍ତାହିକ ହାଟ ନିଲାମ ଶେଷ




ଉଦଳା, ୩୧।୩(ସମିସ): ଉଦଳା ବ୍ଲକ ଅନ୍ତର୍ଗତ କୋଚିଲାଡିହା ପଞ୍ଚାୟତର ଡିମଗଡ଼ିଆ ସାପ୍ତାହିକ ହାଟ ଲକ୍ଷେ ଟଙ୍କାରେ ନିଲାମ ହୋଇଛି। ଆଜି ଥିଲା ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତର ନିଲାମୀ ପ୍ରକ୍ରିୟା। ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏହି ନିଲାମୀରେ ମିଳିଥିବା ଅର୍ଥ ପଞ୍ଚାୟତ ଫଣ୍ଡରେ ମହଜୁଦ ରହିବା ସହ ଖର୍ଚ୍ଚ ହେବାର ପ୍ରବିଧାନ ରହିଛି। ଆଜି କୋଚିଲାଡିହା ସରପଞ୍ଚ ସାରମଣୀ ହେମ୍ବ୍ରମ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତକ ସିଂ ଉପସ୍ଥିତ ରହି ଏହି ନିଲାମୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପଞ୍ଚାୟତରେ ଥିବା ସରକାରୀ ପୋଖରୀ, ସରକାରୀ ବନ୍ଧ ଓ ସାପ୍ତାହିକ ହାଟର ନିଲାମ କରିଥିଲେ। ତେବେ ପ୍ରତିବର୍ଷ ଅପେକ୍ଷା ଉଦଳା ବ୍ଲକରେ କୋଚିଲାଡିହା ସାପ୍ତାହିକ ହାଟ ନିଲାମୀରେ ସବୁଠୁ ସର୍ବାଧିକ ଏକ ଲକ୍ଷ ଟଙ୍କାରେ ସଞ୍ଜୟ ମଢେଇ ହାଟକୁ ନିଲାମରେ ନେଇ ରେକର୍ଡ ସୃଷ୍ଟି କରିଥିଲେ। କୋଚିଲାଡିହା ସାପ୍ତାହିକ ହାଟ ଆଜିକୁ ପ୍ରାୟ ୩୦ ବର୍ଷ ଧରି ଡାକରା ହେଉଥିବାରୁ ଚଳିତ ବର୍ଷ ଏକ ଲକ୍ଷ ଟଙ୍କାରେ ନିଲାମ ହେବା ସହ ସର୍ବାଧିକ ନିଲାମ ପାଇଁ ପଞ୍ଚାୟତ ପକ୍ଷରୁ ମଧ୍ୟ ଧନ୍ୟବାଦ ଦିଆଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ପଞ୍ଚାୟତର ହିସାବରକ୍ଷକ ଶୁଭେନ୍ଦୁ ବାରିକ, ପଞ୍ଚାୟତର ଯୋଗାଣ ସହାୟକ ଅକ୍ଷୟ କୁମାର ବେହେରା, ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ସହ ପଞ୍ଚାୟତର ସାଧାରଣ ଜନତା ଭାଗ ନେଇଥିଲେ।

## ସଡ଼କ ନିରାପତ୍ତା ସଚେତନତା ଅଭିଯାନ ପକ୍ଷରୁ ରକ୍ତଦାନ ଶିବିର



ବାରିପଦା, ୩୧ ।୩(ସମିସ): ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ ପରିବହନ ପ୍ରାଧିକରଣ ଓ ବାରିପଦା ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ରକ୍ତଦାନ ଶିବିର ମାଧ୍ୟମରେ ସଡ଼କ ନିରାପତ୍ତା ସଚେତନତା ଅଭିଯାନ ପାଳିତ ହୋଇଯାଇଛି। ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ମୁଖ୍ୟଅତିଥି ଓ ବାରିପଦା ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି ଓ ସମାଜସେବୀ ଚନ୍ଦନ ଶେଜପଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଲବ ପଦାଧିକାରୀ ଓ ସଦସ୍ୟଗଣ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପଦାଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ବାରିପଦା ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଟର ଯାନ ଯାଞ୍ଚକାରୀ ଅଧିକାରୀ ସାଲଖୁ ମୁର୍ମୁ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସୌମ୍ୟ ପ୍ରକାଶ ଭୋଇ, କନିଷ୍ଠ ମଟରଯାନ ଯାଞ୍ଚକାରୀ ଅଧିକାରୀ ସୁପ୍ରିୟା ପ୍ରିୟଦର୍ଶିନୀ, ରୋଟାରୀ କ୍ଲବ ତରଫରୁ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପ୍ରାକ୍ତନ ସଭାପତି ସନ୍ଦୀପ କୁମାର ଚାନ୍ଦ, ଡ. ପୁଷ୍ପା ପାତ୍ର, ସୁନୀତ ପୁରୀ, ସରୋଜ କୁମାର ଦାଶ, ସଦସ୍ୟା ପ୍ରୀତିସୁଦ୍ଧା ତ୍ରିପାଠୀ ଓ ରାଜଲକ୍ଷ୍ମୀ ତ୍ରିପାଠୀ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଉକ୍ତ ଶିବିର ମାଧ୍ୟମରେ ସୁରକ୍ଷା, ପରିବାର ରକ୍ଷାର ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ଲୁଇପା ଡିଗ୍ରୀ କଲେଜରେ ଇନୋଭେସନ ଓ ଷ୍ଟାର୍ଟଅପ କାର୍ଯ୍ୟକ୍ରମ



ଉଦଳା, ୩୧।୩(ସମିସ): ରାଢ଼ୋସ୍ଥ ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଦ୍ୟୋଗପତି ଶୁଭ୍ରାଂଶୁ ବେହେରା ଯୋଗଦେଇ ଆତ୍ମନିର୍ଭରଶୀଳ ଭାରତ ଓ ଯୁବପିଢ଼ି ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଆତ୍ମର୍ଭରଶୀଳ ଭାରତ ଓ ଶିକ୍ଷାୟନରେ ନବପ୍ରବର୍ତ୍ତନ ଓ ଷ୍ଟାର୍ଟଅପ୍ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦୀପ୍ତିମାନ ଦେ, ଦୀପକ ବେହେରା, ସୁବାସ କୁମାର ନାୟକ, ଅଧ୍ୟାପିକା ଶୁଭଶ୍ରୀ ବେହେରା, ସୁଚେତା ମହାପାତ୍ର, ଭାରତୀ ଗିଡି, ସୁଚିତ୍ରା ମହାପାତ୍ର, ଗୀତିକା ଜେନା, ମଧୁସ୍ମିତା ପାତ୍ର ଓ ଜ୍ୟୋତିଷ ମାଝୀ ଯୋଗଦେଇ ନିଜ ନିଜର ମତାମତ ପୋଷଣ କରିଥିଲେ। ନୂତନତ୍ୱ ଚିନ୍ତାଧାରା ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ କିପରି ନିଜ ଦକ୍ଷତା ପ୍ରଦର୍ଶନ କରିବା ସହିତ ଆଗାମୀ ଦିନରେ ସ୍ୱାବଲମ୍ବୀ ହୋଇପାରିବେ, ସେ ନେଇ ଉପସ୍ଥିତି ଅତିଥି ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନିଜ ନିଜର ନବସୃଜନତା ଓ ଷ୍ଟାର୍ଟଅପ୍ ମାଧ୍ୟମରେ ବିଭିନ୍ନ ପ୍ରକାର ଜଙ୍ଗଲ ଜାତ ଦ୍ରବ୍ୟ ଓ ସ୍ୱଦେଶୀ ନିର୍ମିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଅରବିନ୍ଦ ସେଠୀ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହିତ ସମସ୍ତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

## ଗଡ଼ଦେଉଳିଆ ପଞ୍ଚାୟତରେ ମେରା ଯୁବା ଭାରତ କାର୍ଯ୍ୟକ୍ରମ




ବୈଶିଙ୍ଗା, ୩୧।୩(ସମିସ): ଗଡ଼ଦେଉଳିଆ ପଞ୍ଚାୟତ ଅନ୍ତର୍ଗତ ଲାଖବିନ୍ଧାସ୍ଥ ବୀର ବିର୍ସା ଯୁବକ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଆନୁକୂଲ୍ୟରେ ମେରା ଯୁବା ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜ୍ୟୋତି କ୍ଲବର ସମ୍ପାଦକ ଓ ସଦସ୍ୟ, ହିତାଙ୍ଗ ଡିଲାଙ୍ଗ ଯୁବକ ସଂଘ ସଭାପତି, ଜଗନ୍ନାଥ ଯୁବକ ସଂଘ ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରି ପରିଚାଳନାରେ ସୋହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦ୍ରଧନୁ କ୍ଲବ, ବଜରଙ୍ଗ କ୍ଲବ, ବୀଣାପାଣି କ୍ଲବ, ଖେରୱାଲ କ୍ଲବ, ସାରନା ସୁସାର କ୍ଲବ, ବାବା ତିଲକା କ୍ଲବ, ଗୋପବନ୍ଧୁ ଯୁବକ ସଂଘ, ବିର୍ସା ମୁଣ୍ଡା ଯୁବକ ସଂଘ, ଧରମଡାଲେ ଜୁୱାନ ଜୁମିତଦ, ଓଁ ମା’ ସନ୍ତୋଷୀ ଯୁବକ ସଂଘ, ଆଗମ ଗକ୍ଷଣା ଯୁବକ ସଂଘ, ମହାବୀର ସ୍ପୋର୍ଟିଂ କ୍ଲବ, ନବଜ୍ୟୋତି କ୍ଲବ, ଜିଆଳ ଝାରନା ଜୁୱାନ ସେମଲେଦ ଯୁବକ ସଂଘ ସମେତ ଉଭୟ ପୁରୁଷ ଓ ମହିଳା ଏହି ଯୁବ ବିକାଶ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଆୟୋଜକ ବୀର ବିର୍ସା କ୍ଲବ ସମ୍ପାଦକ ଶଙ୍କର ଚୋପେୟାର ପ୍ରତିନିଧିଙ୍କୁ କ୍ଲବର ଉନ୍ନତି ଓ ଗ୍ରାମ ବିକାଶ ଲାଗି ଯୁବକ/ଯୁବତୀଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳର ଯୁବକ/ଯୁବତୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ମେରା ଯୁବ ଭାରତ କାର୍ଯ୍ୟକ୍ରମ ଅଭିଯାନରେ ଯୁବକ/ଯୁବତୀ ସିଧାସଳଖ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ନୂତନ ଯୁବକ ସଂଘ ଗଠନ ସହିତ ସୁପ୍ତ ଅବସ୍ଥାରେ ଥିବା ପୁରାତନ ଯୁବକ ସଂଘର ପୁନର୍ଗଠନ ପୂର୍ବକ ସେଗୁଡିକୁ କ୍ରିୟାଶୀଳ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ରାଜ୍ୟସ୍ତରରେ ଚିନ୍ମୟ ଦାସପଟ୍ଟନାୟକ ସମ୍ବର୍ଦ୍ଧିତ



ବାରିପଦା, ୩୧ ।୩(ସମିସ): ଭୁବନେଶ୍ୱରସ୍ଥ ଜୟଦେବ ଭବନରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଅନୁଷ୍ଠିତ ହୋଇଥିବା ଜାତୀୟ ମିଡ଼ିଆ କୋନକ୍ଲେଭ-୨୦୨୬ ଅବସରରେ ଓଡ଼ିଆ ନାଟକ, ଚଳଚ୍ଚିତ୍ର ଜଗତରେ ସୁନାମ ଅର୍ଜନ କରିଥିବା ବାରିପଦା ତଥା ମୟୂରଭଞ୍ଜର ଗୌରବ ବିଶିଷ୍ଟ ଲେଖକ, ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା, ଉପସ୍ଥାପକ ଓ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି, ଅଭିନେତା, ଲେଖକ ଓ ନିର୍ଦ୍ଦେଶକ ହରିହର ମହାପାତ୍ର, ଉପସ୍ଥାପିକା, ଅଭିନେତ୍ରୀ ଓ ପ୍ରଯୋଜିକା ନୈନା ଦାସ ଓ ବର୍ଷୀୟାନ ଅଭିନେତା ତଥା ସମାଜସେବୀ ଡକ୍ଟର ରୁଷି ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଖ୍ୟାତ ଡାକ୍ତର ଓ ସମାଜସେବୀ ଡଃ ଖଟୁଆ, ମେଜର ଡକ୍ଟର କଳ୍ପନା ଦାସ, ଡଃ ରଜନୀକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ‘ବିକଶିତ ଓଡ଼ିଶା-୨୦୨୬/ ଭାରତ -୨୦୪୭’ ନିମନ୍ତେ ଗଣମାଧ୍ୟମର ଭୂମିକା‘ ଶୀର୍ଷକ ଆଲୋଚନାରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କ ଉଚ୍ଚକୋଟୀର ବକ୍ତବ୍ୟ ପାଇଁ ଉପସ୍ଥିତ ବୁଦ୍ଧିଜୀବୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ପ୍ରତିଭାଧର ବ୍ୟକ୍ତି ଅଭିନନ୍ଦନ ଜଣାଇବା ସହ ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳଙ୍କ ଅବସର ଗ୍ରହଣ

ରାଇରଙ୍ଗପୁର, ୩୧।୩(ସମିସ): ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ତାଙ୍କୁ ଶେଷ କାର୍ଯ୍ୟଦିବସରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇରଙ୍ଗପୁର ପାଇଁ ନୂତନ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତ କରାଯାଇ ନ ଥିବାରୁ ଉକ୍ତ ପଦବୀ ଖାଲିପଡ଼ିଛି। ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ୨୦୨୫ ଅଗଷ୍ଟ ୬ ତାରିଖରେ ରାଇରଙ୍ଗପୁରରେ ଯୋଗଦାନ କରିଥିଲେ। ଉପଖଣ୍ଡ ସ୍ତରୀୟ କର୍ମଚାରୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ଅବସର ପରବର୍ତ୍ତୀ ସମୟ ସୁସ୍ଥ, ନିରାମୟ, ଦୀର୍ଘ ଜୀବନ କାମନା କରିଛନ୍ତି। ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ପୂର୍ବରୁ ବଦଳି ହୋଇଥିବାବେଳେ ନୂତନ ଉପଜିଲ୍ଲାପାଳ ଯୋଗ ଦେଇନାହାନ୍ତି। ସେହିପରି ଅତିରିକ୍ତ ଜିଲ୍ଲାପାଳ ପଦବୀ ମଧ୍ୟ ଖାଲି ରହିଛି। ତେବେ ବରିଷ୍ଠ ଅଧିକାରୀ ପଦ ଖାଲି ରହୁଥିବାବେଳେ ତୁରନ୍ତ ନୂତନ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।



## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଆଲୋଚନାଚକ୍ର




ବାରିପଦା, ୩୧ ।୩(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ‘ବୃତ୍ତିର ସୁଯୋଗ ଓ କର୍ମ ନିୟୋଜନ କୌଶଳ ବୃଦ୍ଧି’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ ଆଶୁତୋଷ ପ୍ରୟାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ଭାରତ ଭଳି ଦେଶରେ ଛାତ୍ରଛାତ୍ରୀଙ୍କ ପାଇଁ କର୍ମନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି। ଏଥିପାଇଁ ନିଜ ଦକ୍ଷତା ଓ ମାନସିକତାକୁ ଦୃଢ କରିବାର ଆବଶ୍ୟକତା ରହିଛି। ସଂଯୋଜକ ଡ ଦାଶ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ ଯେ, ସମଗ୍ର ବିଶ୍ୱ ଆଜି ଭାରତର ମାନବ ସମ୍ବଳର ସଦୁପଯୋଗ କରି ନିଜ ଦେଶକୁ ସଶକ୍ତ କରୁଛନ୍ତି। କିନ୍ତୁ ଏହାକୁ ଭାରତର ବିକାଶର ଅସ୍ତ୍ର କରିପାରିଲେ ଆମେ ପ୍ରକୃତରେ ବିଶ୍ୱଗୁରୁ ହୋଇପାରିବା। ବାଣିଜ୍ୟ ବିଭାଗ ମୁଖ୍ୟ ଭୀମଚରଣ ମୁର୍ମୁ କହିଥିଲେ ଯେ ଛାତ୍ରଛାତ୍ରୀ ସମୟର ସଦୁପଯୋଗ କରି ନିଜ ଦକ୍ଷତା ବୃଦ୍ଧି ମାଧ୍ୟମରେ ଭବିଷ୍ୟତ ପରିବର୍ତ୍ତନ କରିଦେଇପାରିବେ। ଏହି ଆଲୋଚନାଚକ୍ରରେ ୟୁନାଇଟେଡ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟ (ୟୁଏସବିଏମ)ର ପ୍ରଫେସର ମନୋରଞ୍ଜନ ରଥ ଓ ପ୍ରଫେସର ପ୍ରଦୀପ କୁମାର ଦେ ଯୋଗଦେଇ ସ୍ନାତକ ପରବର୍ତ୍ତୀ ଶିକ୍ଷାର ସୁଯୋଗ ଓ ପରିବର୍ତ୍ତିତ ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ସାମ୍ନାରେ ଥିବା ସମ୍ଭାବ୍ୟ ଆହ୍ୱାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ସିଦ୍ଧେଶ୍ୱର ପଣ୍ଡା, ଡ. ଅନାମ ଚରଣ ରାଉଳ, ଡ. ଅର୍ଜୁନ କୁମାର ସାହୁ, ଓ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦ୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା, ବାଣିଜ୍ୟ ବିଭାଗର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପିକା ସୀମା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

# ‘ଗୁରୁଙ୍କୁ ସମ୍ମାନ ଦେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ’

ମୋରଡ଼ା, ୩୧।୩(ସମିସ): ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଙ୍କୁ ସମ୍ମାନ ଦେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବିଦ୍ୟାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ମୋରଡ଼ା ବିଇଓ ବିଜୟ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ନେତା ପ୍ରଦୀପ କୁମାର ମହାନ୍ତି, ପ୍ରାକ୍ତନ ବିଧାୟକ କାହ୍ନୁ ସୋରେନ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟକୁ ଆସୁଥିବା ସମସ୍ତ ଛାତ୍ରଛାତ୍ରୀ ତାଙ୍କ ଅଭିଭାବକଙ୍କ ସ୍ୱପ୍ନ, ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ହେଲେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟର ପ୍ରତ୍ୟେକଟି ସେକେଣ୍ଡର ସଦୁପଯୋଗ କରିବା ନିହାତି ଜରୁରୀ। ଏଥିସହିତ ସମାଜ ଓ ପରିବେଶ ପାଇଁ ଆମ୍ଭମାନଙ୍କ ରହିଥିବା ଦାୟିତ୍ୱ ପୂର୍ଣ୍ଣ କରିବା ଜରୁରୀ ବୋଲି କହିଥିଲେ। ତେବେ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ଚିତ୍ରଡା ଗ୍ରାମର ଓଏଏସ ହୋଇଥିବା ଲଳିତେନ୍ଦୁ ବେହେରାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଜିଲ୍ଲାରେ ସୁରକ୍ଷିତ ନୁହନ୍ତି ସରକାରୀ ବାବୁ

ବାଲେଶ୍ୱର, ୩୧।୩(ସମିସ)

ବାଲେଶ୍ୱର ଜିଲ୍ଲାରେ ସରକାରୀ ଅଧିକାରୀଙ୍କୁ ଆକ୍ରମଣ ବଢ଼ିବାରେ ଲାଗିଛି। ଯାହାଫଳରେ ସରକାରୀ ବାବୁମାନେ ସୁରକ୍ଷିତ ନୁହଁନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବିଧାନସଭାରେ ରଖିଥିବା ଲିଖିତ ଉତ୍ତର ଜିଲ୍ଲା ପୁଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଦୁଇବର୍ଷରେ ମୋଟ ୧୨୮୬ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ରହିଛି ୧୫୪ଟି ମାମଲା।

୨୦୨୪ମସିହାରେ ଜିଲ୍ଲାର ବିଭିନ୍ନ ଥାନାରେସରକାରୀଅଧିକାରୀମାନଙ୍କଉପରେ ହୋଇଥିବାଆକ୍ରମଣକୁନେଇ ୭୩ଟିମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୮୧ଟି ମାମଲା ରୁଜୁ ହୋଇଛି। ତେବେ ଏହାକୁ ମିଶାଇ ମୋଟ ୧୫୪ଟି ମାମଲା ରୁଜୁ ହୋଇଥିବା ଜଣାଯାଇଛି। ବିଶେଷ କରି ଶିଳ୍ପାଂଚଳ ଓ ସହରାଂଚଳ ଅର୍ଥାତ ଟାଉନ, ସଦର ଏବଂ ସହଦେବଖୁଂଟା ଥାନା ଅଧିନରେ ଥିବା ଅଂଚଳ ଗୁଡିକରେ ସରକାରୀ କାର୍ଯ୍ୟାଳୟ ଅଧିକ ରହିଛି। ଏଠାରେ ଅଧିକାରୀମାନଙ୍କୁ ଧମକ କିମ୍ବା ଆକ୍ରମଣ ହେବା ପୁଲିସର ତଦାରଖ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ସୀମାନ୍ତ ଓ ଉପକୂଳ ଅର୍ଥାତ ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ଭଳି ଥାନା ଗୁଡିକରେ ବାଲି ମାଫିଆ, ପଥର ମାଫିଆ ଏବଂ ବ୍ରାଉନସୁଗାର ମାଫିଆମାନଙ୍କ କାରବାର ବୃଦ୍ଧି ପାଉଛି। ଏହାର ଚଢ଼ଉ ବେଳେ ପ୍ରଶାସନିକ ଅଧିକାରୀମାନେ ଆକ୍ରମଣର ଶିକାର ହେଉଛନ୍ତି। ଦୁଇ ବର୍ଷ ମଧ୍ୟରେ ୧୫୪ଟି ମାମଲାକୁ ଦେଖିଲେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ବିଶେଷ କରି ବାଲି ମାଫିଆ, ଗୋ ଚାଲାଣକାରୀ ଏବଂ ନିଶା ବେପାରୀଙ୍କ ନେଟୱର୍କ ଏବେ ସକ୍ରିୟ ଯେ ସେମାନେ ବାଟରେ ଆସୁଥିବା ତହସିଲଦାର, ଆରଆଇ କିମ୍ବା ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଏହାଛଡା ଖଣି ବିଭାଗର କର୍ମଚାରୀମାନେ ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଡ ଖାଉଥିବା ଦେଖିବାକୁ ମିଳିଛି।

୨୦୨୪ମସିହାରେ ଟାଉନ ଥାନାରେ ୧୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ସେହିପରି ସହଦେବଖୁଟା ଥାନାରେ ୨୦୨୪ମସିହାରେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ସଦର ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ଖନ୍ତାପଡା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ଗୋପାଳପୁର ଥାନାରେ୨୦୨୪ମସିହାରେ ୪ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ଶିଳ୍ପାଂଚଳ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। ସୋର ଥାନାରେ ୨୦୨୪ମସିହାରେ ୯ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୯ଟି ମାମଲା ରୁଜୁ ହୋଇଛି। ସିମୁଳିଆ ଥାନାରେ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୯ଟି ମାମଲା ରୁଜୁ ହୋଇଛି। ଚାନ୍ଦିପୁର ଥାନାରେ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ବଳରାମଗଡି ମେରାଇନ ଥାନାରେ ୨୦୨୪ମସିହାରେ ଗୋଟିଏବି ମାମଲା ରୁଜୁ ହୋଇନଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ବସ୍ତା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୪ଟି ମାମଲା ରୁଜୁ ହୋଇଛି। ରୁପସା ଥାନାରେ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ସିଂଲା ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ବାଲିଆପାଳ ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। କଂଶାଫଳ ମେରାଇ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ଗୋଟିଏ ବି ମାମଲା ରୁଜୁ ହୋଇ ନାହିଁ। ଜଳେଶ୍ୱର ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ଭୋଗରାଇ ଥାନାରେ ୨୦୨୪ମସିହାରେ ୪ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ମାମଲା ରୁଜୁ ହୋଇନାହିଁ। କମର୍ଦ୍ଦା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। ସରାଇବଣିଆ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ତାଳସାରୀ ମେରାଇନ ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ସହଦେବଖୁଣ୍ଟା ଥାନାରେ ୨୦୨୪ମସିହାରେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ନୀଳଗିରି ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ରେମୁଣା ଥାନାରେ ୨୦୨୪ମସିହାରେ ୬ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ ମସିହାରେ ୨ଟି ମାମଲା ରୁଜୁ ହୋଇଛି। ଖଇରା ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ବରହମପୁର ଥାନାରେ୨୦୨୪ମସିହାରେ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ୨ଟି ମାମଲା ରୁଜୁ ହୋଇଛି। ଔପଦା ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି।

ଏ ନେଇ ଏସପି ପ୍ରତ୍ୟୁଷ ଦିୱାକର କହିଛନ୍ତି ଯେ ଏହି ମାମଲା ଗୁଡିକ ଉପରେ ତଦନ୍ତ କରାଯାଉଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡା କିଛି ଜଣଙ୍କୁ ଗିରଫ କରାଯାଇଥିବା ଆଉ କିଛି ନୋଟିସ ଦିଆଯାଇଛି।

**ଦୁଇବର୍ଷରେ ରୁଜୁ ହୋଇଛି ୧୫୪ ମାମଲା**

# ଓଲମରା -ଲୁହାପଡା ମୁଖ୍ୟ ରାସ୍ତା ମରଣଯନ୍ତା

ଜଳେଶ୍ୱର ବ୍ଲକ, ୩୧।୩ (ସମିସ): ରାଇବଣିଆର ମୁଖ୍ୟ ରାସ୍ତା କହିଲେ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଲୁହାପଡ଼ାଠାରୁ



ଓଲମରା ପର୍ଯ୍ୟନ୍ତ ରାସ୍ତାକୁ ବୁଝାଇ ଥାଏ। ରାଇବଣିଆ ଅଞ୍ଚଳରେ ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ଏହି ରାସ୍ତା ପ୍ରଥମେ ହସ୍ତାନ୍ତର ହୋଇ ଆଜକୁ ୭ ବର୍ଷ ପୂର୍ବେ ୫ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ବାଲେଶ୍ୱର, ଭୁବନେଶ୍ୱର, ବାରିପଦା, ପର୍ଯ୍ୟନ୍ତ ବସ୍ ,ଟ୍ରକ, ଓ ସମସ୍ତ ବଡ଼ ଗାଡ଼ିର ଯିବା ଆସିବାର ମୁଖ୍ୟ ଧାରା ହୋଇଥିବା ସତ୍ତ୍ୱେ ରକ୍ଷଣାବେକ୍ଷଣ ଅଭାବ ହେତୁ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ଖାଲଖମାରେ ଭରିଯାଇଛି। ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି।

# ଚାଷୀଙ୍କ ସମସ୍ୟା ଶୁଣିଲେ ବିଧାୟକ

ଖଇରା, ୩୧।୩ (ସମିସ): ଖଇରା ବ୍ଲକରେ ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣା ନେଇ ବହୁ ସମସ୍ୟାରେ ଚାଷୀ ରହିଛନ୍ତି। ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା କୁରୁଣ୍ଟା ବଜାରରେ ଚା ପେ ଚର୍ଚ୍ଚା ବେଳେ କୁରୁଣ୍ଟା ପଞ୍ଚାୟତ କିଛି ଚାଷୀ ମାନେ ପହଁଚି ବିଧାୟକ ଶ୍ରୀ ପଣ୍ଡାଙ୍କୁ ମଣ୍ଡି ରେ ଧାନ ଦେଇ ପାରୁନଥିବା ନେଇ ଦୁଃଖ ଜଣାଇଥିଲେ। ବିଧାୟକ ଚାଷୀଙ୍କ ଦୁଃଖ ଶୁଣି ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ କୁରୁଣ୍ଟା ମଣ୍ଡିରେ ଟାର୍ଗେଟ ନଥିବା ସହିତ ଶୀଘ୍ର ମିଲରଙ୍କୁ ଟାର୍ଗେଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ କଥା ହେବା ପରେ କୁରୁଣ୍ଟା ସମିତି କୁ ବାସୁଦେବ ମିଲର ୧୫ଶହ କୁଇଣ୍ଟାଲ ଓ ସଖୀ ମିଲରକୁ ୮୦୦ଶହ କୁଇଣ୍ଟାଲ ପ୍ରଦାନ କରାଯାଇଛି। କୁରୁଣ୍ଟା ସମିତିରେ ୨୩୦ ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଥିବାବେଳେ ଆଉ ଟାର୍ଗେଟ ଖୁବ୍ ଶୀଘ୍ର ଦିଆଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

# ମା' ଶୀତଳାଙ୍କ ସପ୍ତଦିନାତ୍ମକ ପୂଜା

ବାଲେଶ୍ୱର, ୩୧।୩ (ସମିସ): ରେମୁଣା ଅଞ୍ଚଳର ସର୍ବ ପୁରାତନ ପୂଜା ମା'ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ସାମ୍ବତ୍ସରିକ ପୂଜା ଉତ୍ସବ ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀ କୂଳରେ ଅବସ୍ଥିତ ଐତିହାସିକ ଗ୍ରାମ ବାଇତବାଙ୍କରେ ଆରମ୍ଭ ହୋଇଛି। ଆଜି ପ୍ରାତଃରୁ ମା'ଙ୍କ ଆସ୍ଥାନ କାକବରାଇ ଗ୍ରାମରୁ ଏକ ସୁସଜ୍ଜିତ ବିମାନରେ ଅଣାଯାଇ ସକାଳ ସକାଳ ୯ଟାରେ ଗ୍ରାମରେ ପହଞ୍ଚାଯାଇଥିଲା। ଗ୍ରାମ ମୁଣ୍ଡରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶଙ୍ଖ, ହୁଳହୁଳି, ବାଜା ଏବଂ କୀର୍ତ୍ତନରେ ସ୍ୱାଗତ କରିବାସହ ସହ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଗ୍ରାମବାସୀ ମା'ଙ୍କୁ ବିଭିନ୍ନ ପ୍ରକାର ଓ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଗ୍ରାମର ମଧ୍ୟ ଭାଗରେ ଥିବା ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଇଯାଇ ଘଟ ଉତ୍ତୋଳନ କରାଯାଇ ନିତ୍ୟାନ୍ତି ପୂଜା ଆରମ୍ଭ ହୋଇଛି। ସନ୍ଧ୍ୟାରେ ମା'ଙ୍କ ପ୍ରସିଦ୍ଧ



ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।

# ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ଶିବିର

ସୋର, ୩୧।୩ (ସମିସ): ସୋର ଗାନ୍ଧି ସେବା ସଂଘ ପୁରୁବାଇ କନ୍ୟାଶ୍ରମ ପରିସରରେ ସୋର ତାଲୁକ୍ ଆଇନ ସେବା କମିଟି ତରଫରୁ ନାଲସାର ନିର୍ଦ୍ଦେଶ କ୍ରମେ ଏକ ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରୀ ଆଇନଜୀବୀ କାହ୍ନୁଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସୋର ଆଇନ ସହାୟତା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ମୀନାକ୍ଷୀ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପଲ୍ଲବୀ ଦାସ ଯୋଗଦେଇ କହିଲେ ଯେ



ବାଲ୍ୟ ବିବାହ ମୁକ୍ତ ପାଇଁ କ୍ଷେତ୍ରରେ ଜନ ସଚେତନତା ଅତ୍ୟନ୍ତ ଜରୁରୀ। ପୁରୁବାଇ କନ୍ୟାଶ୍ରମର ସଂପାଦିକା ସୁମତି ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲିଗାଲ ଏଡ୍ ରିଟର୍ଣ୍ଣର ଭବ ଶଙ୍କର ଦାସ ଆଲୋଚନାରେ ଅଂଶ ଗ୍ରହଣ କରି ଆଇଗତ ସାମାଜିକ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ମହେଶ୍ୱର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଂଜନ ବାରିକ ଓ ସ୍ୱେଚ୍ଛାସେବୀ ସନତ ପାତ୍ର, ତପସ୍ୱିନୀ ପାତ୍ର, ଶଶିକାନ୍ତ କର, ସୁକାନ୍ତୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଉତ୍କଳ ଦିବସ ଉପଲକ୍ଷେ ଜଳେଶ୍ୱର ଅଞ୍ଚଳର ବାଲୁକାଶିଳ୍ପୀ ଅଜୟ ଘୋଷଙ୍କ କଦଳୀ ପତ୍ରରେ କଳାକୃତି

# ଫିନିକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋର, ୩୧।୩ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଅଡଙ୍ଗ ବଜାରସ୍ଥିତ ଫିନିକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷା ଲିପସିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କ୍ୟାନ୍ସର ଆର୍କିଭିଷ୍ଟ ସ୍ୱାଗତିକା ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଡ଼. ମୃତ୍ୟୁଞ୍ଜୟ ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପରିଚାଳକ ବିଭୁଦତ୍ତ ଦାସ ସହଯୋଗ କରିଥିଲେ।

# ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର, ୩୧।୩(ସମିସ): ସଦର ବ୍ଲକ ଅର୍ନ୍ତଗତ କଷାଫଳ ପଂଚାୟତର ସାହଛକ ଗ୍ରାମର ବଳରାମ ସରକାରୀ ଉପ୍ରା ବିଦ୍ୟାଳୟର ଶିଶୁ ସେବିକା ଚୟନରେ ଅନିୟମିତତା ହୋଇଥିବା ନେଇ ଆଜି କିଛି ଆବେଦନକାରୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗତକାଲି ଅର୍ଥାତ ସୋମବାର ସେମାନଙ୍କ ବିଦ୍ୟାଳୟରେ ଶିଶୁ ସେବିକା ଚୟନ କାର୍ଯ୍ୟ ହୋଇଥିଲା। ଏହି ଚୟନ ପ୍ରକ୍ରିୟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମାଝୀ,ଏସଏମସି ଚେୟାରମେନ ପୂର୍ଣ୍ଣଚନ୍ଦ୍ର ଶାସମଲ, ଦୁଇ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଏବଂ ଦୁଇ ସିଆରସିସି ଉପସ୍ଥିତ ଥିଲେ। କିନ୍ତୁ ସମସ୍ତ ଆବେଦନକାରୀଙ୍କୁ ବାହାର କରି ଏକ ଧନୀ ଶ୍ରେଣୀର ପ୍ରାର୍ଥିଙ୍କୁ ଚୟନ କରାଯାଇଛି। ଆବେଦନକାରୀଙ୍କ ମଧ୍ୟରେ ସରସ୍ୱତୀ ମାଝୀ ରହିଥିବା ବେଳେ ଅନ୍ୟ ଜଣେ ବିଧବା ମହିଳା ମାମୁନୀ ସାହୁ ଏବଂ ଅନ୍ୟମାନଙ୍କର ଶିକ୍ଷାଗତ ଯୋଗ୍ୟତା ଥିବା ବେଳେ ଅନିୟମିତତା କରି ଅନ୍ୟ ଜଣଙ୍କୁ ପ୍ରଦାନ କରିଛନ୍ତି। ଏଣୁ ଏହାର ସଠିକ ଭାବେ ତଦନ୍ତ କରାଯାଇ ଚୟନ କରାଯାଉ ବୋଲି ଆବେଦନକାରୀ ଝରଣାରାଣୀ ସାମଲ, ମାମୁନି ସାହୁ, ମଞ୍ଜୁଲତା ସେଠୀ ପ୍ରମୁଖଙ୍କ ଅନ୍ୟମାନେ ଦାବି କରିଛନ୍ତି।

# ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ

ରେମୁଣା, ୩୧।୩ (ସମିସ): ଶ୍ରୀରାମ ଭକ୍ତି ଚେତନା ସମିତି କଁଅରାଳି ଆନୁକୂଲ୍ୟରେ ଭାଗବତ ଟୁଙ୍ଗି ପରିସରରେ ଅନୁଷ୍ଠିତ ଶ୍ରୀରାମ ନବମୀ ସମାରୋହ ଉଦଯାପିତ ହୋଇଯାଇଛି। ସରୋଜ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଶିକ୍ଷାବିତ ଡ଼. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ଗବେଷକ ହରେକୃଷ୍ଣ ଗିରି, ଅତିଥି ଭାବେ ପ୍ରବଚକ ଅନାଦି ଚରଣ ବିନ୍ଧାଣି, ସତ୍ୟରଞ୍ଜନ ଦାସ, କମଳାକାନ୍ତ ଦାସ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ମହନୀୟ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ହିରାଲାଲ ପାକଳ ଅତିଥିଙ୍କ ପରିଚୟ ଦେଇଥିବାବେଳେ ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

# ସୁବର୍ଣ୍ଣରେଖା ହାଇସ୍କୁଲ ସମ୍ମୁଖରୁ ଅଳିଆ ହଟିଲା

କାଳିପଦା, ୩୧।୩ (ସମିସ): ବାଲିଆପାଳ ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ମାରାଥନ ଦୌଡରେ ଆଦର୍ଶ ସମାଜ ସେବୀ ତଥା ବାଲିଆପାଳ ପଞ୍ଚାୟତର ସରପଞ୍ଚ ବନଲତା ଦାସଙ୍କ ପ୍ରତିନିଧି ହେମନ୍ତ ଦାସ ଏବେ ଅଣ୍ଟା ଭିଡିଛନ୍ତି। ମଙ୍ଗଳବାର ବାଲିଆପାଳର ସର୍ବ ପୁରାତନ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବହୁ ଦିନରୁ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ୮ଜଣ ମଜୁରିଆଙ୍କୁ ନେଇ ଜେସିବି ଓ ଟ୍ରାକ୍ଟର ମାଧ୍ୟମରେ ଉଠାଇ ସେ ଅନ୍ୟ ସ୍ଥାନରେ ପକାଇଛନ୍ତି। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରୀ ରହିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

କାଳିପଦା, ୩୧।୩ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳାଡିହା ପନ୍ତା ମଣିଭଦ୍ର ଉ.ପ୍ରା.ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରାମ ରାଉଳଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୌରାହିତ୍ୟ କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧିରେନ୍ଦ୍ର ନାଥ ମହାନ୍ତି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୁଧାସିନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବିଶ୍ୱମ୍ବର ଜେନା, ଶିକ୍ଷକ ସମନ୍ୱୟ ସମିତିର ଉପଦେଷ୍ଟା ପ୍ରଭାତ କୁମାର ସାହୁ, ଶିକ୍ଷକ ମାୟାଧର ପରିଡ଼ା, ଜିଲ୍ଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ, ସରପଞ୍ଚ ମମତା କୁହ୍ଲାରି, ଆଳାଡିହା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ସିଆରସିସି. ରତିକାନ୍ତ ମଲ୍ଲିକ, ପୂର୍ବତନ ସି.ଆର.ସି. ସି. ଯୁଧିଷ୍ଠିର ବେହେରା, ଆଦର୍ଶ ଶିକ୍ଷକ ମଦନମୋହନ ପ୍ରାମାଣିକ,ଶିକ୍ଷକ ବାଇଧର ମଣ୍ଡଳ,ଶିକ୍ଷକ ଅଶୋକ ଗିରି କବି ଓ ଶିକ୍ଷକ ନଳିନୀକାନ୍ତ ପାଢ଼ୀ,ଏସ.ଏମ. ସି. ସଭାପତି ସରୋଜକୁମାର ପାତ୍ର ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ସୁମହତ ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଦେବସେନା କର୍ମଶାଳା

ଜଳେଶ୍ୱର, ୩୧।୩ (ସମିସ) : ଜଳେଶ୍ୱର ବ୍ଲକସ୍ତରୀୟ ଦେବସେନା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସବିତା ସେଠୀଙ୍କ ବାସଭାବନରେ ଅନୁଷ୍ଠିତ ବୈଠକରେ ଜିଲା ଦେବସେନା ସଭାପତି ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ ସଭାପତିତ୍ୱ କରି ରାଷ୍ଟ୍ରରେ ହିନ୍ଦୁମାନେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଦେବସେନା ରାଜ୍ୟ ଯୁବ ସଭାପତି ଶ୍ରୀମାନ ଶଙ୍କର ଜେନା, ବସ୍ତା ବ୍ଲକ୍ ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା ଅର୍ଚ୍ଚନା ଦତ୍ତ, ଜିଲା ଦିବ୍ୟାଙ୍ଗ ପ୍ରକୋଷ୍ଠ ଅଧ୍ୟକ୍ଷ ରଂଜିତ ମାନ୍ନା, ସଂପାଦକ ଖଗେନ୍ଦ୍ର ଜେନା, ବିଭୁ ଦତ୍ତ, ସୁଜାତା ଜେନା, ସୁଧିର ମହାନ୍ତି, ଲକ୍ଷ୍ମୀଧର ଜେନା, ତପନ ସେଠୀ, ରଣଜିତ୍ ସେଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ଦେବସେନାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର

କାଳିପଦା, ୩୧।୩ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ୟୁନିଟର ସ୍ୱତନ୍ତ୍ର ସେବା ଶିବିର କଲେଜ ପରିସରରେ ଉଦଯାପିତ ହୋଇ ଯାଇଛି। ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିବା ସହିତ ଏନଏସଏସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଅଜିତ ଭୂୟାଁ ଯୋଗ ଦେଇ ଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ସ୍ୱାଗତ ଭାଷଣ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତା ରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରଙ୍କ ଧାନକିଣା ନୀତିକୁ ନେଇ ରାସ୍ତା ଅବରୋଧ

ସୋର, ୩୧।୩ (ସମିସ)

ରାଜ୍ୟ ସରକାରଙ୍କ ଧାନ କିଣା ନୀତିକୁ ନେଇ ଚାଷୀ ମାନେ ଧାନ ବିକ୍ରି କରି ନ ପାରି ସୋର କୁପାରୀ ରାସ୍ତା ନଦୀଗାଁ ନିକଟରେ ଧାନ ବସ୍ତା ରାସ୍ତା ଉପରେ ରଖି ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ। ସୋର ବ୍ଲକ ନଦୀଗାଁ ସେବା ସମବାୟ ସମିତିରେ ପାଞ୍ଚଟି ପଞ୍ଚାୟତର ମୋଟ ୧୨୮୯ ଜଣ ଚାଷୀ ଖରିପ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିଲେ। ସରକାରଙ୍କ ତରଫରୁ ୩୭, ୫୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫, ୩୩୮ କୁଇଣ୍ଟାଲ ଧାନ କିଣା ଯାଇଛି।



ତେଣୁ ଅବଶିଷ୍ଟ ୨ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଚାଷୀ ମାନେ ବିକ୍ରି କରିପାରିନାହାନ୍ତି। ସରକାର ମାର୍ଚ୍ଚ ୩୧ ତାରିଖକୁ ଖରିଫ ଧାନ କିଣିବାର ଶେଷ ତାରିଖ ଘୋଷଣା କରିବା ପରେ ଚାଷୀଙ୍କ ଅସନ୍ତୋଷ ଦେଖା ଯାଇଥିଲା। ଫଳରେ ଆଜି ପୂର୍ବାହ୍ନରେ ସମିତି ସଭାପତି କରୁଣାକର ଖୁଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋର କୁପାରୀ ରାସ୍ତା ନଦୀଗାଁ ନିକଟରେ ରାସ୍ତାରେ ଧାନ ବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ଏ ବାବଦରେ ସୋର ତହସିଲ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକଙ୍କୁ ଅବଗତ କରାଇବା ପରେ ସେ ଅଧିକ ୧୫ ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ନିଶ୍ଚିନ୍ତପୁର ସରପଞ୍ଚ ସୌମେନ୍ଦ୍ରନାଥ ଦାଶମହାପାତ୍ର, ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ, ଚାଷୀ ବିଦ୍ୟାଧର ରାଉତ, ଉମାକାନ୍ତ ଦାସ, ଯଦୁନାଥ ରାଉତ, ବିକାଶ ରାଉତ, ପ୍ରଫୁଲ୍ଲ ଶିଅଳ, ମହେଶ୍ୱର ରାଉତଙ୍କ ସମେତ ଶତାଧିକ ପୁରୁଷ ମହିଳା ଚାଷୀ ସାମିଲ ହୋଇଥିଲେ।

# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ





କାଳିପଦା, ୩୧।୩ (ସମିସ): ବାଲିଆପାଳର ଜଗାଇଠାରେ ଅବସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅଧ୍ୟକ୍ଷା ମାନସୀ ସାହୁଙ୍କ ସଭାପତିତ୍ୱରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ରାଜୀବଲୋଚନ ମାଝୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ବିଜୟ କୁମାର ଜେନା ମତ ରଖିଥିଲେ। ପରିଶେଷରେ ଅଧ୍ୟାପିକା ମନସ୍ୱିନୀ ଆଚାର୍ଯ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ।

# ରାଜଧାନୀରେ ମହିଳା ସୁରକ୍ଷା ଓ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ: ବିଜେଡି

- ଓଡିଶା ବିଜେପି ନେତା ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷା ପ୍ରଚାର କରୁଛନ୍ତି
- ଏପଟେ ରାଜଧାନୀ ରାଜରାସ୍ତାରେ ବଙ୍ଗୀୟ ମହିଳା ଗଣଦୁଷ୍କର୍ମର ଶିକାର
- ପ୍ରତିଦିନ ରାଜ୍ୟରେ ଘଟୁଛି ୮ ଦୁଷ୍କର୍ମ, ୪ଟି ହତ୍ୟାକାଣ୍ଡ; ପୁଲିସ ବିଫଳ



ଭୁବନେଶ୍ୱର,୩୧।୩(ସମିସ): ମାର୍ଚ୍ଚ ୨୭ ତାରିଖରେ ରାଜଧାନୀ ଭୁବନେଶ୍ୱରର ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ପଶ୍ଚିମବଙ୍ଗର ଜଣେ ୨୫ ବର୍ଷୀୟ ମହିଳା ଭୁବନେଶ୍ୱର ରେଳଷ୍ଟେସନକୁ ଯିବା ପାଇଁ ଅପେକ୍ଷା କରିଥବାବେଳେ ୨ ଦୁର୍ବୃତ୍ତ ତାଙ୍କୁ ଲିଫ୍ଟ ଦେବା ବାହାନାରେ ଜଙ୍ଗଲକୁ ନେଇ ଦୁଷ୍କର୍ମ ଘଟଣା ରାଜ୍ୟର ମହିଳା ସୁରକ୍ଷା ବ୍ୟବସ୍ଥାର ନଗ୍ନ ଉଦାହରଣ ବୋଲି କହିଛି ବିଜେଡି। ବିଜେପି କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ କହିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ମହିଳା ମାନେ ଅସୁରକ୍ଷିତ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲିଖିତ ଉତ୍ତର ଅନୁଯାୟୀ ୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମାତ୍ର ୧୮ ମାସରେ ଓଡ଼ିଶାରେ ୪୮,୭୯୮ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି । ଏଥିରେ ୪୨୯୨ଟି ଦୁଷ୍କର୍ମ ମାମଲା ସାମିଲ୍ ରହିଛି, ଯାହା ଓଡ଼ିଶା ଇତିହାସରେ କେବେ ଘଟି ନ ଥିଲା । ମହିଳା ଅସଦାଚରଣ ମାମଲାରେ ବିଜେପି ଶାସିତ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟରେ ୨୦୨୫ ବର୍ଷରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି, ଯାହା ୨୦୨୪ ବର୍ଷଠାରୁ ୭.୩ ପ୍ରତିଶତ ଅଧିକ। ହତ୍ୟା ମାମଲା ୧,୩୦୪ଟି (ପ୍ରତିଦିନ ୪ଟି ହତ୍ୟା) ଏବଂ ଦୁଷ୍କର୍ମ ମାମଲା ୨୯୯୪ଟି (ପ୍ରତିଦିନ ୮ଟି ଦୁଷ୍କର୍ମ) ରୁଜୁ ହୋଇଛି । ଏହା ହିଁ ରାଜ୍ୟ ବିଜେପି ସରକାରର ସଫଳତା। ଗୋପାଳପୁର, ଧଉଳି, ବାଲିହାରଚଣ୍ଡୀ, ଚନ୍ଦ୍ରଗିରି ସହିତ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀରେ ଗଣଦୁଷ୍କର୍ମ ଘଟଣା ବୃଦ୍ଧି ପାଉଛି । ବିଜେଡି ସରକାର ସମୟରେ କରାଯାଇଥିବା ୬୦୦ ମହିଳା ଓ ଶିଶୁ ଡେସ୍କ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି । ମାତ୍ର ୫ ମାସରେ ୫୦ରୁ ଅଧିକ ନାବାଳିକା ଗର୍ଭବତୀ ହୋଇଛନ୍ତି । ଓଡ଼ିଶାରେ ମହିଳା ମାନେ ଅସୁରକ୍ଷିତ ଥିଲାବେଳେ ପଶ୍ଚିମବଙ୍ଗରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଓଡ଼ିଶା ବିଜେପିର ମାଳ ମାଳ ନେତା, ମନ୍ତ୍ରୀ ଓ ବିଧାୟକ ନିର୍ବାଚନ ପ୍ରଚାର କରିବା ହାସ୍ୟାସ୍ପଦ ଏବଂ ଦୁର୍ଭାଗ୍ୟଜନକ । ରାଜଧାନୀର ରାଜରାସ୍ତାରେ ପଶ୍ଚିମବଙ୍ଗର ଜଣେ ମହିଳା ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ ଘଟଣା ପ୍ରମାଣ କରୁଛି ଯେ, ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଥିଲେ।

### ଋଣ ଆଳରେ ଗ୍ରାମାଞ୍ଚଳ ମହିଳାଙ୍କୁ ୬୦ ଲକ୍ଷର ଚୂନ

# ଠକ ଦମ୍ପତି ଗିରଫ

### ଦୁଗୁଧାରୁ ଉଠାଇନେଲା ରେମୁଣା ଥାନା ପୁଲିସ୍



ଉଦଳା, ୩୧।୩ (ସମିସ): ପୂରା ରାଜକୀୟ ଠାଣି। ପୋଷାକପତ୍ର, ଚାଲିଚଳଣି, ଆଚାର ବ୍ୟବହାରରେ କେହି ଖୁଣ ବାହାର କରିପାରିବେନି। ସ୍ୱାମୀ-ସ୍ତ୍ରୀ, କେହି କାହାଠାରୁ କମ୍ ନୁହେଁ। ହେଲେ ଏପରି ଭଦ୍ର ଖୋଳପା ଭିତରେ ଚଳାଇଥିଲେ ଠକେଇର ମହାରାକେଟ୍। ଏପରି ଏକ ଠକ ଦମ୍ପତିଙ୍କୁ ରେମୁଣା ଥାନା ପୁଲିସ ଆଜି ଠକେଇ ଅଭିଯୋଗରେ ଗିରଫ କରିଛି। ଗ୍ରାମାଞ୍ଚଳ ମହିଳାଙ୍କୁ ଋଣ ଦେବା ଆଳରେ ଏମାନେ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦମ୍ପତି ହେଲେ, ଅଶ୍ୱିନୀ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ସତ୍ୟଭାମା ମହାପାତ୍ର। ଦୀର୍ଘ ବର୍ଷ ଧରି ଏମାନେ ଫେରାର୍ ଥିଲେ। ଆଜି ଅପରାହ୍ଣ ପ୍ରାୟ ୪ଟାରେ ପୁଲିସ ଦୁହିଁଙ୍କୁ ଉଦଳା ଥାନା ଦୁଗୁଧା ଗ୍ରାମରୁ ଉଠାଇ ନେଇଛି।

ମିଳିଥିବା ସୂଚନାନୁଯାୟୀ, ଏହି ମହାପାତ୍ର ଦମ୍ପତି ରେମୁଣା ଅଞ୍ଚଳର ଏକ ସରକାରୀ ଜାଗାକୁ ଦଖଲ କରି ସେଠାରେ ଘର କରିଥିଲେ ଏବଂ ସେହି ଘରୁ ଠକେଇର ମଞ୍ଜି ବୁଣିଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଦିଆଯାଉଥିବା ଲୋନ୍ କାରବାର କାମକୁ କରିଥିଲେ ମୋହରା। ଫାଇନାନ୍ସ କମ୍ପାନୀର ଅଧିକାରୀଙ୍କ ସହ ମିଶିବା ପରେ ସେ ସାଜିଥିଲେ ମଧ୍ୟସ୍ଥି। ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ମହିଳାମାନଙ୍କୁ ଲୋନ କରାଇ ଦେବାକୁ କହି ସେମାନଙ୍କ ନିକଟରୁ ଟଙ୍କା ନେଉଥିଲେ ଏବଂ ସମୟକ୍ରମେ ତାହାକୁ ଫେରସ୍ତ କରୁଥିଲେ। ହେଲେ ଅଳ୍ପ ଟଙ୍କା ନେଇ ଫେରାଇବା ପରେ ପରେ ଅଧିକ ଟଙ୍କା ମହିଳାଙ୍କ ନିକଟରୁ ନେଇଥିଲେ। ବିଶେଷକରି ବାଲେଶ୍ୱର ଜିଲ୍ଲାର ଅଚ୍ୟୁତପୁର, ଶ୍ରୀକୃଷ୍ଣପୁର ଏବଂ ଜାନୁଗଞ୍ଜ ଅଞ୍ଚଳରୁ ମହିଳାମାନଙ୍କ ନିକଟରୁ ଲୋନ କରାଇ ଦେବା ଆଳରେ ପ୍ରାୟ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଠକି ନେଇଥିଲେ। ଠକାମିର ଶିକାର ମହିଳାମାନେ ଏ ସଂପର୍କରେ ରେମୁଣା ଥାନାରେ ଏତଲା ଦେବାରୁ ଗିରଫଦାରୀ ଭୟରେ ଏହି ଦମ୍ପତି ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଫେରାର୍ ଥିଲେ।

# ଡାହାଣୀ ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା; ୪ ଗିରଫ



ରାଉରକେଲା, ୩୧।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ସଦର ଥାନା ସାନପତ୍ରାପାଲ୍ଲି ଗାଁରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସାନପତ୍ରାପାଲ୍ଲି କେଣ୍ଡାଖୋଲ ଗାଁର କୁମୁଦ ବାଗ୍ (୩୭), ଲବ କୁଜୁର(୨୨), ଶିବ ପ୍ରଧାନ (୪୨) ଏବଂ ପ୍ରମୋଦ ବାଗ(୩୫)। ହତ୍ୟାକାରୀଙ୍କ ଆକ୍ରମଣରେ ମୃତ ବୃଦ୍ଧଙ୍କ ପତ୍ନୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ସାନପତ୍ରାପାଲ୍ଲି ଅନ୍ତର୍ଗତ କେଣ୍ଡାଖୋଲ ଗାଁରେ ବାସ କରୁଥିବା ମହାଦେବ ପ୍ରଧାନ (୭୦) ପୂଜା ପାଠ କରିବା ସହ ଗୁଣିଗାରେଡ଼ି କରୁଥିଲେ ବୋଲି ଗ୍ରାମବାସୀ ସନ୍ଦେହ କରୁଥିଲେ। ମହାଦେବଙ୍କ ଗୁଣିଗାରେଡ଼ି ଦ୍ୱାରା ଗାଁର କିଛି ଲୋକଙ୍କୁ ଜ୍ୱର ହେବା ସହ ଭଲ ହେଉ ନଥିଲା ବୋଲି ଗ୍ରାମବାସୀ ସନ୍ଦେହ କରିଥିଲେ। ବିଶେଷକରି ଅଭିଯୁକ୍ତ କୁମୁଦ ବାଗର ପତ୍ନୀଙ୍କର ଗତ କିଛି ମାସ ପୂର୍ବେ ରୋଗରେ ପଡ଼ି ମୃତ୍ୟୁ ହୋଇଥିଲା। ଏଥିପାଇଁ କୁମୁଦ ମହାଦେବଙ୍କୁ ସନ୍ଦେହ କରି ତାଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା କରିଥିଲା। ତଦନୁଯାୟୀ ଗତ ୩୦ ତାରିଖ ସନ୍ଧ୍ୟା ସାଢ଼େ ୭ଟାରେ ଗାଁର ମୁକୁନ୍ଦ ସହ ଶିବ, ଭୈର, ଲବ, ପ୍ରମୋଦ ଏବଂ ଅନ୍ୟମାନେ ମହାଦେବଙ୍କ ଘରେ ଜୋରଜବରଦସ୍ତ ପଶି ଗୁଣି କରି ଲୋକଙ୍କୁ ମାରୁଛୁ ବୋଲି କହି ଗାଳିଗୁଲଜ କରିଥିଲେ। ଏହାପରେ ସେମାନେ ସଂଘବଦ୍ଧ ଭାବେ ମହାଦେବ ଓ ତାଙ୍କ ପତ୍ନୀ ଆମିଲ ପ୍ରଧାନଙ୍କୁ ଛୁରି, ଲାଠି ଓ ଫୁଙ୍କା ନଳ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମହାଦେବଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପତ୍ନୀ ଆମିଲ ଗୁରୁତର ଭାବେ ଆହତ ହୋଇଥିଲେ। ହତ୍ୟାକାରୀମାନ ଏହି ନାରକୀୟ କାଣ୍ଡ ଘଟାଇବା ପରେ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲେ। ଏହି ଘଟଣାରେ ମହାଦେବଙ୍କ ଝିଅ ଜୟନ୍ତୀ ବାଗ ଆଜି ସକାଳେ ସଦର ଥାନାରେ ଏତଲା ଦେବା ପରେ ପୁଲିସ ଘଟଣା ସମ୍ପର୍କରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଦର ଥାନା ଆଇଆଇସି ଏସ୍ ଦେବତା ଘଟଣାର ତଦନ୍ତ କରୁଥିବା ବେଳେ ସାଇଣ୍ଟିଫିକ ପୁଲିସ ଟିମ୍ ତଦନ୍ତ କରିଥିଲା। ଉପରୋକ୍ତ ୪ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଲାଠି ଓ ଫୁଙ୍କା ନଳକୁ ପୁଲିସ ଜବତ କରିଛି।

# ଗୁଣି ସନ୍ଦେହରେ ଶାଶୂକୁ ହାଣିଲା ବୋହୂ



ଉଦଳା, ୩୧।୩ (ସମିସ): ବୋହୂ ସାଜିଲା ରାକ୍ଷସୀ। ଗୁଣିଗାରେଡ଼ି ସନ୍ଦେହରେ ଶାଶୂକୁ ଅତି ନିର୍ଦ୍ଦୟ ଭାବେ ପନିକିରେ ହାଣିଲା। ପୁଅ ଆଖି ଆଗରେ ବୋହୂ ଏସବୁ କାଣ୍ଡ କରୁଥିଲେ ବି ପୁଅ କେବଳ ଦେଖଣାହାରୀ ସାଜିଥିଲା। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ୬ ନମ୍ବର ୱାର୍ଡରେ ଏଭଳି ଏକ ଅଘଟଣ ଘଟିଛି। ଆହତ ମହିଳାଜଣଙ୍କ ହେଲେ, ସାବିତ୍ରୀ ଦତ୍ତ। ପୁଲିସ ଗୁରୁତର ସାବିତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରାଇବା ସହ ଅଭିଯୁକ୍ତ ବୋହୂ ମାମି ଦତ୍ତକୁ ଅଟକ ରଖିଛି। ସୂଚନାନୁଯାୟୀ, ସାବିତ୍ରୀ ଆଜି ସନ୍ଧ୍ୟାରେ ଘର ବାହାରେ ବସିଥିବା ବେଳେ ଅଚାନକ ବୋହୂ ମାମି ତାଙ୍କୁ ଘର ଭିତରକୁ ଘୋଷାଡ଼ି ନେଇ ବେତରେ ନିର୍ଘାତ ମାଡ଼ ମାରିଥିଲେ। ସେତିକିରେ ତାଙ୍କ ରାଗ ଶାନ୍ତ ହେଲାନି ଯେ ପନିକିରେ ବି ହାଣି ଦେଇଥିଲେ। ଏଥିରେ ସାବିତ୍ରୀଙ୍କ ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ମାମିଙ୍କ ଏସବୁ କାଣ୍ଡ ଦେଖୁଥିଲେ ହେଁ ସ୍ୱାମୀ କୁଲୁ ତାଙ୍କୁ ଅଟକାଇନଥିଲେ। ତେବେ ସାବିତ୍ରୀଙ୍କ ଚିତ୍କାର ଶୁଣି ପଡ଼ିଶାଘର ଲୋକେ ସେଠାକୁ ତାଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ଗୁଣି ଗାରେଡ଼ି ସନ୍ଦେହରେ ମାମି ତାଙ୍କୁ ଏପରି ମରଣାନ୍ତକ ଆକ୍ରମଣ କରିଥିବା କହିଛନ୍ତି ସାବିତ୍ରୀ।

# ଘୁଞ୍ଚିଲା ଖଡ଼ିଛୁଆଁ; ୨ ପରିବର୍ତ୍ତେ ୪ ରେ ଉତ୍ସବ

ଭୁବନେଶ୍ୱର,୩୧।୩(ସମିସ): ଆସନ୍ତା ୨ ତାରିଖରେ ହେବାକୁ ଥିବା ଖଡ଼ିଛୁଆଁ ଉତ୍ସବକୁ ଘୁଞ୍ଚାଇ ଦେଇଛନ୍ତି ଋକାର। ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତି ପାଇଁ ୨ ପରିବର୍ତ୍ତେ ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ସରକାର କହିଛନ୍ତି। ଏନେଇ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ସୂଚନା ଦିଆଯାଇଛି। ଓସେପା ରାଜ୍ୟ ପ୍ରକଳ୍ପ ପ୍ରକଳ୍ପ ନିର୍ଦ୍ଦେଶିକା ଆଜି ଡିଇଓଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡି ଛୁଆଁ କାର୍ଯ୍ୟକ୍ରମ ପରିବର୍ତ୍ତନ କରାଯାଇଛି। ଆସନ୍ତା ୨ ବଦଳରେ ୪ ତାରିଖରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ବିଦ୍ୟାଳୟ ସ୍ତରରେ ପୂର୍ବ ନିର୍ଦ୍ଧାରିତ ୬ ରୁ ୮ ତାରିଖରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ବିଦ୍ୟାଳୟକୁ ଶିଶୁଙ୍କୁ ଆଣିବା ପାଇଁ ଖଡିଛୁଆଁ ଉତ୍ସବ ଅର୍ଥାତ୍ ୪ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ବୁଲିବ ବୋଲି କୁହାଯାଇଛି। ପ୍ରଥମଥର ବିଦ୍ୟାଳୟରେ ନାମଲେଖାଉଥିବା ଛାତ୍ରଛାତ୍ରୀଙ୍କ ନାମଲେଖାଇବା ପାଇଁ ଗତବର୍ଷ ଠାରୁ ବିଦ୍ୟାଳୟରେ ଛଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ପରିବାରକୁ ନିମନ୍ତ୍ରଣ ଦିଆଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଡିଇଓମାନଙ୍କୁ ଅବଗତ କରାଯାଇଛି।

### ଉଚ୍ଚଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ବାତାବରଣ

# ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନକୁ ମିଳିବ ୩ଟି ହ୍ୱିଲଚେୟାର୍

- ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତଥ୍ୟ ମାଗିଲା ଉଚ୍ଚଶିକ୍ଷା ବିଭାଗ
- ପ୍ରତି ଜିଲ୍ଲାରେ ନିଯୁକ୍ତ ହେବେ ନୋଡାଲ ଅଧିକାରୀ

ଭୁବନେଶ୍ୱର, ୩୧।୩(ସମିସ): ଉଚ୍ଚଶିକ୍ଷାରୁ ବାଦ୍ ପଡ଼ିବେ ନାହିଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ। ସେମାନଙ୍କ ପାଠପଢ଼ା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମସ୍ତପ୍ରକାର ସୁବିଧା ପ୍ରଦାନ କରାଯିବ। ପୂର୍ବରୁ ଉପଲବ୍ଧ ସୁବିଧାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି ଓ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯାତାୟତ ପାଇଁ ପ୍ରତି ଶିକ୍ଷାନୁଷ୍ଠାନକୁ ୩ ଟି ଲେଖାଏଁ ହ୍ୱିଲଚେୟାର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସହାୟକ ଉପକରଣ ଓ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଏସ୍‌ଓପି ଜାରି କରାଯାଇଛି। ଏସ୍‌ଓପି ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲାରେ ଜଣେ ଜିଲ୍ଲା ନୋଡାଲ ଅଧିକାରୀ ନିଯୁକ୍ତ ହେବେ। କଲେଜ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଭାଗକୁ ତଥ୍ୟ ପ୍ରଦାନ କରିବେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକଙ୍କ ମାଧ୍ୟମରେ ଏହି ତଥ୍ୟର ସତ୍ୟତା ଯାଞ୍ଚ କରିବେ। ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧତା ଅନୁଯାୟୀ ସହାୟକ ଉପକରଣ ଯୋଗାଇ ଦିଆଯିବ। କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନକୁ ୩ଟି ଲେଖାଏଁ ହ୍ୱିଲଚେୟାର ଯୋଗାଇଦେବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଆବଶ୍ୟକ ଉପକରଣ ଜିଲ୍ଲା କିମ୍ବା ବ୍ଲକ୍ ସ୍ତରରେ ଉପଲବ୍ଧ ନଥିଲେ ଆବଶ୍ୟକତା ଅନୁସାରେ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପଠାଇବେ। ନିୟମାନୁଯାୟୀ ସମସ୍ତ ଉପକରଣ କ୍ରୟ କରି ବଣ୍ଟନ କରାଯିବ। ଏହାସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତାଲିକା, ଉପକରଣ ପ୍ରାପ୍ତି ଓ ବଣ୍ଟନ ସମ୍ବନ୍ଧୀୟ ତଥ୍ୟ ସଠିକ ଭାବେ ରେକର୍ଡ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଉଚ୍ଚଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପଢ଼ିବା ପାଇଁ ନିଅଣ୍ଟିଆ ଭିତ୍ତିଭୂମି ସଂକ୍ରାନ୍ତୀୟ ଏକ ମାମଲାର ଶୁଣାଣୀ କରି ଉପଯୁକ୍ତ ବ୍ୟବସ୍ଥା କରିବାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନରେ ଲାପଟପ୍ ସହିତ ସ୍କ୍ରିନ୍-ରିଡର ସଫ୍ଟୱେର, ବ୍ରେଲି ଡିସପ୍ଲେ, ସ୍କ୍ରିନ୍ ମ୍ୟାଗ୍ନିଫାୟର, ଅଡିଓବୁକ୍/ଇ-ବୁକ୍ ସୁବିଧା, ରାମ୍ପ, ରେଲିଂ ଓ ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ରହିଥିବା ଓ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ସରକାର କୋର୍ଟଙ୍କୁ ଅବଗତ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ପରେ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ସୁଯୋଗ ଓ ସୁବିଧା ମିଳିବ ବୋଲି ଶିକ୍ଷାବିତମାନେ ଆଶାବ୍ୟକ୍ତ କରିଛନ୍ତି।

### 'ଜରିମାନା' ନଦେବାରୁ ଘରୁ ଉଠାଇନେଇ ହତ୍ୟା ମାମଲା

# ୧୦ ଜଣଙ୍କୁ ଆଜୀବନ

କେନ୍ଦୁଝର/ତୁରୁମୁଙ୍ଗା, ୩୧।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ୀ ଭାଲୁମରା ସାହିରେ ୨୦୧୯ ମସିହାରେ ସଂଘଟିତ କାଦେ ମାଝୀ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ସମସ୍ତ ୧୦ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୬ମାସ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ, ବଳରାମ ମାଝୀ (୪୫), କାହ୍ନୁ ମାଝୀ ଓରଫ୍ ପାଣ୍ଡିଆ (୭୦), ମିର୍ଜା ମାଝୀ (୪୫), ଭଜହରି ମାଝୀ (୨୨), ଲେଦା ମାଝୀ ଓରଫ୍ ମଙ୍ଗତ (୨୫), ଶୁକଦେବ ମାଝୀ (୨୨), ବେଞ୍ଚୁ ମାଝୀ ଓରଫ୍ ବାବୁଲୁ (୨୧), ମାସଙ୍ଗ ମାଝୀ (୨୫), ଶ୍ୟାମସୁନ୍ଦର ମାଝୀ (୫୮) ଏବଂ ଧନେଶ୍ୱର ମାଝୀ (୨୨)।



ସୂଚନାନୁଯାୟୀ, କାଦେଙ୍କ ଘରକୁ ଏକ ବଳଦ ଚାଲି ଆସିଥିଲା। ବଳଦ ଉପରେ କେହି ମାଲିକାନା ଜାହିର୍ ନ କରିବାରୁ ସେ ତାକୁ କିଛି ଦିନ ରଖିବା ପରେ ବିକି ଦେଇଥିଲେ। କିନ୍ତୁ ଗାଁର କିଛି ଲୋକଙ୍କ ଏହା ହଜମ ହୋଇନଥିଲା। ୨୫ଜୁଲାଇ ସନ୍ଧ୍ୟା ପ୍ରାୟ ୫ଟା ବେଳେ ସେମାନେ କଙ୍ଗାରୁକୋର୍ଟ ବସାଇ କାଦେଙ୍କୁ ୮ ହଜାର ଟଙ୍କା ଜରିମାନା ତୁରନ୍ତ ଦେବାକୁ କହିଥିଲ। ତେବେ କାଦେ ଟଙ୍କା ଦେଇନପାରିବାରୁ ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ତାଙ୍କୁ ଟେକି ନେଇଥିଲେ। ସ୍ତ୍ରୀ ମଧ୍ୟ ପଛେପଛେ ଯାଇଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଉତ୍ତ୍ୟକ୍ତ ଲୋକେ ମାଡ଼ ମାରିଥିଲେ। ଭୟରେ କାଦେଙ୍କ ସ୍ତ୍ରୀ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ସେଠାରେ କାଦେଙ୍କୁ ନିସ୍ତୁକ ପିଟି ହତ୍ୟା କରିବା ପରେ ତାଙ୍କ ଘର ପିଣ୍ଡାରେ ଶବକୁ ଫିଙ୍ଗି ଚାଲି ଯାଇଥିଲେ। କାଦେଙ୍କ ପୁଅ ସାଗୁ ମାଝୀ ଏ ସଂପର୍କରେ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପାଟଣା ପୁଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କରିଥିବାବେଳେ ଜଣେ ଅଭିଯୁକ୍ତ ଫେରାର୍ ଥିଲା। ଏସ୍‌ଆଇ ବୈଲୋଚନ ସିଂ ଘଟଣାର ତଦନ୍ତ କରିଥିବା ବେଳେ ଆଇନଜୀବୀ ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

### ■ ନୀଳଗିରିରେ ଫରେଷ୍ଟଗାର୍ଡଙ୍କୁ ଏସିଏଫ୍‌ଙ୍କ ମାଡ଼ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଗୁହାରି କଲେ ପତ୍ନୀ



ବାଲେଶ୍ୱର, ୩୧।୩ (ସମିସ): ନୀଳଗିରିରେ ଫରେଷ୍ଟଗାର୍ଡଙ୍କୁ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତ ଏସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ପତ୍ନୀ ଦୀପ୍ତିମୟୀ ମଙ୍ଗଳବାର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଗୁହାରି କରିଛନ୍ତି। ଦୀପ୍ତିମୟୀ କହିଛନ୍ତି ଯେ ଗାଡ଼ି ସାଇଡ୍‌କୁ କେନ୍ଦ୍ର କରି କୁଲଡିହା ରେଞ୍ଜର୍ ଏସିଏଫ୍ ସୁବ୍ରତ ବେହେରା ତାଙ୍କ ସ୍ୱାମୀ ପଦ୍ମଲୋଚନଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ପଦ୍ମଲୋଚନ ଏବେ ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଏ ସଂପର୍କରେ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ଅତିରକ୍ତ ଏସ୍‌ପି ଦିବ୍ୟଜ୍ୟୋତି ଦାସ କହିଛନ୍ତି ଯେ ଏହି ଘଟଣାରେ ବରହମପୁର ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ନିମାପଡ଼ା ବିଜେପି ବିବାଦ ଗୁମର ଖୋଲିଲେ ସମୀର

# ଫଟୋ ମେଲାଇଲା ବିଜେପି ଫାଟ

ପୁରୀ,୩୧।୩(ସମିସ): ପୁଣି ରାଜ୍ୟ ବିଜେପିର ଗୋଷ୍ଠୀବିବାଦ କ୍ଷତକୁ ତାଜା କରିଛି ନିମାପଡ଼ାରେ ଅପା-ଭାଇନା ବିବାଦ। ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ (ଭାଇନା) ନିୟମିତ ବ୍ୟବଧାନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା (ଅପା)ଙ୍କୁ ଶାଣିତ ଢଙ୍ଗରେ ଆକ୍ଷେପ କରୁଛନ୍ତି। ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବାର ଦିନ କେଇଟା ପରେ ହିଁ ନିମାପଡ଼ା ବିଜେପିରେ କଡ଼ ଲେଉଟାଇଥିଲା ଦଳୀୟ କନ୍ଦଳ। ଘନେଇଥିଲା ଅପା ଏବଂ ଭାଇନା ବିବାଦ। ନିର୍ବାଚନ ସମୟରେ ପ୍ରଭାତୀ ସମୀରଙ୍କ ପ୍ରତି ଯେଉଁ ଆନୁଗତ୍ୟ ଦେଖାଇଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ କରଛଡ଼ା ଦେଲେ। ଧୀରେ ଧୀରେ ସେମାନଙ୍କ ଭିତରେ କନ୍ଦଳ ବଢ଼ିଲା। କିନ୍ତୁ ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରୁଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ତିକ୍ତତାକୁ ପଦାରେ ପକାଇ ଦେଉଥିଲା। କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ଥିଲେ ସେଠାରେ କେବଳ ଜଣଙ୍କୁ ହିଁ ଦେଖିବାକୁ ମିଳୁଥିଲା। ନିର୍ବାଚନମଣ୍ଡଳୀରେ କାର୍ଯ୍ୟକ୍ରମ, ସଭା.ଶୋଭାଯାତ୍ରାର ସମାନ୍ତରାଳ ଆୟୋଜନ ପରୋକ୍ଷ ନୁହେଁ, ସମ୍ମୁଖ ଯୁଦ୍ଧ ଚାଲିଥିବା ଉଭୟ ଇଙ୍ଗିତ କରିଥିଲେ। ଏପରିକି ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ସେ କାହା କଥାରେ ଉଠ୍‌ବସ ହେବେ ନାହିଁ ବୋଲି କହି ରାଜ୍ୟ ନେତୃତ୍ୱଙ୍କୁ ଇସାରା ଦେଇଥିଲେ ସମୀର। ଏହା ପରଠାରୁ ଅପା-ଭାଇନାଙ୍କ ମଧ୍ୟରେ ଆକ୍ଷେପ ପ୍ରତି ଆକ୍ଷେପ ରାଜ୍ୟ ରାଜନୀତିକୁ ବେଶ୍ ଉଷ୍ମ କରିଆସିଛି। ହେଲେ ଗୋଟିଏ ଫଟୋ ଉଭୟଙ୍କ ଭିତରେ ସୃଷ୍ଟି ହୋଇଥିବା ଫାଟକୁ ମେଲା କରିଛି, ନିଜେ ସମୀର ଦାଶ ଏହାକୁ ସ୍ୱୀକାର କରିଛନ୍ତି।




ନିମାପଡ଼ାରେ ସମୀର ତାଙ୍କର ସମାନ୍ତରାଳ ସଂଗଠନ ଚଳାଇଛନ୍ତି। ଜିଲ୍ଲା ବିଜେପି ମୁଖିଆଙ୍କ ସହ ତାଙ୍କର ସମ୍ପର୍କ ଭଲ ନାହିଁ। ସମାନ ଭାବେ ରାଜ୍ୟ ନେତୃତ୍ୱ ତାଙ୍କ କଥାକୁ ସେମିତି ଗୁରୁତ୍ୱ ମଧ୍ୟ ଦେଉନାହାନ୍ତି। ତେଣୁ ନିମାପଡ଼ା-ଗୋପରେ ତାଙ୍କ ଦବ୍‌ଦବା ଜାହିର୍ କରିବା ଲାଗି ସମୀର ଲାଗିପଡ଼ିଛନ୍ତି। ଦୁଇ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ସେ ବୈଠକ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ରବିବାର ବାମନାଳ ପଞ୍ଚାୟତରେ ସମୀର ତାଙ୍କ ସମର୍ଥକଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ପ୍ରଭାତୀଙ୍କ ନେତୃତ୍ୱକୁ ସମୀର ସିଧା ସମାଲୋଚନା କରିଥିଲେ। କହିଥିଲେ, ପ୍ରଭାତୀ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେପିର କୌଣସି କାର୍ଯ୍ୟକ୍ରମରେ ତାଙ୍କ ସମର୍ଥକଙ୍କୁ ସାମିଲ କରୁନାହାନ୍ତି। ୩୦ ବର୍ଷ ଧରି ନିମାପଡ଼ା-ଗୋପରେ ତାଙ୍କର ସଙ୍ଗଠନ ରହିଛି। ତେଣୁ ଏହାକୁ ଆହୁରି ମଜବୁତ୍ କରିବା ଲାଗି ଏଭଳି ବୈଠକ କରୁଛନ୍ତି। ଇତିମଧ୍ୟରେ ନିମାପଡ଼ା ବ୍ଲକର ୩୧ ପଞ୍ଚାୟତରୁ ୨୨ଟିରେ ଏବଂ ଗୋପ ବ୍ଲକର ୧୧ଟି ପଞ୍ଚାୟତରୁ ୪ଟିରେ ବୈଠକ ସରିଲାଣି। ସମୟ ଆସିଲେ ଗେମ୍ ପ୍ଲାନ ହେବ। ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କୁ ଭୋଟ ନ ଦେବା ପାଇଁ ସମର୍ଥକମାନେ ଖୋଲାଖୋଲି କହୁଥିବାବେଳେ ସମୀର ସେମାନଙ୍କୁ ସମର୍ଥନ ଜଣାଇଛନ୍ତି । ତାଙ୍କ ସହିତ ଥିବା ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରଭାତୀ ହଇରାଣ ହରକତ କରୁଛନ୍ତି। ମିଥ୍ୟା ମାମଲା କରି ସେମାନଙ୍କୁ ଥାନାରେ ଭର୍ତ୍ତି କରାଉଛନ୍ତି ବୋଲି ସମୀର କହିବା ସହ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କୁ ଚେକ୍ ଦେବା ପାଇଁ ଚେତାବନୀ ଦେଇଛନ୍ତି।

ସମୀର ପୁଣି କହିଛନ୍ତି ଯେ ୨୦୨୪ ଜୁନ୍ ୪ ତାରିଖରେ ଫଳାଫଳ ପରେ ପ୍ରଭାତୀ ଆସି ମୋତେ ମୁଣ୍ଡିଆ ମାରିଲେ, ସେତେବେଳେ ଗୋଟିଏ ଫଟୋ ଉଠିଥିଲା। ୧୨ ତାରିଖରେ ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ ହେଲେ। ୨୦ ତାରିଖରେ ମୋ ଭାଇକୁ ଫୋନ୍ କରି ଫଟୋ କାହିଁକି ଭାଇରାଲ ହେଲା ବୋଲି ଉଲ୍ଲେଖ କରି ସମ୍ପର୍କ କାଟିଥିବା କହିଲେ। ଏହାପରେ ମୋ ଫୋନ୍ ସେ ଉଠାଇଲେନି କି ମେସେଜ୍ ରିସିଭ୍ କଲେନି। ତେଣୁ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀ ଯାହାଙ୍କୁ ପ୍ରାର୍ଥୀ କରିବେ ତାକୁ ଭୋଟ୍ ନ ଦେବା ପାଇଁ ସମର୍ଥକଙ୍କ ନିଷ୍ପତ୍ତିକୁ ସେ ମାନିବେ ବୋଲି କହିଛନ୍ତି ସମୀର। ନିଜର ଲୋକପ୍ରିୟତା ଏବଂ ଦକ୍ଷତାକୁ ପ୍ରମାଣ ଦେବା ପାଇଁ ୨୦୨୭ ପଞ୍ଚାୟତ ନିର୍ବାଚନକୁ ସମୀର ଟାର୍ଗେଟ କରିଥିବା ନିମାପଡ଼ାରେ ଚର୍ଚ୍ଚା ହେଉଛି।

### ଆଇପିଏଲ୍-୧୯ : ଚହଲଙ୍କ ପ୍ରଭାବୀ ବୋଲିଂ

# ଗୁଜରାଟକୁ ଅଟକାଇଲା ପଞ୍ଜାବ କିଙ୍ଗସ୍

ନ୍ୟୁ ଚଣ୍ଡିଗଡ଼, ୩୧ ।୩ (ଏଜେନ୍ସି)

ଚଳିତ ଆଇପିଏଲ୍-୧୯'ର ୪ର୍ଥ ମୁକାବିଲାରେ ପଞ୍ଜାବ କିଙ୍ଗସ ଓ ଗୁଜରାଟ ଟାଇଟାନ୍ସ ସାମ୍ନାସାମ୍ନି ହୋଇଛନ୍ତି । ମଙ୍ଗଳବାର ମୁଲାନପୁରର ମହାରାଜ ଯାଦବୀନ୍ଦର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପଞ୍ଜାବ ଅଧିନାୟକ ଶ୍ରେୟାସ ଆୟର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପାୱାର ପ୍ଲେ'ରେ ନିର୍ଭରଯୋଗ୍ୟ ଓପନର୍ ସାଇ ସୁଦର୍ଶନଙ୍କ ୱିକେଟ୍ ହରାଇଥିଲା । ଦୁଇଟି ଚୌକା ସହାୟତାରେ ୧୧ ବଲରେ ୧୩ ରନ କରିଥିବାବେଳେ ସୁଦର୍ଶନଙ୍କୁ ଆଉଟ୍ କରି ମାର୍କୋ ଜାନସେନ ପଞ୍ଜାବକୁ ପ୍ରଥମ ବ୍ରେକ-ଥ୍ରୁ ଦେଇଥିଲେ । ତେବେ ଦ୍ୱିତୀୟ ୱିକେଟ୍‌ରେ ଅନ୍ୟତମ ଓପନର ତଥା ଅଧିନାୟକ ଶୁବମାନ ଗିଲ୍ ଓ ଜୋଶ୍ ବଟଲର ଇନିଂସ ସଜାଡ଼ିଥିଲେ । ଉଭୟ ୩୫ ବଲରେ ୪୬ ରନର ଉପଯୋଗୀ ଭାଗୀଦାରି ଗଢ଼ିଥିଲେ । ତେବେ ଧୈର୍ଯ୍ୟର ସହ ଖେଳୁଥିବା ଗିଲଙ୍କୁ ଆଉଟ୍ କରି ଭେଟେରାନ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ଏହି ଯୋଡ଼ି ଭାଙ୍ଗିଥିଲେ । ଗିଲ୍ ୨୭ ବଲରେ ୬ ଚୌକା ସହାୟତାରେ ୩୯ ରନ କରି ଚହଲଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ଆଉଟ୍ ହୋଇଥିଲେ । ଏହାପରେ ମଧ୍ୟକ୍ରମର ଦୁଇ ବ୍ୟାଟର୍ ଗ୍ଲେନ ଫିଲିପ୍ସ ଓ ବଟଲର ୧୦ ରନ ବ୍ୟବଧାନରେ ଆଉଟ୍ ହେବା



ଫଳରେ ଗୁଜରାଟ ବ୍ୟାକଫୁଟକୁ ଚାଲିଯାଇଥିଲା । ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ଫିଲିପ୍ସ ୧୭ ବଲରୁ ୨୫ ରନ କରିଥିବାବେଳେ ବିଜୟ ବୈଶଙ୍କ ଶିକାର ବନିଥିଲେ । ସେହିଭଳି ବଟଲରଙ୍କୁ ୩୮ ରନ (୩୩ ବଲ, ୩ ଚୌକା ଓ ୨ ଛକା)ରେ ଆଉଟ୍ କରି ଚହଲ ଦ୍ୱିତୀୟ ସଫଳତା ପାଇଥିଲେ । ଶେଷ ଖବର ସୁଦ୍ଧା ଗୁଜରାଟ ୧୭ ଓଭରରେ ୪ ୱିକେଟ୍ ହରାଇ ୧୩୭ ରନ ସଂଗ୍ରହ କରିଛି ।

ଏହି ମ୍ୟାଚ୍‌ରେ ଗୁଜରାଟ ପାଇଁ ଖେଳି ଯୁବ ଦ୍ରୁତ ବୋଲର ଅଶୋକ ଶର୍ମା ଆଇପିଏଲ୍‌ରେ ପଦାର୍ପଣ କରିଛନ୍ତି । ଘରୋଇ କ୍ରିକେଟରେ ରାଜସ୍ଥାନ ପକ୍ଷରୁ ଖେଳୁଥିବା ୨୩ ବର୍ଷୀୟ ଅଶୋକଙ୍କୁ ଗତ ଖେଳାଳି ନିଲାମୀରେ ଗୁଜରାଟ ୯୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା । ଗତ ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ୧୯ଟି ୱିକେଟ୍ ନେଇଥିଲେ ।

| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ଲକ୍ଷ୍ନୌ ବନାମ ଦିଲ୍ଲୀ |
| ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ରାଜସ୍ଥାନଠାରୁ ୮ ୱିକେଟରେ ହାରିଲା ଚେନ୍ନଇ

ଗୌହାଟୀ,୩୧।୩(ଏଜେନ୍ସି): ସୋମବାର ଅନୁଷ୍ଠିତ ଆଇପିଏଲ୍-୧୯ର ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୮ ୱିକେଟରେ ଚେନ୍ନଇ ସୁପର କିଙ୍ଗସ (ସିଏସ୍‌କେ)କୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ୧୯.୪ ଓଭରରେ ମାତ୍ର ୧୨୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା । ଜବାବରେ ରାଜସ୍ଥାନ ୧୨.୧ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସୂର୍ଯ୍ୟବଂଶୀ ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ମୋଟ ୧୭ ବଲ୍ ଖେଳି ୪ ଚୌକା ଓ ୫ ଛକା ସହ ୫୨ ରନ୍‌ରେ ଆଉଟ ହୋଇଥିଲେ । ୧୫ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ତାଙ୍କ ଲାଗି ଦ୍ରୁତତମ । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟବଂଶୀଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ ୩୮ ଓ ଅଧିନାୟକ ରିୟାନ ପରାଗ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ । ଧ୍ରୁବ ଜୁରେଲଙ୍କ ବ୍ୟାଟରୁ ୧୮ ରନ୍ ମିଳିଥିଲା । ସିଏସ୍‌କେ ପକ୍ଷରୁ ଅଂଶୁଲ କାମ୍ବୋଜ ୨ଟି ଯାକ ୱିକେଟ ପାଇଥିଲେ । ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଏସ୍‌କେ ୧୯.୪ ଓଭରରେ ୧୨୭ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଇଂଲଣ୍ଡ ଅଲରାଉଣ୍ଡର ଜାମି ଓଭରଟନ୍ ସର୍ବାଧିକ ୪୩ ରନ୍ କରି ଶେଷ ଓଭରରେ ରନ୍‌ଆଉଟ ହୋଇଥିଲେ । ଶର୍ମା ୧୮ ଓ ସର୍ଫରାଜ ଖାନ୍ ୧୭ ରନ୍ କରିଥିଲେ । ରାଜସ୍ଥାନ ପକ୍ଷରୁ ବର୍ଗର, ଆର୍ଚର ଓ ଜାଡେଜା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

## ଆଇପିଏଲ୍ ସହ ଜଡ଼ିତ ବ୍ରିଟିଶ ବ୍ରଡ୍‌କାଷ୍ଟ ଇଞ୍ଜିନିୟରଙ୍କ ମୃତ୍ୟୁ

ମୁମ୍ବଇ, ୩୧ ।୩ (ଏଜେନ୍ସି): ଆଇପିଏଲ୍‌ରେ କାର୍ଯ୍ୟରତ ଥିବା ଜଣେ ବ୍ରିଟିଶ ବ୍ରଡକାଷ୍ଟ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି । ମୁମ୍ବଇର ଏକ ହୋଟେଲରୁ ଅଚେତ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେ ହେଲେ ୭୬ ବର୍ଷୀୟ ଜନ୍ ୱିଲିଅମ ଲାଙ୍ଗଫୋର୍ଡ । ମୁମ୍ବଇ ପୁଲିସର ସୂଚନା ଅନୁଯାୟୀ ଲାଙ୍ଗଫୋର୍ଡ ବିସିସିଆଇ ପାଇଁ କାର୍ଯ୍ୟ କରୁଥିଲେ ଏବଂ ଆଇପିଏଲ୍ ମ୍ୟାଚ୍ ପାଇଁ ମୁମ୍ବଇର ଏକ ହୋଟେଲରେ ରହୁଥିଲେ । ମୁମ୍ବଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ରବିବାର ମ୍ୟାଚ୍ ପରେ ଲାଙ୍ଗଫୋର୍ଡ ହୋଟେଲ ରୁମକୁ ଯାଇଥିଲେ । କିନ୍ତୁ ଏହାପର ଦିନ ରିସେପସନିଷ୍ଟ ତାଙ୍କୁ ଯୋଗାଯୋଗ କରିବାକୁ ଫୋନ କରିଥିଲେ ମଧ୍ୟ ସେ ରିସିଭ କରି ନ ଥିଲେ । ଏହାପରେ ତାଙ୍କ ପୁଲିସ ଉପସ୍ଥିତିରେ ମାଷ୍ଟର ଚାବି ମାଧ୍ୟମରେ ହୋଟେଲ ରୁମ ଖୋଲାଯାଇଥିଲା । ଏହି ସମୟରେ ଲାଙ୍ଗଫୋର୍ଡ ରୁମ ଚଟାଣରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଅବସରରେ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି । ଲାଙ୍ଗଫୋର୍ଡଙ୍କ ପରିବାରକୁ ସମସ୍ତ ଆବଶ୍ୟକୀୟ ସମର୍ଥନ ଓ ସହାୟତା ପ୍ରଦାନ କରିବାକୁ ଆଇପିଏଲ୍ ପ୍ରତିବଦ୍ଧ ବୋଲି କୁହାଯାଇଛି ।

## ବଲ୍ ଟାମ୍ପରିଂ ମାମଲାରେ ଜମାନ ୨ଟି ମ୍ୟାଚରୁ ବାସନ୍ଦ

କରାଚି, ୩୧ ।୩ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ବଲ୍ ଟାମ୍ପରିଂ କରି ବିବାଦରେ



ଫସିଥିବା ପାକ୍ କ୍ରିକେଟର୍ ଫକର ଜମାନଙ୍କୁ ୨ଟି ମ୍ୟାଚରୁ ବାସନ୍ଦ କରାଯାଇଛି । ଫଳରେ ସେ ପିଏସ୍‌ଏଲ୍‌ରେ ଲାହୋର କ୍ୱାଲାଣ୍ଡର୍ସ ପାଇଁ ଆଗାମୀ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ । ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି । ଟୁର୍ଣ୍ଣାମେଣ୍ଟର ଆଚରଣ ବିଧିର ଲେଭଲ-୩ ଅପରାଧ ଅନୁଯାୟୀ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୨୯ ତାରିଖରେ ଗଦାଫି ଷ୍ଟାଡିୟମରେ କରାଚି କିଙ୍ଗସ ଓ ଲାହୋର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଲାହୋର ପକ୍ଷରୁ ଖେଳୁଥିବା ବରିଷ୍ଠ କ୍ରିକେଟର୍ ଜମାନ ବଲ୍‌ର ଆକୃତିକୁ ଖରାପ କରିବାକୁ ପଡ଼ିଆ ମଝିରେ ଚେଷ୍ଟା କରିଥିଲେ । ଏହି ଘଟଣା ଫିଲ୍ଡ ଅମ୍ପାୟରଙ୍କ ନଜରରେ ପଡ଼ିଥିଲା । ଏହାପରେ ଅମ୍ପାୟର ବଲ୍‌କୁ ପରୀକ୍ଷା କରି ଏହା ଟାମ୍ପରିଂ ହୋଇଥିବା ଜାଣିବାକୁ ପାଇଥିଲେ । ପରେ ବଲ୍‌କୁ ବଦଳାଯାଇ ଖେଳ ପୁଣିଥରେ ଆରମ୍ଭ କରାଯାଇଥିଲା ।

## ନସୀମ ଶାହଙ୍କୁ ୬୭ ଲକ୍ଷ ଜରିମାନା

କରାଚି, ୩୧ ।୩ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ ଦେବା ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ପାଇଁ ମହଙ୍ଗା ପଡ଼ିଛି । ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଏଥିଲାଗି ନସୀମଙ୍କୁ ୨୦ ମିଲିୟନ ପାକିସ୍ତାନୀ ରୁପିସ ତଥା ୭୧,୪୮୮ ଡଲାର (ଭାରତୀୟ ମୁଦ୍ରାରେ ୬୭ ଲକ୍ଷ) ଜରିମାନା ଲଗାଯାଇଛି । ପ୍ରକାଶଯୋଗ୍ୟ, ଗଦାଫି ଷ୍ଟାଡିୟମରେ ଅନୁଷ୍ଠିତ ପାକିସ୍ତାନ ସୁପର୍ ଲିଗ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୱାଜ ସରିଫଙ୍କ ଝିଅ ତଥା ପଞ୍ଜାବର ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ଅତିଥିଭାବେ ଉପସ୍ଥିତ ରହିଥିଲେ । ତେବେ ବିନା ଦର୍ଶକରେ ପିଏସଏଲ୍ ମ୍ୟାଚ୍ ଆୟୋଜନ ହେଉଥିବାବେଳେ ମରିୟମଙ୍କ ଉପସ୍ଥିତିକୁ ନେଇ ନସୀମ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଥିଲେ । ଏହାକୁ ନେଇ ବିବାଦ ଦେଖାଦେଇଥିଲା ।

## ଭାରତୀୟ ବଧିର କ୍ରିକେଟ୍ ଦଳରେ ଶିବୁନା

ଭୁବନେଶ୍ୱର, ୩୧ ।୩ (ସମିସ): ଭାରତୀୟ ବଧିର କ୍ରିକେଟ୍ ଦଳ ଏକ ସୀମିତ ଓଭର ସିରିଜ ଖେଳିବା ଲାଗି ଏପ୍ରିଲ ମାସରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ । ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜ ଲାଗି ଭାରତୀୟ ଦଳରେ ଓଡ଼ିଶାର ଦ୍ୱିତୀୟ ଖେଳାଳି ଭାବେ ଶିବୁନା ନନ୍ଦ ସ୍ଥାନ ପାଇଛନ୍ତି । ଦୁଇଦିନ ତଳେ ତାଳଚେରର ସନ୍ତୋଷ କୁମାର ମହାପାତ୍ରଙ୍କୁ ସୁଯୋଗ ମିଳିଥିଲା । ମଙ୍ଗଳବାର ଏହି ଦଳରେ ବ୍ରହ୍ମପୁରର ଶିବୁନାଙ୍କୁ ସାମିଲ କରାଯାଇଛି । ଶିବୁନା ଜଣେ ଦକ୍ଷ ଅଲ୍‌ରାଉଣ୍ଡର । ସେ ୨୦୨୦ରୁ ଗଞ୍ଜାମ ଜିଲ୍ଲା କ୍ରିକେଟ୍ ସଂଘ ସହ ଜଡ଼ିତ ରହିଛନ୍ତି । ସେ ୨୦୨୩-୨୪ ଓ ୨୦୨୪-୨୫ ଦୁଇଟି ସିଜନ ଧରି ସମ୍ମାନଜନକ କୁଚ୍ ବିହାର ଟ୍ରଫିରେ ଓଡ଼ିଶା



ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ସେହିଭଳି ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏସିଆ ବଧିର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶିବୁନା ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ । ଭାରତୀୟ ବଧିର ଦଳ ୨୬ ଏପ୍ରିଲରୁ ମେ ୨ ତାରିଖ ପର୍ଯ୍ୟନ୍ତ ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଶିବୁନାଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

## ଅନାହତ ଓ ଅଭୟ ଏସିଆ ଶ୍ରେଷ୍ଠ ସ୍କ୍ୱାଶ୍ ଖେଳାଳି

ନୂଆଦିଲ୍ଲୀ, ୩୧ ।୩ (ଏଜେନ୍ସି): ଭାରତର ଦୁଇ ଯୁବ ସ୍କ୍ୱାଶ ଖେଳାଳି ଅଭୟ ସିଂ ଓ ଅନାହତ ସିଂହ ତାଙ୍କ କ୍ୟାରିୟରରେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ବର୍ଷ ୨୦୨୫ ଲାଗି ଅଭୟ ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ହକି ଖେଳାଳି ବିବେଚିତ ହୋଇଛନ୍ତି । ସେହିଭଳି ଅନାହତ ଏସିଆ ମହାଦେଶରେ ଶ୍ରେଷ୍ଠ ଜୁନିଅର ବାଳିକା ଖେଳାଳି ପୁରସ୍କାର ଜିତିଛନ୍ତି । ଏସିଆନ ସ୍କ୍ୱାଶ ମହାସଂଘ (ଏଏସଏଫ୍) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି । ସେହିଭଳି ଇଜିପ୍ଟରେ ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଟିମ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳକୁ ଶ୍ରେଷ୍ଠ ପୁରୁଷ ଦଳ ଟ୍ରଫି ଜିତିଛି । ଅଭୟ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୨୫ତମ ସ୍ଥାନରେ ରହିଛନ୍ତି । ସେହିଭଳି ଏସିଆନ




ଗେମ୍ସ ଓ ଏସିଆନ ଚାମ୍ପିଅନସିପ୍ ପଦକ ବିଜୟିନୀ ଅନାହତ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୨୦ତମ ସ୍ଥାନରେ ରହିଛନ୍ତି । ପ୍ରକାଶଯୋଗ୍ୟ ଏଥିପୂର୍ବରୁ ୨୦୨୨ରେ ଭାରତର ସୌରଭ ଘୋଷାଲ ଓ ଜ୍ୟୋତ୍ସ୍ନା ଚିନ୍ନାପ୍ପା ଯଥାକ୍ରମେ ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ଓ ମହିଳା ସ୍କ୍ୱାଶ ଖେଳାଳି ପୁରସ୍କାର ଜିତିଥିଲେ ।

## ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା: ସାଗର, ଅଜିତ ଓ ଓଡ଼ିଶା ରିଲେ ଦଳକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩୧ ।୩ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ପଦକ ବିଜୟଧାରା ଜାରି ରହିଛି । ମଙ୍ଗଳବାର ଓଡ଼ିଶା ଦଳ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ସହ ୪ଟି ପଦକ ବିଜୟୀ ହୋଇଛି । ପୁରୁଷ ହାଇଜମ୍ପରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି । ସାଗର ଏକ୍କା ସ୍ୱର୍ଣ୍ଣ ଓ ହେମନ୍ତ ଖାଡ଼ିଆ କାଂସ୍ୟ ପଦକ ଜିତିଛନ୍ତି । ସେହିଭଳି ଭାରୋତ୍ତୋଳନରେ ଅଜିଜ ଭୂୟାଁ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ଅଜିତ ପୁରୁଷ ଫ୍ରିଷ୍ଟାଇଲ ୫୭ କିଗ୍ରା ବର୍ଗରେ ପ୍ରଥମ ସ୍ଥାନରେ ରହିଥିଲେ । ଦିବସରେ ଓଡ଼ିଶା ୩ୟ ସ୍ୱର୍ଣ୍ଣ ପଦକ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସରୁ ଜିତିଥିଲା । ନୋବାଲ କୁମାର କିଶାନ, ଜୀବନ ମୁକ୍ତି ବିଲୁଙ୍ଗ, ଭୀମା ସର୍ଦ୍ଦାର ଓ ଅତୀଶ କିଣ୍ଡୋଙ୍କୁ ନେଇ





ଗଠିତ ଓଡ଼ିଶା ରିଲେ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା । ମଙ୍ଗଳାବର ସୁଦ୍ଧା ଓଡ଼ିଶାର ମୋଟ୍ ପଦକ ସଂଖ୍ୟା ୨୬ରେ ପହଞ୍ଚିଯାଇଛି । ଯେଉଁଥିରେ ୯ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୨ କାଂସ୍ୟ ପଦକ ରହିଛି । ଓଡ଼ିଶା ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ସ୍ଥିତ ରହିଛି । ସେହିଭଳି ୧୭ ସ୍ୱର୍ଣ୍ଣ ଏବଂ ୬ଟି ଲେଖାଏ ରୌପ୍ୟ ଓ କାଂସ୍ୟ ସହ କର୍ଣ୍ଣାଟକ ୨୯ ପଦକ ଜିତି ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛି ।

## ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗଦେଲେ ପେସ୍

ନୂଆଦିଲ୍ଲୀ, ୩୧ ।୩ (ଏଜେନ୍ସି): ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ୫୨ ବର୍ଷୀୟ ଲିଆଣ୍ଡର ମଙ୍ଗଳବାର ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଛାଡ଼ି ବିଜେପିରେ ଯୋଗଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ



କିରେନ ରିଜିଜୁଙ୍କ ଉପସ୍ଥିତିରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ପେସ୍ ପଦ୍ମ ଧରିଛନ୍ତି । ଏହି ଅବସରରେ ପେସ୍ କହିଛନ୍ତି ଯେ ଦୀର୍ଘ ୪୦ ବର୍ଷ ଧରି ଦେଶ ଓ ପରିବାର ନାମରେ ଖେଳିଲି । ଏବେ ଦେଶ ପାଇଁ କିଛି ସେବା କରିବାର ସମୟ ଆସିଛି । ଦେଶର ଯୁବପିଢ଼ିଙ୍କୁ କ୍ରୀଡ଼ା ଓ କ୍ରୀଡ଼ା ଶିକ୍ଷାରେ ଉନ୍ନତି ପାଇଁ କାମ କରିବି ବୋଲି ଲିଆଣ୍ଡର କହିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୧ରେ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ପେସ୍ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଟିଏମ୍‌ସିରେ ମିଶିଥିଲେ । ସେ ଗୋଆରେ ଟିଏମସି ପାଇଁ ପ୍ରଚର କରିଥିଲେ । କିନ୍ତୁ ନିର୍ବାଚନ ଲଢ଼ି ନ ଥିଲେ । ତେବେ ନିକଟରେ ବିଜେପି ଜାତୀୟ ସଭାପତି ନୀତୀନ ନବୀନଙ୍କୁ କୋଲକାତାରେ ପେସ୍ ଭେଟିଥିଲେ । ସେବେଠାରୁ ପେସ୍ ବିଜେପିରେ ଯୋଗଦେବେ ବୋଲି ଆକଳନ ଚାଲିଥିଲା ।

## ଏହେସାସ୍ ଟାଏକ୍ୱୋଣ୍ଡୋ ଏକାଡେମୀରେ ବେଲ୍ଟ ପ୍ରମୋସନ୍ ଟେଷ୍ଟ



ଭୁବନେଶ୍ୱର, ୩୧ ।୩ (ସମିସ): ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ ଓ ଏହେସାସ୍ ଟାଏକ୍ୱୋଣ୍ଡୋ ଏକାଡେମୀ ତରଫରୁ ୧୧ତମ ବେଲ୍ଟ ପ୍ରମୋସନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି । ଏହେସାସ ଏକାଡେମୀ ପରିସରରେ ଅନୁଷ୍ଠିତ ଏହି ବେଲ୍ଟ ପ୍ରମୋସନ ଟେଷ୍ଟରେ ୩ଟି ଭିନ୍ନ ଭିନ୍ନ କ୍ଲବରୁ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ପାରଦର୍ଶିତା ଦେଖାଇଥିଲେ । ବିଶେଷ କରି ଟାଏକ୍ୱୋଣ୍ଡୋର ବେସିକ କୌଶଳ, କିକିଙ୍ଗ ଡ୍ରିଲ୍ସ, ଫିଜିକାଲ ଫିଟନେସ ଟେଷ୍ଟ ଆଦି ଏହି ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅନୁଭବୀ ଏକ୍ସପର୍ଟ ଏବଂ କୋଚଙ୍କ ଉପସ୍ଥିତିରେ ପ୍ରତିଯୋଗୀମାନେ ଏହି ସବୁ ପରୀକ୍ଷା ଦେଇଥିଲେ । ସଫଳତାର ସହ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବାରୁ ଏହେସାସ ଟାଏକ୍ୱୋଣ୍ଡୋ ଏକାଡେମୀକୁ ଓଡ଼ିଶା ସଂଘ କୃତଜ୍ଞତା ଜଣାଇଛି । ଆଗାମୀ ଦିନରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାକୁ ସର୍ବଦା ପ୍ରୟାସ କରିବ ବୋଲି ଏହେସାସ ଟାଏକ୍ୱୋଣ୍ଡୋ ଏକାଡେମୀର ପ୍ରତିଷ୍ଠାତା ତଥା କୋଚ୍ ଏହେସାସ ହୋତା କହିଛନ୍ତି ।

## ଓସିଏ କ୍ଲବ୍ ଲିଗ୍ କ୍ୱାର୍ଟର ଆଜି

ଭୁବନେଶ୍ୱର, ୩୧ ।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ କ୍ରିକେଟ୍‌ର ୪ଟି ଯାକ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ । ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ଜଗତପୁର ଆଥଲେଟିକ୍ସ ଆସୋସିଏସନ ସାମ୍ନାସାମ୍ନି ହେବେ । ସେହିଭଳି ଜୁଭେନାଇଲ କ୍ଲବ ଓ ରୟାଲ କ୍ଲବ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ । ଏହି ମ୍ୟାଚ୍ ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ହେବ । ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ଓ ସନସାଇନ କ୍ଲବ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ରେଭେନସା ଗ୍ରାଉଣ୍ଡରେ ଏବଂ ବାରବାଟୀ କଲଚୁରାଲ ୟୁନିୟନ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ୪ର୍ଥ କ୍ୱାର୍ଟର ମୁକାବିଲା ସନସାଇନ ଗ୍ରାଉଣ୍ଡରେ ଖେଳାଯିବ । ଅପରପକ୍ଷରେ ଦୁଇଟିଯାକ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ । ଏପ୍ରିଲ ୩ ତାରିଖରେ ଫାଇନାଲ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି ।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ: କ୍ୱାର୍ଟରରେ ବିବିସିଏ ଓ ଆଇସିଆଇ

ଭୁବନେଶ୍ୱର, ୩୧ ।୩ (ସମିସ)

ଜୟଦେବ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭରତ ଭୂଷଣ କ୍ରିକେଟ୍ ଏକାଡେମୀ (ବିବିସିଏ) ଓ ଇଣ୍ଡିଆନ୍ କ୍ରିକେଟ୍ ଅଫ୍ ଇନଷ୍ଟିଚ୍ୟୁଟ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ପ୍ରତିଯୋଗିତାର ୭ମ ପ୍ରି-କ୍ୱାର୍ଟର ଫାଇନାଲରେ ବିବିସିଏ ୪୨ ରନରେ ଯଦୁପୁର କ୍ରିକେଟ୍ ଏକାଡେମୀକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ୨୦ ଓଭରରେ ୮ ୱିକେଟ୍ ହରାଇ ୧୨୧ ରନ କରିଥିଲା । ଦଳ ପକ୍ଷରୁ ସ୍ୱରିତ ଦାଶ ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଯଦୁପୁର ବୋଲର ସେକ୍ ଉଦ୍ଦିନଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ଜବାବରେ ଯଦୁପୁର ୧୭ ଓଭରରେ ୭୮ ରନରେ ସୀମିତ ରହିଥିଲା । ଅମିତେଶ ସାହୁ ୪ ଓଭରରେ ୧୨ ରନ ବ୍ୟୟରେ ୪ ୱିକେଟ୍ ନେଇ ବିବିସିଏକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସ୍ୱରିତ ଦାସଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ





କରାଯାଇଥିଲା । ଭରତ ଭୂଷଣ ଦାସ ଓ ଜିତୁ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ ।

ସେହିଭଳି ଅନ୍ୟ ଏକ ମ୍ୟାଚରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ବିପକ୍ଷରେ ଇଣ୍ଡିଆନ କ୍ରିକେଟ୍ ଅଫ୍ ଇନଷ୍ଟିଚ୍ୟୁଟ (ଆଇସିଆଇ)କୁ ବିଜୟୀ ଘୋଷିତ କରାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ୨୦ଓଭରରେ ୯ ୱିକେଟ୍‌ରେ ୧୦୬ ରନ କରିଥିଲା । ଦୀପକ ପାତ୍ର ୩୨ ରନ କରିଥିଫଲେ । ପ୍ରତିପକ୍ଷ ବୋଲର ଉଦିତ ନାରାୟଣ ଜଟାଙ୍କୁ ୨ଟି ୱିକେଟ ମିଳିଥିଲା । ଜବାବରେ ଆଇସିଆଇ ୧୦ ଓଭରରେ ୪ ୱିକେଟ୍ ହରାଇ ୨୫ ରନ କରିଥିବାବେଳେ ଏକ ଅପ୍ରିତିକର ପରିସ୍ଥିତି ଘଟିଥିଲା । ଅଧିକ ବୟସବର୍ଗର ଖେଳାଳି ଖେଳୁଥିବା ଅଭିଯୋଗ ଆଣି ମୁକ୍ତେଶ୍ୱର ଦଳର ଅଧିନାୟକ ଓ ମ୍ୟାନେଜର ଖେଳିବାକୁ ମନା କରିଦେଇଥିଲେ । ଫଳରେ ଅମ୍ପାୟରଙ୍କ ନିଷ୍ପତ୍ତି ଅନୁଯାୟୀ ଆଇସିଆଇକୁ ବିଜୟୀ ଘୋଷିତ କରାଯାଇଥିଲା । ଉଦିତ ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS